R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୨୯
ତିଥି : ଚତୁର୍ଦ୍ଦଶୀ
୦୬ ସେପ୍ଟେମ୍ବର ୨୦୨୫, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 329
06 Sept 2025, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ରାଜ୍ୟସ୍ତରୀୟ ଗୁରୁଦିବସ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

## ପିଲାଙ୍କ ସ୍ୱପ୍ନ ପୂରଣ ଲାଗି ଶିକ୍ଷକ ମାର୍ଗଦର୍ଶନ କରନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫ ।୯ (ସବ୍ୟୁ) : ଏବେ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଅସିମୀତ। ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ। ପିଲା ମାନଙ୍କୁ ନିଜ ଇଚ୍ଛାରେ ଉଡିବାକୁ ଦିଅନ୍ତୁ, ସ୍ୱପ୍ନ ଦେଖିବାକୁ ସୁଯୋଗ ଦିଅନ୍ତୁ ଏବଂ ସ୍ୱପ୍ନକୁ ପୂରଣ କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ



ମହାନ ରାଷ୍ଟ୍ରନୀତିଜ୍ଞ, ଆଦର୍ଶ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଡଃ ରାଧାକ୍ରଷ୍ଣନ ପ୍ରତ୍ୟେକ ବିଦ୍ୟାର୍ଥୀ ତଥା ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ହେଉଛନ୍ତି ଆଦର୍ଶ। ସେ କେବଳ ଜଣେ ବିଶିଷ୍ଟ

**୭୦ ମାଧ୍ୟମିକ ଶିକ୍ଷକଙ୍କୁ ରାଜ୍ୟସ୍ତରୀୟ ଶିକ୍ଷା ପୁରସ୍କାର**

**'ପଢ଼ିବା, ଗଢ଼ିବା ଓଡ଼ିଶା' ଆରମ୍ଭ**

ଶିକ୍ଷାବିତ, ଦାର୍ଶନିକ କିମ୍ବା ରାଷ୍ଟ୍ରନୀତିଜ୍ଞ ନଥିଲେ, ସେ ଥିଲେ ଭାରତବର୍ଷର ଜଣେ ଶ୍ରେଷ୍ଠ ଗୁରୁ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜିର ଶିକ୍ଷା ପଦ୍ଧତିରେ ଆମ (୯ ପୃଷ୍ଠାରେ)

## ଓଡ଼ିଶାର ଦୁଇ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର




ଭୁବନେଶ୍ୱର, ୫।୯ (ସବ୍ୟୁ): ଗୁରୁଦିବସରେ ଓଡ଼ିଶାର ଦୁଇ ଶିକ୍ଷକଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। କୋରାପୁଟ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାସ ଓ ମାଲକାନାଗିରି କୁଣ୍ଡେଲ ସରକାରୀ ନୋଡାଲ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ଏହି ପୁରସ୍କାର ମିଳିଛି।

ଶ୍ରୀ ଦାସଙ୍କୁ ଅଭିନବ ଶିକ୍ଷାଦାନ ପ୍ରଦ୍ଧତି ଏବଂ ଭାଷା ଶିକ୍ଷାକ୍ଷେତ୍ରରେ ଅବଦାନ ପାଇଁ ଏହି ପୁରସ୍କାର ମିଳିଛି। କଥାଚିତ୍ର, ମାଇରିଡିଂ ବୁକ୍ ଏବଂ ମାଇଂ ପିକ୍ଚର ପାଇଁ ଷ୍ଟୋରୀ ଏବଂ ମେ ବି ସ୍ପିକର ଭଳି ପ୍ରୟାସ ଜରିଆରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ସ୍ୱାକ୍ଷରତା ଏବଂ ଯୋଗାଯୋଗ ଦକ୍ଷତା ବୃଦ୍ଧି କରିଛନ୍ତି। ସେ ମଧ୍ୟ ମିଲେଟକ୍ରାନ୍ତି (୯ ପୃଷ୍ଠାରେ)

## ମୁମ୍ବାଇକୁ ଉଡାଇ ଦେବାକୁ ଧମକ

ମୁମ୍ବାଇ, ୫।୯ : ଗଣେଶ ପୂଜା ମୁମ୍ବାଇରେ ଧୂମଧାମ ପାଳନ ହୋଇଥିବା ଅବସରରେ ସହରକୁ ବୋମାରେ ଉଡାଇ ଦେବାକୁ ଏକ ଧମକପୂର୍ଣ୍ଣ ମେସଜ୍ ଟ୍ୟାଫିକ୍ ପୋଲିସଙ୍କର ହ୍ୱାର୍ଟ୍ସ ଅପକୁ ଆସିଛି। ଏହାପରେ ପୋଲିସ୍ ଏଭଳି ଧମକପୂର୍ଣ୍ଣ ବାର୍ତ୍ତା ପରେ ପୋଲିସ ମେସେଜରେ ଉଲ୍ଲେଖ କରାଯାଇଛି ଯେ, ସମଗ୍ର ମୁମ୍ବାଇରେ ୩୪ଟି ଗାଡିରେ ବୋମା ଖଞ୍ଜା ଯାଇଛି। ୧୪ ପାକିସ୍ତାନୀ ଆତଙ୍କବାଦୀ ଭାରତରେ ପ୍ରବେଶ କରିଛନ୍ତି। ୪୦୦ କେଜି ଆରଡିଏକ୍ସ ମଧ ମୁମ୍ବାଇକୁ ଆସିଛି। ପାଖା ପାଖି ୧ ଗୋଟି ଲୋକଙ୍କୁ ହତ୍ୟା କରିବାକୁ ଯୋଜନା

### ଭାରତ ଆସିଛନ୍ତି ୧୪ ପାକ୍ ଆତଙ୍କବାଦୀ

ହାଇଆଲାର୍ଟ ଜାରି କରିଛି। ମେସେଜ ପଠାଇଥିବା ବ୍ୟକ୍ତି ସେମାନଙ୍କୁ ଲସ୍କର-ଇ-ଜିହାଦି ବୋଲି ଦର୍ଶାଇଛି।

ମୁମ୍ବାଇ ଟ୍ରାଫିକ୍ ପୋଲିସର ହ୍ୱାର୍ଟ୍ସ ନମ୍ବରରେ ଆସିଥିବା ଧମକପୂର୍ଣ୍ଣ କରାଯାଇଛି। ଏହି ବିସ୍ଫୋରଣ ସାରା ମୁମ୍ବାଇରେ କମ୍ପନ ସୃଷ୍ଟି କରିବ। ଏଭଳି ବାର୍ତ୍ତା ପାଇବା ପରେ ମୁମ୍ବାଇ ପୋଲିସ ଆକ୍ସନ ମୋଡକୁ ଆସିଛି। ପୋଲିସ କର୍ତ୍ତୃପକ୍ଷ ସବୁ ଦିଗକୁ ନେଇ ଅନୁସନ୍ଧାନ କରୁଛନ୍ତି। ଏଭଳି ବାର୍ତ୍ତା ପାଠାଇଥିବା ପଛରେ କିଏ ରହିଛି ସେଥିଲାଗି ଅନୁସନ୍ଧାନ ଆରମ୍ଭ ହୋଇଛି। ମୁମ୍ବାଇରେ ୧୦ ଦିନ ଧରି ଗଣେଶ ପୂଜା ଚାଲିଛି। ଲକ୍ଷାଧିକ ଲୋକଙ୍କ ପାଇଁ ପୋଲିସ୍ ସୁରକ୍ଷା ବ୍ୟବସ୍ଥା କରିଛି। ଅଧିକାରୀଙ୍କ କହିବା ଅନୁଯାୟୀ ପ୍ରମୁଖ ସ୍ଥାନ ଗୁଡିକରେ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଅଧିକାଂଶ ସ୍ଥାନରେ କମ୍ବିଂ ଅପରେସନ କରାଯାଇଛି। ପୋଲିସ ପକ୍ଷରୁ ମୁମ୍ବାଇବାସୀଙ୍କୁ ଅନୁରୋଧ କରାଯାଇଛି ଯେ, ଏଭଳି ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ। କୌଣସି ସନ୍ଦେହ ଜନକ କାର୍ଯ୍ୟକଳାପ ଦୃଷ୍ଟିକୁ ଆସିଲେ ପୋଲିସକୁ ସୂଚନା ଦିଅନ୍ତୁ। ଆଇନ ଶୃଙ୍ଖଳା ଲାଗି ୨୧ (୯ ପୃଷ୍ଠାରେ)

## ସତର୍କ ସଂକେତ ଉପରେ ଜଳକା, ବୁଢ଼ାବଳଙ୍ଗ

ବାଲେଶ୍ୱର, ୫ ।୯ (ସବ୍ୟୁ): କିଛି ଦିନ ଧରି ବାଲେଶ୍ୱର ସମେତ ପଡୋଶୀ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହୋଇଛି। ଫଳରେ ବସ୍ତା ଦେଇ ପ୍ରବାହିତ ହେଉଥିବା ଜଳକା ନଦୀ ଅବବାହିକା ସମେତ ନଦୀର ଉପର ମୁଣ୍ଡ ରାସଗୋବିନ୍ଦପୁର, ମୋରଡା, ଶୁଳିଆପଦା, ଚିତ୍ରଡା ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ବୃଦ୍ଧି ପାଉଛି ନଦୀର ଜଳସ୍ତର। ସୁବର୍ଣ୍ଣରେଖାର ଉପରମୁଣ୍ଡରେ ଝିପି ଝିପି ବର୍ଷା ଲାଗି ରହିଥିବାରୁ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଜଳ ଆୟୋଗ କୌଣସି ଆଗୁଆ ସୂଚନା ଜାରି କରି ନ ଥିବାରୁ ଆଗାମୀ ୨୪ ଘଣ୍ଟା



ମଧ୍ୟରେ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ନାହିଁ ବୋଲି ଜଳସମ୍ପଦ ବିଭାଗର ଜଣେ ଅଧିକାରୀ କହିଛନ୍ତି। ତେବେ, ଜଳକା ଓ ବୁଢ଼ାବଳଙ୍ଗର ଜଳସ୍ତର ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଗୁରୁବାର ଠାରୁ ଶୁକ୍ରବାରି ସକାଳେ ୮ଟା ମଧ୍ୟରେ ସୁବର୍ଣ୍ଣରେଖା ନଦୀ ଅବବାହିକା ଅଞ୍ଚଳ ଜାମସେଦପୁରରେ ୧୦.୬ ଏମଏମ, ଘାଟଶିଳାରେ ୧୦.୨ ଏମଏମ, ଜାମଶୋଳାଘାଟରେ ୨୪.୨ ଏମଏମ, ଫେକଘାଟରେ ୧୩.୮ ଏମଏମ ଓ

**ବଢ଼ୁଛି ସୁବର୍ଣ୍ଣରେଖା**

ରାଜଘାଟରେ ସର୍ବାଧିକ ୩୭.୪ ଏମଏମ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଶୁକ୍ରବାର ଅପରାହ୍ନ ୩ଟା ସମୟରେ ରାଜଘାଟଠାରେ (୯ ପୃଷ୍ଠାରେ)

### ୮ରେ ଘୂର୍ଣ୍ଣିବଳୟ, ଦକ୍ଷିଣରେ ବର୍ଷା

## ୧୩ରୁ ପୁଣି ଆସୁଛି ଲଘୁଚାପ

ଭୁବନେଶ୍ୱର, ୫ ।୯ (ସବ୍ୟୁ): ରାଜ୍ୟରେ ଲଘୁଚାପ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୁଣି ୮ ତାରିଖରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଅଛି। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ଏହାସହ ୧୩ ତାରିଖ ବେଳକୁ ଆଉ ଏକ ଲଘୁଚାପ ଆସୁଛି। ଏଭଳି ଆକଳନ କରିଛି ପାଣିପାଗ ବିଭାଗ।

ଭାରତୀୟ ପାଣିପାଗ ବିଭାଗର ବିସ୍ତାରିତ ଆକଳନ ଅନୁସାରେ, ରାଜ୍ୟରେ ୮ ତାରିଖରୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ବର୍ଷାର ପରିମାଣ ବଢ଼ିବ। ତେବେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ଘୂର୍ଣ୍ଣିବଳୟ ସୃଷ୍ଟି ହେବା ପରେ ଏହାର ସ୍ପଷ୍ଟତା କହିହେବ ବୋଲି ପାଣିପାଗ ବିଜ୍ଞାନୀ କହିଛନ୍ତି। ଏଥିସହିତ ୧୩ ତାରିଖରୁ ଆଉ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହା ପ୍ରଭାବରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର କହିବାନୁଯାୟୀ, (୯ ପୃଷ୍ଠାରେ)

## ଓସିପିଏଲ୍‌କୁ ପଞ୍ଚତାରକା ମାନ୍ୟତା

ଭୁବନେଶ୍ୱର, ୫ ।୯ (ସବ୍ୟୁ) : ମୁମ୍ବାଇର ଟ୍ରାଇଡେଣ୍ଟ ହୋଟେଲରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ, ଭାରତ ସରକାରଙ୍କର କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା କୋଲ୍ ଏଣ୍ଡ ପାୱାର୍ ଲିମିଟେଡ୍ (ଓସିପିଏଲ)କୁ ପ୍ରତିଷ୍ଠିତ ୫-ତାରକା ମାନ୍ୟତା ପ୍ରଦାନ କରାଯାଇଛି। ଲଗାତାର ଚତୁର୍ଥ ବର୍ଷ ପାଇଁ ମିଳିଥିବା ଏହି ସମ୍ମାନ, ଓସିପିଏଲ୍‌ର କାର୍ଯ୍ୟକୁଶଳତା, ମାଇନ୍ ପରିଚାଳନା, ଶ୍ରେଷ୍ଠ ଶିଳ୍ପ ଅଭ୍ୟାସ, ଖଣି ସୁରକ୍ଷା ଏବଂ ପରିବେଶ ପ୍ରତି ଦୃଢ ସମର୍ପଣର ପ୍ରତୀକ ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଅଛି।




ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କର ସ୍ପଷ୍ଟ ଦୃଷ୍ଟିକୋଣ ଓ ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ, ଆଇଏଏସ୍ ଙ୍କ ମାର୍ଗଦର୍ଶନରେ, ଓସିପିଏଲ୍ କୋଇଲା ଏବଂ ବିଦ୍ୟୁତ କ୍ଷେତ୍ରରେ ନୂତନ (୯ ପୃଷ୍ଠାରେ)

## ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ୩ଛାତ୍ରୀ ଆହତ

ବାସୁଦେବପୁର, ୫ ।୯ (ସବ୍ୟୁ): ପବିତ୍ର ଗୁରୁଦିବସରେ ଘଟିଛି ଅଘଟଣ। ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ୩ ଛାତ୍ରୀ ଆହତ ହୋଇଥିବା ବେଳେ ଅଳ୍ପକେ ବର୍ତ୍ତିଗଲେ ଅନେକ ଛାତ୍ରୀ ଆହତ ଛାତ୍ରୀଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି। ଗୁରୁଦିବସ ପାଳନ କରି ମଧ୍ୟାହ୍ନ ଭୋଜନ ଖାଇବାକୁ ଯାଉଥିବାବେଳେ ଖସିଲା ଛାତ। ଏମିତି ଘଟଣା ଘଟିଛି ବାସୁଦେବପୁର ବ୍ଲକର କିସ୍ମତ କୃଷ୍ଣପୁର ପଂଚାୟତର ବହୁମାଘେରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ସରକାରଙ୍କ ପ୍ରାଥମିକ ବିଦ୍ୟାଳୟର ବିକଳ ଚିତ୍ର ଦେଖି କୁନି କୁନି ଶିଶୁମାନଙ୍କ ସୁରକ୍ଷାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ଶୁକ୍ରବାର ବହୁମାଘେରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁପୂଜନ କାର୍ଯ୍ୟକ୍ରମ ଶେଷ ପରି ମଧ୍ୟାହ୍ନ ଭୋଜନ ଖାଇବାକୁ ଛାତ୍ର ଛାତ୍ରୀମାନେ ଗଲେ। ଏହି ସମୟରେ ସ୍କୁଲର ଛାତର ତଳ ଭାଗ ଖସିବାରୁ ବାଲ ବାଟିକାର ଛାତ୍ରୀ ଶକୁନ୍ତଳା ମଣ୍ଡଳ, ଶୁଭଶ୍ରୀ କଳା ଓ ୩ୟ ଶ୍ରେଣୀର ଛାତ୍ରୀ ଶ୍ରାବଣୀ କଳା ଆହତ ହୋଇ ଚିତ୍କାର ଛାଡିଥିଲେ। ଶୁଭଶ୍ରୀ କଳାର ମୁଣ୍ଡରେ ଚୋଟ ଲାଗିଥିବାବେଳେ ଶକୁନ୍ତଳା ମଣ୍ଡଳଙ୍କ ମୁଣ୍ଡ ଫୁଲି ଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ମାଝୀ ତିନି ଛାତ୍ରୀଙ୍କୁ ତୁରନ୍ତ ବାଇକ ଯୋଗେ ବାସୁଦେବପୁର (୯ ପୃଷ୍ଠାରେ)

### ଟ୍ରମ୍ପଙ୍କ ବିବାଦୀୟ ବୟାନ

ନୂଆଦିଲ୍ଲୀ, ୫।୯ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ବିବାଦୀୟ ବୟାନ ଦେଇଛନ୍ତି। ଚୀନ ପାଖରେ ଭାରତ ଓ ରୁଷକୁ ହରାଇ ଦେଉଛୁ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ ଆମେ ଗଭୀରତମ ଅନ୍ଧକାରତମ ଚୀନ୍ ହାତରେ ଭାରତ ଏବଂ ରୁଷକୁ ହରାଇ ଦେଉଛୁ। ସେମାନଙ୍କ ଏକ ଦୀର୍ଘ ସମୃଦ୍ଧ ସମ୍ପର୍କ କାମନା କରୁଛୁ।

ଟ୍ରମ୍ପ ସୋସିଆଲ ମିଡିଆରେ ଏଭଳି ଉଲ୍ଲେଖ କରିଛନ୍ତି। ନିକଟରେ ଚୀନରେ ଅନୁଷ୍ଠିତ ସାଙ୍ଘାଇ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇଥିଲେ। ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି ଚୀନ ରାଷ୍ଟ୍ରପତି ସି ଜିଙ୍ଗପିନ୍ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ସହ କଥା ହୋଇଥିଲେ। ଖେଳାଳି ହସି ହସି

## ଭାରତ-ଋଷକୁ ହରାଇଲୁ



ଫଟୋ ଭାଇରାଲ ହୋଇଥିଲା। ଏହାକୁ ଦେଖି ଟ୍ରମ୍ପ ବିଚଳିତ ହୋଇଛନ୍ତି। ଉଭୟ ଭାରତ, ଚୀନ ଓ ରୁଷ ଶୀର୍ଷ ନେତୃତ୍ୱ ନେଇଛନ୍ତି। ଶକ୍ତି ସୁରକ୍ଷା ସହ ବିଭିନ୍ନ କ୍ଷେତ୍ରରେ ସହଯୋଗ କରି ରାଜି ହୋଇଛନ୍ତି। ବହୁ ଦଶନ୍ଧୀ ଧରି ଭାରତ ଓ ଚୀନ ମଧ୍ୟରେ ଦୂରତା ସୃଷ୍ଟି କରିବାରେ ଆମେରିକା ସକ୍ଷମ ହୋଇଥିଲା। ଟ୍ରମ୍ପ ତାଙ୍କର ପ୍ରଥମ ପାଳି ସରକାରୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବେଶ ବନ୍ଧୁତାପୂର୍ଣ୍ଣ ଆଚରଣ କରୁଥିଲେ। ଏସସିଓ ଓ ଶିଖର ସମ୍ମିଳନୀ ଲାଗି ୭ ବର୍ଷ ପରେ ପ୍ରଧାନମନ୍ତ୍ରୀ ମୋଦି ଚୀନ୍ ଯାଇଥିଲେ। ୨୦୨୦ରେ ଗଲୱାନ ଉପତ୍ୟାକା ସଂଘର୍ଷ ପରେ ପ୍ରଧାନମନ୍ତ୍ରୀ ଚୀନ୍ ଯାଇନଥିଲେ। ଟ୍ରମ୍ପ ତାଙ୍କ ଦ୍ୱିତୀୟ ପାଳି ସରକାରୀରେ ଭାରତକୁ ଆମେରିକା ରପ୍ତାନୀ (୯ ପୃଷ୍ଠାରେ)

### ହୀରାକୁଦର ୨୪ ଗେଟ୍ ଖୋଲିଲା

ସମ୍ବଲପୁର, ୫ ।୯ (ସବ୍ୟୁ) : ହୀରାକୁଦ ଡ୍ୟାମର ଜଳଧାରଣ କ୍ଷମତା ୬୩୦ଫୁଟ ଅଟେ। ଉପରମୁଣ୍ଡରେ ବର୍ଷା ଯୋଗୁଁ ଡ୍ୟାମର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୬.୫୮ ଫୁଟ ରହିଛି। ଏହାକୁ ଦୃଷ୍ଟିରେ ରଖି ଆଉ ୮ଟି ଗେଟ୍ ଖୋଲାଯାଇଛି। ମୋଟ ୨୪ଟି ଗେଟ୍ ଖୋଲା ଯାଇଥିବା ବେଳେ ବାମପଟୁ ୧୬ଟି ଓ ଡାହାଣପଟୁ ୮ଟି ଗେଟ୍ ଖୋଲା ରହିଛି। ତେବେ ଜଳଭଣ୍ଡାରକୁ ୩ଲକ୍ଷ ୯୯ହଜାର୨୯୫ଘନଫୁଟ ଜଳ ପ୍ରବେଶ କରୁଛି। ସେହିପରି ୪ଲକ୍ଷ୨୪ହଜାର୭୦୫ଘନଫୁଟ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ୩ଲକ୍ଷ ୮୮ହଜାର୩୬୮ଘନଫୁଟ ସ୍ପିଲୱେ, ୩୨ହଜାର୮୯ଘନଫୁଟ ପାୱାର ଚେନାଲ, ୪ହଜାର୩୪ଘନଫୁଟ କେନାଲ ଓ ୨୧୪ ଘନଫୁଟ କଳକାରଖାନାକୁ ଛଡା (୯ ପୃଷ୍ଠାରେ)

## ଏନ୍‌କାଉଣ୍ଟରରେ ୬ ମାଓବାଦୀ ନିପାତ

ମାଲକାନଗିରି, ୫ ।୯ (ସବ୍ୟୁ): ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଏବଂ ଦନ୍ତେୱାଡା ଜିଲ୍ଲା ସୀମାରେ ଶୁକ୍ରବାର ସକାଳୁ ପୁଲିସ- ମାଓବାଦୀ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏହି ଗୁଳିବିନିମୟରେ ୬ ଜଣ ମାଓବାଦୀ ନିପାତ ହୋଇଥିବା ଜଣାପଡ଼ିଛି। ଏଥିସହ ବହୁ ପରିମାଣରେ ମାଓ ବିସ୍ଫୋରକ ସହ ବନ୍ଧୁକ ଜବତ କରାଯାଇଛି। ଏହି ଘଟଣାଟି ଥୁଲଥୁଲି ଜଂଗଲରେ ଘଟିଛି। ଗୁରୁବାର ଆବୁଝମାଡ଼ ଜଂଗଲକୁ ଡିଆରଜି ଏବଂ ଏସଟିଏଫ ଯବାନ କମ୍ବିଂ ଅପରେସନରେ ବାହାରିଥିଲେ। ମାଓବାଦୀ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ। ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ଗୁଳିବିନିମୟ ପରେ ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ଯବାନ



ସର୍ଚ୍ଚ ଅପରେସନ କରୁଥିବା ବେଳେ ୬ ଜଣ ମାଓବାଦୀଙ୍କର ମୃତଦେହକୁ ଉଦ୍ଧାର କରିଥିଲେ। ଏହା ପୂର୍ବରୁ ନାରାୟଣପୁର ସୀମାରେ ଗତ ୨୮ ତାରିଖରେ ଯବାନ ୪ ଜଣ ମାଓବାଦୀଙ୍କୁ ଏନକାଉଣ୍ଟର କରିଥିଲେ।

ଗତ ଏପ୍ରିଲ ଓ ମେ ମାସରେ ଅପରେସନ ବ୍ଲାକ ଫରେଷ୍ଟରେ ୩୧ ଜଣ ମାଓବାଦୀଙ୍କୁ ଏନକାଉଣ୍ଟର କରାଯାଇଥିଲା। ଚଳିତ ବର୍ଷ ଆଜି ପର୍ଯ୍ୟନ୍ତ ୨୦୦ ମାଓବାଦୀ ମୃତ୍ୟୁବରଣ କରିସାରିଲେଣି। ସେହିଭଳି ୨୦୨୩ ଡିସେମ୍ବରରୁ ଆଜି ପର୍ଯ୍ୟନ୍ତ ୪୫୩ ଜଣ ମାଓବାଦୀ ମୃତ୍ୟୁବରଣ କରିସାରିଥିବା ବେଳେ ୧୬୧୬ ଜଣ ଗିରଫ ହୋଇଛନ୍ତି। ୧୬୬୬ ଜଣ ଆତ୍ମସମର୍ପଣ କରିସାରିଲେଣି। ବର୍ତ୍ତମାନ ଅପରେସନ-୨୦୨୬ ଆରମ୍ଭ ହୋଇଛି। (୯ ପୃଷ୍ଠାରେ)

### ଏକାଦଶାହରେ ଶ୍ରଦ୍ଧାଞ୍ଜଳି

## ବାଲ୍ୟବନ୍ଧୁ ହରିହର ପଣ୍ଡା



ମୋର ବାଲ୍ୟବନ୍ଧୁ ତଥା ଆଜୀବନ ଅନ୍ତରଙ୍ଗ ସାଙ୍ଗ ହରିହର ଆଜି ଭୋର ବେଳରେ ନିଦ୍ରାଦେବୀଙ୍କ କୋଳରେ ଚିରନିଦ୍ରାରେ ଶୋଇଗଲେ ! ଆମେ ସାଙ୍ଗ ହୋଇ ରେଭେନ୍ସା କଲିଜିଏଟ ସ୍କୁଲରୁ ମାଟ୍ରିକ ପ୍ରଥମ ଶ୍ରେଣୀରେ ପାସ କରି ରେଭେନ୍ସା କଲେଜରେ ଆଇ.ଏସ୍ ସି, କ୍ଲାସରେ ନାଁ ଲେଖେଇଥିଲୁ, ୧୯୪୯ ଜୁଲାଇରେ । ପରବର୍ତ୍ତୀ ସମୟରେ ସେ ଦିଗ ବଦଳେଇ ଆର୍ଟ୍ସ ପଢିଲେ । ସମୟ କ୍ରମେ ସେ ହାକିମ ହେଲେ ଏବଂ ଜୀବନ ସ୍ରୋତରେ ଭାସି ବହୁ ଦିଗରେ ଗତିକଲେ । କିନ୍ତୁ ସେ ଯେତେ ଯୁଆଡେ ଗଲେ ମଧ୍ୟ ଆମର ବନ୍ଧୁତା ଦୃଢରୁ ଦୃଢତର ହୋଇ ବିଗତ ପ୍ରାୟ ଅଶୀବର୍ଷ ଧରି ସମୃଦ୍ଧ ହୋଇଚାଲିଥିଲା । ଆଜି ସେଥିରେ ଯବନିକା ପାତହେଲା ।

ତାଙ୍କର ପରିବାର ଆମ ପରିବାର ସହିତ ଏହି ସମୟଖଣ୍ଡ ଭିତରେ ବିଭିନ୍ନ ସୂତ୍ରରେ ଅନୁବନ୍ଧିତ ହୋଇସାରିଥିଲା ସମୟ କ୍ରମେ । ଉଲ୍ଲେଖନୀୟ ଯେ ଆମେ ଦୁହେଁ ଥିଲୁ ସେ ସମୟର ଦୁଇ ପ୍ରସିଦ୍ଧ ପ୍ରଧାନ ଶିକ୍ଷକଙ୍କର ଜାମାତା । ହରିହର ଥିଲେ କଲିଜିଏଟ ସ୍କୁଲର ପ୍ରସିଦ୍ଧ ଗଣିତଜ୍ଞ ନାରାୟଣ ପତିଙ୍କର ଜାମାତା ଓ ମୁଁ ପ୍ରସିଦ୍ଧ ଗଣିତଜ୍ଞ ଓ ବିଜ୍ଞାନ ଶିକ୍ଷାବିତ ନନ୍ଦକିଶୋର ରଥଙ୍କ ଜାମାତା, ଏହି ସୂତ୍ରରେ ହରିହରଙ୍କ ପତ୍ନୀ ଶକୁନ୍ତଳା ମୋ ପତ୍ନୀ ନିରୁପମାଙ୍କର ସାନ ଭଉଣୀ ଲେଖା ହୁଅନ୍ତି । ଏହି ମଧୁର ସମ୍ପର୍କ ଆମ ପରିବାରଦ୍ୱୟକୁ ମଧୁର ସୂତ୍ରରେ ଚିରକାଳ ବାନ୍ଧି ରଖିଛି । କେବଳ ଆମକୁ ନୁହେଁ, ଆମ ପିଲାମାନଙ୍କୁ ମଧ୍ୟ । କିଛି ବର୍ଷ ତଳେ ହରିହରଙ୍କ ପତ୍ନୀ ପ୍ରସିଦ୍ଧ ସାହିତ୍ୟିକା ଓ 'ସୁଚରିତା' ପତ୍ରିକାର ସମ୍ପାଦିକା ଶକୁନ୍ତଳାଙ୍କର ଅକାଳ ବିୟୋଗ ଘଟିଥିଲା । ଆଜି ସାଙ୍ଗ ହରିହର ଚାଲିଗଲେ । ଜଗତଟା କ୍ରମଶଃ ବନ୍ଧୁଶୂନ୍ୟ ହେବାରେ ଲାଗିଛି । ହରିହରଙ୍କର ପିଲାମାନଙ୍କୁ ଏ ଦୈବୀ ଦୁଃ ବେଳରେ କିପରି ସାନ୍ତ୍ୱନା ଦେବି ଭାଷା ପାଉନାହିଁ । ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ରକ୍ଷା କରନ୍ତୁ ।

**ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଶିଷ୍ଟ ଔପନ୍ୟାସିକ**

### ଇତିହାସ

୧୫୨୨– ସମୁଦ୍ର ପଥରେ ପୃଥିବୀର ପୂରା ଚକ୍କର କାଟିଥିବା ପ୍ରଥମ ଜାହାଜ ଭିକ୍ଟୋରିଆ ସ୍ପେନ୍ ଫେରିଲା ।

୧୮୮୯– ବାରିଷ୍ଟର ତଥା ସୁଭାଷ ଚନ୍ଦ୍ର ବୋସଙ୍କ ଭାଇ ସରତ ଚନ୍ଦ୍ର ବୋସ୍‌ଙ୍କ ଜନ୍ମ ।

୧୯୪୮– ଜୁଲିଆନା ନେଦରଲାଣ୍ଡ୍‌ର ମହାରାଣୀ ହେଲେ ।

୧୯୭୨– ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ବିଖ୍ୟାତ୍ ସରୋଦ ବାଦକ ଉସ୍ତାଦ ଆଲ୍ଲାଉଦ୍ଦିନ ଖାନ୍‌ଙ୍କ ଦେହାନ୍ତ ।

୧୯୯୦– ପ୍ରସାଦ ଭାରତୀ ବିଲ୍ ସଂସଦରେ ପାରିତ ।

୧୯୯୮– ଲୋକପ୍ରିୟ ଜାପାନୀ ଫିଲ୍ମ ନିର୍ଦ୍ଦେଶକ ଅକିରା କୁରାସୋୱାଙ୍କ ପରଲୋକ ।

୨୦୦୫– ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ମେଜର ଧନସିଂହ ଥାପାଙ୍କ ପରଲୋକ ।

୨୦୦୮– ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଚୁକ୍ତିକୁ ମଞ୍ଜୁରୀ ।

## ମନପରିବର୍ତ୍ତନ ଠିକ କରିବ ଭିଟାମିନ୍



**ଅନେକ ସମୟରେ ଆମର ମନପରିବର୍ତ୍ତନ ମୁଡ ସୁଇଂ ଦେଖିବାକୁ ମିଳିଥାଏ । ଏଗୁଡିକର ପ୍ରଭାବ ଆମର ବ୍ୟବହାର ଉପରେ ପଡିଥାଏ । ତେବେ ମୁଡ ସୁଇଂର କାରଣ ଆମ ଶରୀରରେ ପୋଷଣ ତତ୍ୱର ଅଭାବ ମଧ ହୋଇପାରେ । ସଦ୍ୟତମ ଗବେଷଣା ଅନୁଯାୟୀ ଆମ ଶରୀରରେ ଭିଟାମିନ ସି ୭ର ଅଭାବରେ ଅତ୍ୟଧୀକ ପରିମାଣରେ ମୁଡ ସୁଇଂ ହୋଇଥାଏ । ତେବେ ବିଭିନ୍ନ ମାନସିକ ସମସ୍ୟା ପାଇଁ ଭିନ୍ନଭିନ୍ନ ଭିଟାମିନକୁ କାରଣ ଭାବେ ଦାୟୀ କରାଯାଇଥାଏ ।**

**ଭିଟାମିନ୍ ଡି–** ଭିଟାମିନ୍ ଡି ଆମ ଶରୀରରେ ମୁଡ ରେଗୁଲେସନରେ ଖୁବ ପ୍ରଭାବ ପକାଇଥାଏ । ଭିଟାମିନ୍ ମୁଡ୍ ରେଗୁଲେସନ କରିବା ସହିତ ଷ୍ଟେରୋଟୋନିନ୍‌କୁ ବୁଷ୍ଟ କରିଥାଏ, ଯାହା ଆମକୁ ଖୁସି ରଖିଥାଏ ।

**ଓମେଗା ୩–** ଓମେଗା-୩ ବା ଫ୍ୟାଟି ଏସିଡ୍ ଉପରେ ଆମର ବ୍ରେନ୍ ହେଲ୍‌ଥ ନିର୍ଭର କରୁଛି । ତେଣୁ ଏହି ପୋଷଣର ଅଭାବ କାରଣରୁ ଆମର ଡିପ୍ରେସନ ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ଏହା ବିଭିନ୍ନ ମୁଡ୍ ଡିଜଅର୍ଡରର କାରଣ ହୋଇପାରେ ।



**ଭିଟାମିନ୍ ବି–** ଆମ ଶରୀରରେ ସେରୋଟୋନିନ୍ ଓ ଡୋପାମିନ୍ କ୍ଷରଣକୁ ସାଧାରଣତଃ ଭିଟାମିନ୍ ବି ପରିଚାଳନା କରିଥାଏ । ସେରୋଟୋନିନ୍ ଓ ଡୋପାମିନ୍ ଆମର ମୁଡ୍ କଣ୍ଟ୍ରୋଲ କରିବାରେ ସାହାଯ୍ୟ କରିଥାଏ ।

**ମ୍ୟାଗ୍‌ନେସିଅମ–** ମ୍ୟାଗ୍‌ନେସିଅମର ଅଭାବରେ ଡିପ୍ରେସନ୍ ଓ ଆଙ୍ଗଜାଇଟ ସମସ୍ୟା ହେବାର ସମ୍ଭାବନା ରହିଛି । ବ୍ରେନ୍ କେମିକାଲକୁ ରେଗୁଲେସନ୍ କରିବା ପାଇଁ ମ୍ୟାଗନେସିଅମର ଆବଶ୍ୟକତା ଅଧିକ ରହିଥାଏ ।

## ସାମନ୍ଥାଙ୍କ ମିଷ୍ଟ୍ରିମ୍ୟାନ



ସାଉଥ୍ ଅଭିନେତ୍ରୀ ସାମନ୍ଥା ଗତ କିଛିଦିନ ହେବ ନିଜ ଲଭ ଲାଇଫ୍‌କୁ ନେଇ ଖୁବ ଚର୍ଚ୍ଚାରେ ରହୁଛନ୍ତି । ନାଗା ଚୈତନଙ୍କ ସହିତ ବିବାହ ବିଚ୍ଛେଦ ପରେ ଅନେକ ଦିନ ସେ ସିଙ୍ଗଲ ଲାଇଫ୍ ବିତାଇଥିଲେ । ହେଲେ ବର୍ତ୍ତମାନ ତାଙ୍କ ଲାଇଫ୍‌ରେ କେହି ଜଣେ ଏଣ୍ଟ୍ରି କରିଥିବାନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ସାମନ୍ଥା ବର୍ତ୍ତମାନ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କ ସହିତ ରିଲେସନସିପରେ ଥିବାନେଇ ଆଲୋଚନା ହେଉଛି । ସେହିଭଳି ନିକଟରେ ସାମନ୍ଥାଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ଦୁବାଇରେ ସାମନ୍ଥା ଜଣେ ମିଷ୍ଟ୍ରିମ୍ୟାନଙ୍କ ହାତ ଧରିଥିବା ଦେଖିବାକୁ ମିଳିଛି । ଏହି ବ୍ୟକ୍ତି ଜଣଙ୍କ ଅନ୍ୟକେହି ନୁହେଁ ବରଂ ରାଜ ନିଦିମାରୁ ବୋଲି ଫ୍ୟାନମାନେ ଆକଳନ କରୁଛନ୍ତି । ସେହିଭଳି ନିର୍ଦ୍ଦେଶକଙ୍କ ପୂର୍ବତନ ପତ୍ନୀଙ୍କର ମଧ ଏକ ପୋଷ୍ଟ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ତାଙ୍କ ପୂର୍ବତନ ସ୍ୱାମୀଙ୍କ ଉଦ୍ଦେଶ୍ୟରେ କରିଥିବାନେଇ ଚର୍ଚ୍ଚା ହେଉଛି । ସାମନ୍ଥା ଓ ରାଜ ଦି ଫ୍ୟାମିଲି ମ୍ୟାନ ଓ ସିଟାଡେଲ ଭଳି ପ୍ରୋଜେକ୍ଟରେ ଏକାଠି କାମ କରିଥିଲେ । ଯେଉଁଠାରୁ ଉଭୟଙ୍କ ଭିତରେ ସମ୍ପର୍କ ଗଢିଉଠିଥିବାନେଇ ଆଲୋଚନା ହେଉଛି ।

## ନିଆରା କାର୍ ମ୍ୟୁଜିୟମ




ହାଇଦ୍ରାବାଦରେ ରହିଛି ଏକ କାର ମ୍ୟୁଜିୟମ ଯେଉଁଥିରେ ସ୍ଥାନ ପାଇଛି ଅନେକ ବିରଳ ସ୍ୱତନ୍ତ୍ର କାର । ଏହି ମ୍ୟୁଜିୟମରେ ହାତ ତିଆରି ବିଭିନ୍ନ ଆକୃତିର କାର ଦେଖିବାକୁ ମିଳିଥାଏ । ସେଗୁଡିକ ବିକ୍ରି ପାଇଁ ନୁହେଁ କେବଳ ପ୍ରଦର୍ଶନ ପାଇଁ ରଖାଯାଇଥାଏ । ଏହି ମ୍ୟୁଜିୟମରେ ଝିଅ ପିଲାଙ୍କ ହ୍ୟାଣ୍ଡବ୍ୟାଗ ଆକୃତିର କାର, ହାଇ ହିଲ୍ସ ଆକୃତିର, ହେଲମେଟ୍, ଶିବଲିଙ୍ଗ, ବର୍ଗର, ଚେୟାର ଟେବୁଲ, କମ୍ପ୍ୟୁଟର ଓ ଜୋତା ଆକୃତିର କାର ଦେଖିବାକୁ ମିଳିଥାଏ । ଏହି ମ୍ୟୁଜିୟମର ଆରମ୍ଭ ୨୦୧୦ରେ କେ ସୁଧାକର ନାମକ ଜଣେ ବ୍ୟକ୍ତି କରିଥିଲେ । ପିଲାଦିନୁ ତାଙ୍କର ଏହି କ୍ଷେତ୍ରରେ ଖୁବ ଆଗ୍ରହ ରହିଥିଲା । ସେଥିପାଇଁ ସେ ଏପରି ଏକ ମ୍ୟୁଜିୟମ ନିର୍ମାଣ କରିବାର ନିଷ୍ପତ୍ତି ନେଇଥିଲେ । ଏହାକୁ ସେ ପ୍ରଥମେ ନିଜର ହବି ଭାବେ ଆରମ୍ଭ କରିଥିଲେ ହେଲେ ପରେ ଏହାକୁ ଏକ ମ୍ୟୁଜିୟମର ରୂପ ଦେଇଥିଲେ । ଯାହା ବର୍ତ୍ତମାନର ଏକ ପର୍ଯ୍ୟଟନସ୍ଥଳୀ ଭାବେ ଉଭାହୋଇଛି । ଏହାକୁ ପ୍ରତିଦିନ ଅନକ ପର୍ଯ୍ୟଟକଙ୍କର ଭିଡ ଯମୁଛି ।

## ବନାରସୀ ଟମାଟୋ ଚାଟ୍



**ସାମଗ୍ରୀ–** ଲାଲ୍ ଟମାଟୋ ୪ରୁ ୫ଟି, ଭଜା ଚଣା, କଞ୍ଚା ଲଙ୍କା, ଲେମ୍ବୁ ରସ, କଳା ଲୁଣ, ଭଜା ଜିରାଗୁଣ୍ଡ, ଗ୍ରୀନ ଚଟଣୀ, ତେନ୍ତୁଳି ଚଟଣୀ, ଛଣା ସେଉ ।

**ପ୍ରଣାଳୀ–** ପ୍ରଥଣେ ଟମାଟୋକୁ ଛୋଟଛୋଟ କରି କାଟି ନିଅନ୍ତୁ । ଏହାପରେ ଏଥିରେ ଭଜା ଚଣା ପକାଇ ଭଲକରି ଗୋଳାନ୍ତୁ । ବର୍ତ୍ତମାନ ଏଥିରେ କଞ୍ଚାଲଙ୍କା, ଲେମ୍ବୁ ରସ, କଳା ଲୁଣ, ଭଜା ଜିରା ଗୁଣ୍ଡ ପକାଇ ଗୋଳାନ୍ତୁ । ଏହାପରେ ଏଥିରେ ଗ୍ରୀନ ଚଟଣୀ ଓ ତେନ୍ତୁଳି ଚଟଣୀ ପକାନ୍ତୁ । ଶେଷରେ ଏଥିରେ ଛଣା ସେଉ ପକାଇ ପ୍ରସ୍ତୁତ କରନ୍ତୁ ଟମାଟୋ ଚାଟ ।

**ହାହାଃ..**

ଚିଣ୍ଟୁ – ମା' ତମର ସେ ପ୍ଲେଟ୍ ମନେ ଅଛି, ଯାହାକୁ ନେଇ ତମେ ସର୍ବଦା ଚିନ୍ତାରେ ଥାଅ । କି କାଳେ ତାହା ଭାଙ୍ଗିଯିବ ।

ମା' – ହଁ । କ'ଣ ହେଲା କି ?

ଚିଣ୍ଟୁ – ତମ ଚିନ୍ତା ଆଜି ସରିଗଲା ।

### ସୋସିଆଲ କୋଟ୍ସ



"ଦି ବଙ୍ଗାଲ ଫାଇଲ୍ସରେ ମୋ ଚରିତ୍ର ଖୁବ ରୋମାଞ୍ଚକର ଥିଲା । ଏହି ଚରିତ୍ରରେ ଅଭିନୟ କରିବାକୁ ମୁଁ ଏକ ବର୍ଷ ଧରି ମଦ ଓ ଆମିଷ ଭୋଜନ ଠାରୁ ଦୂରରେ ରହିଥିଲି ।

**ଅନୁପମ ଖେର, ଅଭିନେତା**



"ମୁଁ ରାଷ୍ଟ୍ରପତିଙ୍କୁ ସାହାଯ୍ୟ ନୁହେଁ ବରଂ ସୁରକ୍ଷା ପାଇଁ ପତ୍ର ଲେଖିଛି । ବଙ୍ଗାଲ ଫାଇଲ୍ସ ରିଲିଜ୍ ହେଉଛି । ଏଥିପାଇଁ ମୁଁ ସୁରକ୍ଷା ପାଇଁ ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଛି ।

**ପଲ୍ଲବୀ ଯୋସି, ଅଭିନେତ୍ରୀ**



"ଯେତେବେଳେ ନୃତ୍ୟ କରିବା ଆରମ୍ଭ କଲି ସେତେବେଳେ ସମସ୍ତେ କହିଲେ ମୁଁ ହରିୟାଣାର ନାଁ ଖରାପ କରିବି । ଯେଉଁଥିପାଇଁ ଆତ୍ମହତ୍ୟାର ଚିନ୍ତା ମଧ ଆସିଥିଲା । ହେଲେ ନିଜକୁ ଦମ୍ଭ କରି ସବୁର ସାମନା କରିଥିଲି ।

**ସ୍ୱପ୍ନା ଚୌଧୁରୀ, ଅଭିନେତ୍ରୀ**

## ଭାରତର ଦାମୀ ଜିନିଷ

ଭାରତରେ ଏଭଳି ଅନେକ ଦାମୀ ସାମଗ୍ରୀ ମିଳିଥାଏ ଯାହା ଶୁଣିଲେ ଲୋକମାନେ ଆଶ୍ଚର୍ଯ୍ୟ ହୋଇଥାଆନ୍ତି । କାହାର ଦୈନନ୍ଦିନ ଜୀବନରେ ଦରକାରରେ ଆସୁନଥିବା ଭଳି ସାମଗ୍ରୀର ଦାମ ବେଶ ଅଧିକ ହୋଇଥାଏ ।

**ଗଧ ଖୀର–** ଭାରତରେ ଗଧଖୀରର ଦାମ ଖୁବ ଅଧିକ । ସାଧାରଣତଃ ଗଧ ଖୀରର ବ୍ୟବହାର ସମ୍ପର୍କରେ ଖୁବ କମ ଲୋକ ଜାଣିଥିବେ । ହେଲେ ଏହାର ଦାମ ଶୁଣିଲେ କେହି ବିଶ୍ୱାସ କରିପାରିବେ ନାହିଁ । ଏହାର ଦାମ ଲିଟର ପ୍ରତି ୫ହଜାରରୁ ୭ହଜାର ପର୍ଯ୍ୟନ୍ତ ବିକ୍ରି ହୋଇଥାଏ । ଏହି ଖୀରରେ ଅଧିକମାତ୍ରାରେ ସ୍ୱାସ୍ଥ୍ୟପୋଯୋଗୀ ତତ୍ୱ ଥିବାରୁ ଏହାର ଦାମ ଏତେ ଅଧିକ ବୋଲି ଚର୍ଚ୍ଚା ହେଉଛି । ଏହା ଆମର ରୋଗପ୍ରତିରୋଧକ ଶକ୍ତିକୁ ବଢାଉଥିବାବେଳେ ଆମର ଚର୍ମର ସ୍ୱାସ୍ଥ୍ୟକୁ ଭଲ ରଖିଥାଏ । ତେଣୁ ଯେଉଁମାନେ ଫିଟ୍‌ନେସ ଲଭର ସେମାନେ ଏହାକୁ ଏତେ ଦାମ ଦେଇ କିଣିଥାଆନ୍ତି ।



**ମନୋହରୀ ଚା–** ଏହା ଏକ ବିରଳ ଆସାମୀ ଚା ଯାହାକୁ ତରଳ ସୁନା ବୋଲି ମଧ ଆଖ୍ୟା ଦିଆଯାଇଥାଏ । ୨୦୨୨ରେ ଏହାର ଗୋଟିଏ କେଜି ଏକ ଲକ୍ଷରୁ ଅଧିକ ଦାମରେ ବିକ୍ରି ହୋଇଥିଲା । ଏହାର ଖୁବ ସୁନ୍ଦର ନିଆରା ସ୍ୱାଦ ଏହାକୁ ବିରଳ କରିଥାଏ । ବିଶ୍ୱରେ ଏହାର ଚାହିଦା ଖୁବ ଅଧିକ ରହିଛି ।

**ଉଡ୍‌ଷ୍ଟକ ସ୍କୁଲ–** ଏହିତାଲିକାରେ ରହିଛି ଏକ ଭାରତୀୟ ସ୍କୁଲ, ଯେଉଁଥିରେ ପଢିବା ଖୁବ ଦାମୀ ହୋଇଥାଏ । ଏହାକୁ ଭାରତର ସବୁଠାରୁ ଦାମୀ ବୋର୍ଡିଂ ସ୍କୁଲର ଆଖ୍ୟା ମିଳିଛି । ଏହି ସ୍କୁଲରେ ବାର୍ଷିକ ୧୫ରୁ ୧୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ । ଏହି ସ୍କୁଲଟି ରହିଛି ମସୁରିରେ, ଯାହାର ନା ଉଡ୍‌ଷ୍ଟକ ସ୍କୁଲ ।



**ସୁନାର ସାର୍ଟ–** ଭାରତରେ ମିଳିଥାଏ ସୁନାର ସାର୍ଟ, ଯାହାକୁ ସୁନାରୁ ନିର୍ମାଣ କରାଯାଇଥାଏ । ଏହି ସାର୍ଟର ବଜାର ଦାମ ରହିଛି ୧.୩ କୋଟି । ଏହି ସାର୍ଟକୁ ତିଆରି କରିବା ପାଇଁ ୨୦ ଜଣ କୁଶଳୀ କାରିଗିର ଲାଗିଥାଆନ୍ତି, ଯେଉଁମାନେ ନିଜ ହାତରେ ଏମ୍ବ୍ରୋଡୋରୀ କରି ଏହି ସାର୍ଟକୁ ପ୍ରସ୍ତୁତ କରିଥାଆନ୍ତି । ଏହି ସାର୍ଟଟି ଖୁବ ସୁନ୍ଦର ହୋଇଥାଏ ଦେଖିବାକୁ । ଏହାକୁ ଜଣେ ବ୍ୟବସାୟୀ ନିଜ ଜନ୍ମଦିନରେ ନିଜ ପାଇଁ ପ୍ରସ୍ତୁତ କରିଥିଲେ ।

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଓଡିଶା କନିଷ୍ଠ ଶିକ୍ଷକ ସଂଘ

# କୌଣସି ପରିସ୍ଥିତିରେ ଶିକ୍ଷକର ମୌଳିକ କର୍ତ୍ତବ୍ୟକୁ କଦାପି ଭୁଲନ୍ତୁ ନାହିଁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ) : ୨୦୨୫ରେ ନିଯୁକ୍ତି ପାଇଥିବା ରାଜ୍ୟର ୧୩ ହଜାରରୁ ଉର୍ଦ୍ଧ୍ୱ ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କୁ "ନିୟମିତ ଶିକ୍ଷକ" ଭାବେ ନିଯୁକ୍ତି ଦେବାପାଇଁ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁକ୍ରବାର ରାଜ୍ୟ ଅତିଥି ଭବନ ଠାରେ ଓଡିଶା କନିଷ୍ଠ ଶିକ୍ଷକ ସଂଘ ଧନ୍ୟବାଦ ଜଣାଇଛନ୍ତି। ସଂଘ ପକ୍ଷରୁ ଗୁରୁ ଦିବସ ଅବସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ କନିଷ୍ଠ ଶିକ୍ଷକ ମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇବା ସହିତ ଏହି ନିଷ୍ପତ୍ତି ସହିତ ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇ ସରକାର ବିଭିନ୍ନ ପଦକ୍ଷେପ ନେଉଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ କଥା ହେବା ସହିତ ସେମାନଙ୍କୁ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଉପଦେଶ ଦେଇଥିଲେ । ଜୀବନରେ ଅନେକ ସମସ୍ୟା ଆସିବ, କିନ୍ତୁ ସମସ୍ତ ସମସ୍ୟାକୁ ସୁଯୋଗରେ ପରିଣତ କରି ଆଗକୁ ବଢିବା ପାଇଁ ଏବଂ ଜଣେ ଶିକ୍ଷକର ମୌଳିକ କର୍ତ୍ତବ୍ୟକୁ କଦାପି ଭୁଲିଯିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶିକ୍ଷକ ମାନଙ୍କୁ ପରାମର୍ଶ ଦେଇଥିଲେ ।

## ଜିଏସ୍‌ଟି ସୁଧାର ମଧ୍ୟବିତ୍ତଙ୍କ ପାଇଁ ଲାଭଜନକ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରୁ ଫେରି ଦିନ ୧ଟା ୮ ମିନିଟ୍ ସମୟରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବନେଶ୍ୱର ବିମାନବନ୍ଦରରେ ସାମ୍ବାଦିକମାନଙ୍କୁ ଜିଏସଟି ସୁଧାର ମଧ୍ୟବିତ୍ତମାନଙ୍କ ପାଇଁ ଲାଭଜନକ । ଫଳରେ ରାଜ୍ୟର ୧୦ ଲକ୍ଷ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ ସେ କହିଛନ୍ତି । ପ୍ରବଳ ବର୍ଷା ଯୋଗୁ ଅବତରଣ କରିପାରିନଥିଲା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ବିମାନ । କିନ୍ତୁ ପାଗ ପ୍ରତିକୂଳ ରହିବାରୁ ପାଇଲଟ୍ ବିମାନକୁ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ ନକରାଇ କୋଲକାତା ଏୟାରପୋର୍ଟ ଅଭିମୁଖେ ଉଡ଼ାଇ ନେଇଥିଲେ । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଅନ୍ୟ ଏକ ବିମାନ ଯୋଗେ କଲିକତାରୁ ଭୁବନେଶ୍ୱର ଫେରିବେ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଥିଲେ । ଆଜି ମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ ଗୁରୁଦିବସ କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା । ଆଜି(ଶୁକ୍ରବାର) ସକାଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୪ ଦିନିଆ ନୂଆଦିଲ୍ଲୀ ଗସ୍ତ ସାରି ଭୁବନେଶ୍ୱର ଫେରୁଥିଲେ ।






## ସୁପର ଡୁପର-୭୫ ବ୍ୟାଚ ପକ୍ଷରୁ ଜୀବନ ଜ୍ୟୋତି ଆଶ୍ରମରେ ରନ୍ଧା ଖାଦ୍ୟ ବଣ୍ଟନ

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ସ୍ଥିତ ଅଶୋକନଗରୟୁନିଟ -୨ ବିଦ୍ୟାଳୟରେ ସୁପର ଡୁପର-୭୫ ବ୍ୟାଚ୍ ତରଫରୁ ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଛି । ଏହି ଉପଲକ୍ଷେ ସମସ୍ତ ବନ୍ଧୁ ଏକତ୍ରିତ ହୋଇ ଅନେକ ଜନହିତକର କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ବନ୍ଧୁମିଳନ କାର୍ଯ୍ୟକ୍ରମ ଅବସରରେ ଶୁକ୍ରବାର ଖଣ୍ଡଗିରି ନିକଟସ୍ଥ ଜୀବନ ଜ୍ୟୋତି ଆଶ୍ରମକୁ ସୁପର ଡୁପର-୭୫ ବ୍ୟାଚର ବନ୍ଧୁ ପରିଦର୍ଶନରେ ଯାଇଥିଲେ । ଜୀବନ ଜ୍ୟୋତି ଆଶ୍ରମରେ ରହୁଥିବା ୫୦ରୁ ଅଧିକ କୁନି କୁନି ଛାତ୍ରଛାତ୍ରୀଙ୍କ ସହ ସମୟ ବିତାଇଥିଲେ । ସେଠାରେ ରହୁଥିବା କିଛି ବୟୋଜ୍ୟଷ୍ଠ ବ୍ୟକ୍ତିମାନଙ୍କ ସହ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ । ଆଶ୍ରମରେ ରହୁଥିବା ସମସ୍ତ ଅନ୍ତେବାସୀମାନଙ୍କୁ ସୁପର ଡୁପର-୭୫ ବ୍ୟାଚର ବନ୍ଧୁମାନେ ରନ୍ଧା ଖାଦ୍ୟ ବିତରଣ କରିଥିଲେ । ଏହି ରନ୍ଧାଖାଦ୍ୟ ବିତରଣ ବ୍ୟାଚର ବନ୍ଧୁ ବିଜେପିର ବରିଷ୍ଠ ନେତା ସମୀର ମହାନ୍ତିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା । ଉପସ୍ଥିତ ଅନ୍ୟ ସମସ୍ତ ବନ୍ଧୁମାନେ ପ୍ରସ୍ତୁତ ହୋଇଥିବା ରନ୍ଧା ଖାଦ୍ୟ ଅନ୍ତେବାସୀଙ୍କୁ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୁପର ଡୁପର ବ୍ୟାଚ-୭୫ ର ବନ୍ଧୁ ପ୍ରବୋଧ କୁମାର ଦାସ, ଶିବବ୍ରତ ଘୋଷ , ସିଧାର୍ଥ କୁଅଁର, ବିରଞ୍ଚି ନାରାୟଣ ମହାନ୍ତି, ମନୋରଞ୍ଜନ ଦାସ, ପ୍ରଭୁରାଜ ପାତ୍ର, ବିଜୟ ପଣ୍ଡା, ଶିବାନନ୍ଦ ନନ୍ଦ, ଧନେଶ୍ୱର ଚ୍ୟାଉପଟ୍ଟନାୟକ, ଦେବଦାସ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ ।

### ସରକାର ବଦଳିଲା ହେଲେ ବଦଳିଲାନି ସମସ୍ୟା

# ରାତିରେ ଷ୍ଟେସନ ଜଗିବାକୁ ଶ୍ରମ ବିଭାଗକୁ ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ସରକାର ବଦଳିଲା ହେଲେ ବଦଳିଲାନି ସମସ୍ୟା । ଏବେ ବି ପଶ୍ଚିମ ଓଡିଶାର ଦୁଃଖ ଦାଦନ । ଗତବର୍ଷ ଦାଦନ ଯାଇ ପୁଅ ହରାଇବାର ଲୁହ ନୂଆପଡ଼ା କୋମନାର ଅନେକ ମାଆଙ୍କ ଆଖିରୁ ଏଯାଏଁ ଶୁଖିନି । ଇଟାଭାଟିରେ କାମ କରୁଥିବା ବେଳେ ଖାର ପଡି ଗୋଡ ହରାଇ ସାରା ଜୀବନ ପାଇଁ ଅକର୍ମଣ୍ୟ ହୋଇଯାଇଛନ୍ତି ଲାଲଧର ମାଝୀ ନାମକ ଜଣେ ବ୍ୟକ୍ତି । ଏଥର ବି ସେହିସବୁ ଅଞ୍ଚଳରୁ ପୁଣି ଦାଦନ ଚାଲାଣ ଆରମ୍ଭ ହୋଇଥିବା ଦର୍ଶାଉଛି ଖୋଦ୍ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶନାମା । ଯେଉଁଥିରେ ଦାଦନ ଚାଲାଣରେ ରୋକ୍ ଲଗାଇବାକୁ ରାତିରେ ଷ୍ଟେସନ ଜଗିବାକୁ ଶ୍ରମ ବିଭାଗକୁ କଡା ନିର୍ଦ୍ଦେଶ । ଏଥିରେ ସ୍ପଷ୍ଟ ଉଲ୍ଲେଖ ଅଛି ନିରକ୍ଷର ପ୍ରବାସୀ ଶ୍ରମିକମାନଙ୍କୁ ଆର୍ଥିକ ଏବଂ ଶାରୀରିକ ଭାବରେ ଶୋଷଣ କରାଯାଉଛି । ଟିଟଲାଗଡ଼, ମୁରିବାହାଲ, ଲାଥୋର, ରାଇନଭଟା, କଣ୍ଟାବାଞ୍ଜି, ନୂଆପଡ଼ା ଏବଂ ଖରିଆର ରୋଡ୍ ରେଳ ଷ୍ଟେସନରୁ ଦେଶର ବିଭିନ୍ନ ସ୍ଥାନକୁ ଶ୍ରମିକ ପଠାଯାଉଛି । ତେଣୁ ପୋଲିସ, ପ୍ରଶାସନ ଓ ରେଲୱେ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖି ଏଭଳି ବେଆଇନ୍ ଶ୍ରମିକ ସ୍ଥାନାନ୍ତର ରୋକିବାକୁ ଶ୍ରମବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ । କୁହାଯାଉଛି ରାଜ୍ୟରେ ବର୍ତ୍ତମାନ ଚାଲିଛି ଦାଦନ ଚାଲାଣର ଋତୁ । ବର୍ଷ ବର୍ଷ ଧରି ଏଇ ସମୟରେ ତେଲେଙ୍ଗାନା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶକୁ ଦାଦନ ଖଟିବାକୁ ଯାଇଥାନ୍ତି ନୂଆପଡାର ଶ୍ରମିକ । ଏଥର ବି କାମ ନଥିବାରୁ ଲାଥୋର ଷ୍ଟେସନରୁ ଅନେକ ଶ୍ରମିକ ବାହାରକୁ ଯାଇଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା । ସେପଟେ ଜିଲ୍ଲାପାଳ କହିଛନ୍ତି ଏଥର ୫ହଜାରରୁ ଉର୍ଦ୍ଧ୍ୱ ପରିବାରକୁ ଆମେ ଫେରାଇବାରେ ସଫଳ ହୋଇଛି । ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ମୁତାବକ ରେଳ ଷ୍ଟେସନ ଗୁଡିକରେ ଏନଫୋର୍ସମେଣ୍ଟ କରାଯାଉଛି । ଯେଉଁ ବ୍ୟକ୍ତି ସେମାନଙ୍କୁ ନେଉଛନ୍ତି, ତାଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ । ହେଲେ ଶ୍ରମିକଙ୍କ କହିବା କଥା ଗାଁରେ କାମଧନ୍ଦା ନଯୋଗେଇ ବାହାରକୁ ଯିବାକୁ ରୋକିଲେ ଆମ ପରିବାର ପେଟକୁ ଦାନା ଯିବ କେମିତି?




# ନିଷ୍କ୍ରେଷିତ ମହିଳାଙ୍କ ସ୍ୱର ହେବ ବିଜୁ- ମହିଳା ଜନତା ଦଳ: ସ୍ନେହାଙ୍ଗିନୀ

ଭୁବନେଶ୍ୱର,(ସବ୍ୟୁ) : ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଭାବେ ନିଯୁକ୍ତି ପାଇବା ପରେ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଶୁକ୍ରବାର ରାଜ୍ୟରେ ମହିଳା ମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନରେ ରାଜ୍ୟ ବିଜେପି ସରକାର ବିଫଳ ହୋଇଛନ୍ତି ବୋଲି କହିଛନ୍ତି । ରାଜ୍ୟରେ ମହିଳା ମାନଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଉଥିବା ବେଳେ, ବିଜୁ ମହିଳା ଜନତା ଦଳ ରାଜ୍ୟର ଅବହେଳିତ ଓ ନିଷ୍କ୍ରେସିତ ମହିଳା ମାନଙ୍କ ସ୍ୱର ହେବ ଓ ତାଙ୍କ ନ୍ୟାୟ ପାଇଁ ଲଢେଇ କରିବ ବୋଲି କହିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ପ୍ରଥମେ ତାଙ୍କୁ ପୁଣିଥରେ ଦଳର ମହିଳା ସଭାନେତ୍ରୀ ଭାବେ ଦାୟିତ୍ୱ ଦେଇଥିବାରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ । ଗତ ୧୫ ମାସର ବିଜେପି ଶାସନରେ,



ରାଜ୍ୟର ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି ଓ ମହିଳାଙ୍କ ସମ୍ମାନ କ୍ଷୁଣ୍ଣ ହୋଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମିଶନ ଶକ୍ତି ମାଧ୍ୟମରେ, ରାଜ୍ୟର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରାଯାଇଥିଲା । ମହିଳା ମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିବା ସହିତ ସମାଜରେ ନିଜର ପ୍ରତିଷ୍ଠା ହାସଲ କରିବାରେ ସକ୍ଷମ ହୋଇଥିଲେ । ବିଜେପି ସରକାରଙ୍କ ୧୫ ମାସର ଶାସନ ସମୟରେ, ମହିଳା ମାନଙ୍କୁ ସମାଜରେ ପ୍ରତିଷ୍ଠା ଓ ସମ୍ମାନ ଦେଉଥିବା କାର୍ଯ୍ୟକ୍ରମ ମିଶନ ଶକ୍ତି ଏବେ ବନ୍ଦ ହେବାକୁ ବସିଲାଣି । ଏହାଛଡା, ପ୍ରାୟ ୪ ହଜାର ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି ଓ ରାଜ୍ୟରେ ପ୍ରାୟ ୧୫ ଜଣ ମହିଳା ପ୍ରତିଦିନ ଦୁଷ୍କର୍ମର ଶିକାର ହେଉଛନ୍ତି । ଏହାକୁ ରୋକିବା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି । ରାଜ୍ୟରେ ମହିଳା ମାନଙ୍କ ସୁରକ୍ଷା, ସମ୍ମାନ ପାଇଁ ଲଢେଇ ଜାରି ରହିବ । ବିଜୁ ମହିଳା ଜନତା ଦଳ ଆଜି ସଙ୍କଳ୍ପ ନେଉଛି ଯେ, ରାଜ୍ୟର ମହିଳା ମାନଙ୍କ ନ୍ୟାୟ ପାଇଁ ସ୍ୱର ଶାଣିତ କରିବ ବୋଲି ସେ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ, ଦଳର ମହିଳା ବ୍ୟାପାର ଦାୟିତ୍ୱ ପ୍ରଦାନ କରାଯାଇଥିବା ନେତ୍ରୀମାନେ ଯଥା ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଶ୍ରୀମତୀ ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଶ୍ରୀମତୀ ସୁଲତା ଦେଓ, ମେୟର ତଥା ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଶ୍ରୀମତୀ ସୁଲୋଚନା ଦାସ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଶ୍ରୀମତୀ ଶର୍ମିଷ୍ଠା ସେଠୀ, ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଶ୍ରୀମତୀ ଲୋପାମୁଦ୍ରା ବକ୍ସିପାତ୍ର, ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଶ୍ରୀମତୀ ମିନତୀ ବେହେରା, ସାଧାରଣ ସମ୍ପାଦିକା (ମହିଳା ବ୍ୟାପାର) ଶ୍ରୀମତୀ ଗୀତାଞ୍ଜଳି ବସ୍ତିଆ ଇତ୍ୟାଦି ଉପସ୍ଥିତ ଥିଲେ ।

## ଦିଲ୍ଲୀ ଶିକ୍ଷକ ସମ୍ମାନ ସମାରୋହ "ଶିକ୍ଷକ ମହାକୁମ୍ଭ

# ଶିକ୍ଷକ ସମାଜ ଜ୍ଞାନର ଆଲୋକକୁ ଉଜାଗର କରନ୍ତି - ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ସମାଜରେ ଜ୍ଞାନର ଆଲୋକକୁ ପ୍ରଜ୍ୱଳିତ କରିବାରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ନୂଆଦିଲ୍ଲୀ ଠାରେ ଆୟୋଜିତ ଦିଲ୍ଲୀ ଶିକ୍ଷକ ସମ୍ମାନ ସମାରୋହ "ଶିକ୍ଷକ ମହାକୁମ୍ଭ ସେପରି ଭାବରେ ଗୁରୁ ଏବଂ ଶିକ୍ଷକମାନଙ୍କ ପାଇଁ ସମର୍ପିତ ଉତ୍ସବ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦିଲ୍ଲୀରେ ତ୍ୟାଗରାଜ ଷ୍ଟାଡିୟମରେ ଆୟୋଜିତ ଏହି ଉତ୍ସବରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା '୨୦୪୭ ସୁଦ୍ଧା ବିକଶିତ ଭାରତ' କରିବାର ଲକ୍ଷ୍ୟ ରଖାଯାଇଛି । ଏହି ସଂକଳ୍ପକୁ ପୂରଣ କରିବା ପାଇଁ 'ଜାତୀୟ ଶିକ୍ଷା ନୀତି - ୨୦୨୦' ମଧ୍ୟ କାର୍ଯ୍ୟକାରୀ କରାଯାଇଛି । 'ବିକଶିତ ଭାରତ'ର ସ୍ୱପ୍ନ କେବଳ ଭବିଷ୍ୟତ ପିଢ଼ିଙ୍କ ଦ୍ୱାରା ସାକାର ହେବ ଯେଉଁମାନେ ଦେଶର ଗୁରୁ ଏବଂ ଶିକ୍ଷକମାନଙ୍କ ଦ୍ୱାରା ପ୍ରଦର୍ଶିତ ପଥ ଅନୁସରଣ କରିବେ । 'ସେ କହିଥିଲେ, ସୁସ୍ଥ ଜୀବନଶୈଳୀ ପାଇଁ ଛାତ୍ରଛାତ୍ରୀମାନଙ୍କୁ କମ୍ ଖାଦ୍ୟ ତେଲ ବ୍ୟବହାର କରିବାକୁ ପ୍ରେରଣା ଦେବା । 'ଖେଲୋ ଇଣ୍ଡିଆ' ଭଳି ଅଭିଯାନ ସହିତ ପିଲାମାନଙ୍କୁ ଯୋଡ଼ି ଖେଳ ପ୍ରତି ଉତ୍ସାହିତ କରିବା । ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବାକୁ ପ୍ରେରଣା ଦେବା ପାଇଁ ସେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । 'ଗୁରୁ ଦିବସ' ଅବସରରେ 'ନିପୁଣ ସଂକଳ୍ପ' ଆରମ୍ଭ ହେବା ଅବସରରେ ଭାରତ ସରକାରଙ୍କ



ଶିକ୍ଷା ବିଭାଗ ପକ୍ଷରୁ ଦିଲ୍ଲୀ ସରକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ ଭାରତର ମହାନ ଶିକ୍ଷାବିତ୍ ଏବଂ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡକ୍ଟର ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ମହିନ୍ଦ୍ରା କନ୍‌ଷ୍ଟ୍ରକ୍ସନ ଇକ୍ୱିପମେଣ୍ଟ ପକ୍ଷରୁ ଅତ୍ୟାଧୁନିକ ସିଇଭି-ଭି ରେଞ୍ଜର ଶୁଭାରମ୍ଭ

ଭୁବନେଶ୍ୱର : ମହିନ୍ଦ୍ରା ଗ୍ରୁପର ଏକ ଅଂଶବିଶେଷ ମହିନ୍ଦ୍ରା କନ୍‌ଷ୍ଟ୍ରକ୍ସନ ଇକ୍ୱିପମେଣ୍ଟ ଡିଭିଜନ (ଏମସିଇ) ପକ୍ଷରୁ ଏହାର ଆଡ୍‌ଭାନ୍ସଡ ସିଇଭି-ଭି ମେସିନ ରେଞ୍ଜର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହି ରେଞ୍ଜ ଆଡଭାନ୍ସଡ ଫିଚର, ଅଧିକ ଆରାମ, ଉଚ୍ଚ ଉତ୍ପାଦକତା ଓ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ସହିତ ନୂଆ ଶିଳ୍ପ ନିୟମାବଳୀର ଅନୁପାଳନ ନିଶ୍ଚିତ କରୁଛି । ଏହି ଲଂଚ ଇଭେଣ୍ଟ ଭୁବନେଶ୍ୱରରେ ଶ୍ରୀନିକା ଡିଏମ ସିଗ୍ନେଚରଠାରେ ସେପେଟମ୍ବର ୫ ତାରିଖ ୨୦୨୫ରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଏମସିଇର କଷ୍ଟମର କେୟାର ବିଭାଗର ମୁଖ୍ୟ ରାଜେନ୍ଦ୍ର ଆଷ୍ଟେକର, ବ୍ରାଣ୍ଡ ମ୍ୟାନେଜର କଲ୍‌ପକ କର, ଜେଡ୍‌ଏସଏମ କିଶୋର ତିୱାରୀ, ଜେଡ୍‌ସିସିଏମ ସନ୍ଦିପ ଘୋଷ, ସିସିଏମ ସୁବ୍ରତ ସ୍ୱାଇଁ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିଃର କନ୍‌ଷ୍ଟ୍ରକ୍‌ଶନ ଇକ୍ୱିପମେଣ୍ଟ ବିଭାଗର ବିଡିଏମ ସୁଧାଂଶୁ ନାୟକ ଏବଂ ଟିଆରଏସ ଇଞ୍ଜିନିୟରିଂର ପରିଚାଳନା ନିର୍ଦ୍ଦେଶକ ଦେବଦତ ରାୟ ଆଦି ସାମିଲ ଥିଲେ । ଏହି ଅବସରରେ କଷ୍ଟମର କେୟାର ବିଭାଗର ମୁଖ୍ୟ ଶ୍ରୀଯୁକ୍ତ ରାଜେନ୍ଦ୍ର ଆଷ୍ଟେକର ଓ ବ୍ରାଣ୍ଡ ମ୍ୟାନେଜର କଲ୍‌ପକ କର କହିଛନ୍ତି, ଅତ୍ୟାଧୁନିକ ଉତ୍ପାଦ ଓ ଟେକ୍ନୋଲୋଜିର ଶୁଭାରମ୍ଭ କରିବା ପ୍ରତି ଆମର ନିରନ୍ତର ପ୍ରୟାସ, ସ୍ଥାନୀୟ ଉତ୍ପାଦନ ଉପରେ ଗୁରୁତ୍ୱ ସହ ସମନ୍ୱିତ ରହିଛି ଯାହା ମେକ୍ ଇନ ଇଣ୍ଡିଆ ଅଭିଯାନ ପାଇଁ ମହିନ୍ଦ୍ରାର ଦୃଢ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି ।

## ଗୀତା ଅଟୋନୋମସ୍ କଲେଜକୁ ୬ଷ୍ଠ ଥର ପାଇଁ ଏନ୍‌ଆଇଆର୍‌ଏଫ୍ ମାନ୍ୟତା

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଚଳିତ ୨୦୨୫ ମସିହା ପାଇଁ ପ୍ରକାଶିତ ଏନଆଇଆରଏଫ୍ ର୍ୟାଙ୍କିଂରେ ଗୀତା ଅଟୋନୋମସ୍ କଲେଜ ମାନ୍ୟତା ପାଇଁ ଯୋଗ୍ୟ ବିବେଚିତ ହୋଇ ଇଞ୍ଜିନିୟରିଂ ବର୍ଗରେ ଭାରତର ଶ୍ରେଷ୍ଠ ୩୦୦ ଶିକ୍ଷାନୁଷ୍ଠାନଙ୍କ ମଧ୍ୟରେ ସ୍ଥାନ ପାଇବାର ଗୌରବ ଲାଭ କରିଛି । ଗୀତା ଅଟୋନୋମସ୍ କଲେଜ କ୍ରମାଗତଭାବେ ୬ଷ୍ଠ ଥର ପାଇଁ ଏହି ତାଲିକାରେ ସଫଳତାର ସହ ନିଜ ସ୍ଥାନ ବଜାୟ ରଖିଛି । ଶିକ୍ଷା ଓ ଅଧ୍ୟୟନ, ଗବେଷଣା ଓ ବିକାଶ, ପ୍ରଯୁକ୍ତି ବିଦ୍ୟା ଓ ଭିତିଭୂମି, ଶିକ୍ଷା ଓ ଶିଳ୍ପର ସମନ୍ୱୟ, ତାଲିମ ଓ ନିଯୁକ୍ତି, ସାମାଜିକ ଦାୟିତ୍ୱ ଏବଂ ସେବା ଇତ୍ୟାଦି ମାନଦଣ୍ଡ ଆଧାରିତ ଏହି ର୍ୟାଙ୍କିଙ୍କ ପକ୍ରିୟାରେ ଗୀତା ସ୍ଥାନ ପାଇ ପୂର୍ବ ଭାରତର ବୈଷୟିକ ଶିକ୍ଷା କ୍ଷେତ୍ରରେ ସୁଖ୍ୟାତି



ଆଣିପାରିଛି । ୨୦୦୪ରେ ସ୍ଥାପିତ ଗୀତା ଇଞ୍ଜିନିୟରିଂ କଲେଜକୁ ଭାରତ ସରକାରଙ୍କ ୟୁନିଭରସିଟି ଗ୍ରାଣ୍ଟସ୍ କମିଶନ୍ (ୟୁଜିସି), ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ବିପିୟୁଟି, ରାଉରକେଲା ପୂର୍ବରୁ ପ୍ରଦାନ କରିଥିବା ସ୍ୱୟଂଶାସିତ ମାନ୍ୟତା, ଏଆଇସିଟିଇ ଆଇଡିଆ ଲାବ୍, ଏମଏସଏମଇ ଉନକ୍ୟୁବେଶନ ସେଣ୍ଟର ଏବଂ ଏନଏଏସି, ଏସଆଇଆରଓ ମାନ୍ୟତା ସହ ବୈଷୟିକ ଶିକ୍ଷାର ଉକର୍ଷ କ୍ଷେତ୍ରରେ ମାଇଲ ଖୁଣ୍ଟ ଭାବେ ବିବେଚିତ ହୋଇଆସିଛି । ଏହି ସ୍ୱୀକୃତି ସମକାଳିନ ଶିକ୍ଷା, ଗବେଷଣା ଓ ବିକାଶ ସହିତ ଆଗାମୀ ଦିନର ଶିକ୍ଷା ସଂସ୍କାର କ୍ଷେତ୍ରରେ ପ୍ରେରଣା ଏବଂ ଉସାହ ଯୋଗାଇବ । ଏହି ଅବସରରେ ଗୀତାର ଚେୟାରମ୍ୟାନ୍ ଡ. ସତ୍ୟପ୍ରକାଶ ପଣ୍ଡା, ସେକ୍ରେଟାରୀ ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଏବଂ ଭାଇସ୍ ଚେୟାର୍‌ମ୍ୟାନ ବିରଞ୍ଚି ନାରାୟଣ ପଣ୍ଡା, ଅଧ୍ୟକ୍ଷ ପ୍ରଫେସର ଡ. ମନ୍ମଥ କୁମାର ରାଉଳ, ଡିନ୍ (ପ୍ରଶାସନ) କମାଣ୍ଡର ପି.କେ. ରାଉତରାୟ ସମସ୍ତ ବିଦ୍ୟାର୍ଥୀ, ପୂର୍ବତନ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟାପକ, ଅଧ୍ୟାପିକା ଉପଦେଷ୍ଟା, କର୍ମଚାରୀ ଏବଂ ଶୁଭେଚ୍ଛୁ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ପାର୍ବଣ ଆରମ୍ଭରୁ ଅଶାନ୍ତ ରୌପ୍ୟନଗରୀ

### ଡି-ବ୍ରଦର୍ସ ଗ୍ୟାଙ୍ଗ୍ ମାଗିଲେଣି 'ଦାଦାବଟି', ଥାନାରେ ଏତଲା

କଟକ, (ସବ୍ୟୁ): ପାର୍ବଣ ଆରମ୍ଭରୁ ରୌପ୍ୟନଗରୀରେ ଅଶାନ୍ତି ବାତାବରଣ ଦେଖା ଦେଲାଣି । କମିଶନରେଟ୍ ପୁଲିସର ଦାଦାବଟିକୁ ନା ସ୍ଲୋଗାନ ପ୍ରହସନରେ ପରିଣତ ହୋଇଛି । ଗତ ୨ ତାରିଖରେ ଗ୍ୟାଙ୍ଗଷ୍ଟର୍ ସକିଲ୍ ଆତ୍ମସମର୍ପଣ କରିବା ପରେ ପୁଲିସ ଶାନ୍ତିରେ ଆଇନଶୃଙ୍ଖଳା ପରିଚାଳନା କରିବ ବୋଲି ଅନୁମାନ କରୁଥିଲା । କିନ୍ତୁ ଡି-ବ୍ରଦର୍ସ ଗ୍ୟାଙ୍ଗର କେତେକ ସକ୍ରିୟ ସହଯୋଗୀ ଏବେ ଚାଉଳିଆଗଞ୍ଜ ଓ ବିଡ଼ାନାସୀ ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ କରୁଥିବା ନଜରକୁ ଆସିଲାଣି । ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ତଳସାହି ଅଞ୍ଚଳର ବିକାଶ କୁମାର ପରିଡ଼ା ଡ଼ି-ବ୍ରଦର୍ସ ଗ୍ୟାଙ୍ଗର ୨ଜଣ ସହଯୋଗୀଙ୍କ ନାଁରେ ଏତଲା ଦେଇଛନ୍ତି । ସେ ନିଜ ଏତଲାରେ ଦର୍ଶାଇଛନ୍ତି ଯେ, ନୂଆ ମାଲଗୋଦାମରେ ତାଙ୍କ ଟ୍ରକ୍ ମାଲ୍ ଲୋଡ୍ କରୁଥିବା ସମୟରେ ଦୀପକ ପ୍ରଧାନ ଏବଂ ନାରାୟଣ ପ୍ରଧାନ ନାମକ୨ଜଣ ବ୍ୟକ୍ତି ସେଠାରେ ପହଞ୍ଚି ଦାଦାବଟି ମାଗିଥିଲେ । ସେମାନେ ଡି-ବ୍ରଦର୍ସଙ୍କ ପ୍ରମୁଖ ସହଯୋଗୀ ଶିବ ପ୍ରସାଦ ଗୋଛୀ ଏବଂ ଶିବାଶିଷ ଦାସ ନାଁ ନେଇ ଗାଳି ଗୁଲଜ କରିବା ସହିତ ଲକ୍ଷାଧିକ ଟଙ୍କା ଦାଦାବଟି ଦେବାକୁ ଜିଦି ଧରିଥିଲେ । ଅଭିଯୋଗକାରୀ ବିକାଶଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେବା ସହିତ ଧଳସାମନ୍ତ ଭ୍ରାତା(ଡି-ବ୍ରଦର୍ସ)ଙ୍କ ନିର୍ଦ୍ଦେଶରେ ଟଙ୍କା ମଗାଯାଉଛି, ଯଦି ଟଙ୍କା ନଦେଉ ତେବେ ପରିଣାମ ଭୟଙ୍କର ହେବ ବୋଲି ଅଭିଯୁକ୍ତ ଦୀପକ ଓ ନାରାୟଣ କହି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହାପରେ ବିକାଶ ଚାଉଳିଆଗଞ୍ଜ ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏତଲାକୁ ପଞ୍ଜୀକରଣ କରିବା ସହିତ ଘଟଣାର ଖୋଳତାଡ଼୍ କରୁଥିବା ସୂଚନା ଦେଇଛି ।

# ୮ ମାସ ପରେ ତାପଙ୍ଗ ଖଣିରୁ ମିଳିଲା ନିଖୋଜ ଯୁବତୀଙ୍କ ଗଳିତ ମୃତଦେହ

## ହତ୍ୟା ଅଭିଯୋଗ ଆଣିଲେ ପରିବାର

ଖୋର୍ଦ୍ଧା,(ସବ୍ୟୁ) : ଦୀର୍ଘ ୮ମାସ ପରେ ଜଣେ ନିଖୋଜ ଯୁବତୀଙ୍କ ମୃତ ଦେହକୁ ଭରତପୁର ଥାନା ପୁଲିସ ସଦରଥାନା ଅନ୍ତର୍ଗତ ତାପଙ୍ଗ କଳିଙ୍ଗ ମୁଣ୍ଡିଆ ଗଭୀର ଖଣିରୁ ଗଳିତ ଅବସ୍ଥାରେ ଉଦ୍ଧାର କରିଛି। ମୃତା ହେଲେ ନୟାଗଡ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଶରତ ପରିଡ଼ାଙ୍କ ଏକମାତ୍ର ଝିଅ ନିରୁପମା ପରିଡ଼ା ଓରଫ ମିତା (୨୨) । ସେ ଭୁବନେଶ୍ୱର ଭରତପୁର ଥାନା ଅଂଚଳରେ କେୟାର୍ ଟେକର ଭାବେ କାମ କରୁଥିବାବେଳେ ଜାନୁଆରୀ ୨୪ରୁ ନିଖୋଜ ହୋଇଥିଲେ। ଏନେଇ ପରିବାର ଲୋକ ୨୭ ତାରିଖରେ ଭରତପୁର ଥାନାରେ ନିଖୋଜ ଥିବା ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଶୁକ୍ରବାର ମିତାଙ୍କ ମୃତଦେହ ମିଳିବା ପରେ ତାଙ୍କୁ ହତ୍ୟା କରି ଏଠାରେ ଫିଙ୍ଗିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଭରତପୁର ଥାନା ପୁଲିସ ଏହି ଘଟଣାରେ ରଣପୁର ମଝିଆଖଣ୍ଡର ଦେବାଶିଷ ବିଶୋଇକୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି। ମୃତାଙ୍କ ପରିବାରଙ୍କ ଅଭିଯୋଗ ଅନୁସାରେ, ଜାନୁଆରୀ ୨୪ତାରିଖ ଦିନ ଭୁବନେଶ୍ୱରରୁ ନିଜ ଗ୍ରାମ ରଣପୁର ଯାଉଥିବାର ଫୋନ ଯୋଗେ ଘର ଲୋକଙ୍କୁ ଜଣାଇବା ସହିତ ଖୋର୍ଦ୍ଧା ସହର ଅତିକ୍ରମ କରୁଛି ଏବଂ ରଣପୁର ବସଷ୍ଟାଣ୍ଡରୁ ଆସି ଘରକୁ ନେଇଯିବାକୁ ମୃତ ଯୁବତୀ ଜଣକ ମଧ୍ୟ ପରିବାର ଲୋକଙ୍କୁ ଜଣାଇଥିଲେ। ମାତ୍ର ଠିକଣା ସମୟ ଅନୁସାରେ ମିତା ରଣପୁରରେ ପହଁଚିବାରେ ବିଳମ୍ବ ଘଟିଥିଲା । ପରିବାର ଲୋକେ ଯୋଗା ଯୋଗ କରିବାରେ ବିଫଳ ହୋଇଥିଲେ କାରଣ ମିତାଙ୍କ ମୋବାଇଲ ଫୋନ ବନ୍ଦ ଥିଲା। ପରେ ବିଭିନ୍ନ ସ୍ଥାନରେ ଥିବା ବନ୍ଧୁ ସମ୍ପର୍କୀୟଙ୍କୁ ଯୋଗା ଯୋଗ କରିଥିଲେ ମଧ୍ୟ ମିତାଙ୍କ ସନ୍ଧାନ ପରିବାର ଲୋକେ ପାଇନଥିଲେ।



ପରେ ଭରତପୁର ଥାନାରେ ଉକ୍ତମାସ ୨୭ ତାରିଖ ଦିନ ଏକ ନିଖୋଜ ଏତଲା ପରିବାର ଲୋକେ ଦେଇଥିଲେ। ପରେ କିଛି ଯୁବକ ଅପହରଣ କରିନେଇଥିବାର ସୁରାକ ପାଇବା ପରେ ମୃତ ଯୁବତୀ ପରିବାର ଏକ ଅପହରଣ ଅଭିଯୋଗ ଭରତପୁର ଥାନାରେ କରିଥିବା ବେଳେ ପାତ୍ରପଡ଼ା ଅଞ୍ଚଳରେ ଯୁବତୀ ଜଣକ କାମ କରୁଥିବା ଗୃହ ମାଲିକ ମଧ୍ୟ ଅନ୍ୟ ଏକ ଅଭିଯୋଗ ଭରତପୁର ଥାନା ଅଧିକାରୀଙ୍କ ନିକଟରେ କରିଥିଲେ ।ଏହି ପରି ତିନୋଟି ଅଭିଯୋଗକୁ ଆଧାର କରି ଭରତପୁର ପୋଲିସ ତଦନ୍ତ କରୁଥିଲେ ମଧ୍ୟ ଯୁବତୀ ଜଣକୁ ଜୀବିତ ଅବସ୍ଥାରେ ଉଦ୍ଧାର କରିବାରେ ସକ୍ଷମ ହୋଇ ପାରିନଥିଲା। ଏପରିକି ଝିଅକୁ ଖୋଜି ଆଣିଦେବାକୁ ପରିବାର ଲୋକ ମୁଖ୍ୟମନ୍ତ୍ରୀ, ବାଚସ୍ପତିଙ୍କ ନିକଟରେ ମଧ୍ୟ ଗୁହାରି କରିଥିଲେ। ପରେ ପରିବାରର ଅଭିଯୋଗ ମୁତାବକ ରଣପୁର ଅଂଚଳର ଜଣକୁ ଉଠାଇ ଆଣି ଭରତପୁର ପୁଲିସ ଦୁଇ ଦିନ ହେବ ଅଟକ ରଖିଥିଲା ।ଶୁକ୍ରବାର ଦିନ ପୋଲିସ ଖବର ମୁତାବକ ପରିବାର ଲୋକେ ଘଟଣା ସ୍ଥଳରେ ପହଁଚି ମୃତ ଯୁବତୀଙ୍କ ବାପା,ଭାଇ ମୃତ ଦେହକୁ ଚିହ୍ନଟ କରିଥିଲେ। ପରେ ଭରତପୁର ପୁଲିସ ଅଟକ ବ୍ୟକ୍ତିକୁ ଘଟଣାସ୍ଥଳକୁ ଆଣିବା ସହିତ ଘଟଣା ସମ୍ପର୍କରେ କିଛି ତଥ୍ୟ ତା ଠାରୁ ଆଦାୟ କରିଥିବାର ଜଣାପଡିଛି।

ପଥର ମଡାଯାଇଥିବ ଲତା ପତ୍ର ଘୋଡ଼ା ହୋଇଥିବା ଅବସ୍ଥାରେ ଉଦ୍ଧାର ହୋଇଥିବା ମୃତ ଦେହକୁ ଦେଖି ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ୧୬ନଂ ଜାତୀୟ ରାଜପଥରୁ ଦୂରରେ ଥିବା ତାପଙ୍ଗର ଏହି ପରିତ୍ୟକ୍ତ ଖଣି ନିକଟରୁ ମୃତ ଦେହ ଉଦ୍ଧାର ଘଟଣା ନାନା ପ୍ରଶ୍ନ ସୃଷ୍ଟି କରିଛି ।

## ଡ଼ ନାରାୟଣ ମହାପାତ୍ରଙ୍କୁ ଡାଇନାସ ଗୋଲଡେନ ଆୱାର୍ଡ

ଭୁବନେଶ୍ୱର, (ସବ୍ୟୁ) : ଡ଼ ନାରାୟଣ ମହାପାତ୍ରଙ୍କୁ ଓୟମ ଡିଜିଟାଲ ଏକାଡେମୀ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଘାନା ପକ୍ଷରୁ ପ୍ରିନସେସ ଡାଇନାସ ଗୋଲଡେନ ଆୱାର୍ଡ ରେ ସମ୍ବର୍ଦ୍ଧିତ କରା ଯାଇଛି । ସମାଜ ସେବାରେ ନିଜକୁ ନିୟୋଜିତ କରି ଥିବା ଡ଼ ମହାପାତ୍ର ବରିଷ୍ଠ ନାଗରିକ ଓ ଅବହେଳିତ ଛୋଟ ପିଲାମାନଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଦୀର୍ଘ ଦିନରୁ କରି ଆସୁଛନ୍ତି। ସେମାନଙ୍କ ସଙ୍ଗେ କିଛି ସମୟ ରହି ସେମାନଙ୍କୁ ଖୁସି ଦେବା ତାଙ୍କର ମୂଳଲକ୍ଷ୍ୟ। ବହୁବାର ରକ୍ତଦାନ କରି ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ପୂର୍ବରୁ ମଧ୍ୟ ରାଜ୍ୟ, ଦେଶ ଓ ଦେଶ ବାହାରୁ ମାନବ ମଙ୍ଗଳ କାର୍ଯ୍ୟ ନିମନ୍ତେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଡ଼ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

# ମନ୍ଦିରରୁ ଚୋରି: କୁଖ୍ୟାତ ଚୋର ଗିରଫ

## ଘରୁ ବିପୁଳ ତମ୍ବା ଓ ପିତ୍ତଳ ସାମଗ୍ରୀ ଉଦ୍ଧାର

କଟକ, (ସବ୍ୟୁ): ମନ୍ଦିରରୁ ଚୋରି କରି ଫେରାର୍ ହୋଇଯାଇଥିବା କୁଖ୍ୟାତ ଚୋରକୁ ଶୁକ୍ରବାର ଦରଘାବଜାର ଥାନା ପୁଲିସ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛି ନିମସାହି ସାଗର ମଣ୍ଡପ ପାଖର ଟୁବୁଲା ସାମଲ(୨୮) । ତାଦ ପାଖରୁ ୪୪ ଖଣ୍ଡ ତମ୍ବା ପାଇପ, ୭ଟି ତମ୍ବାର ସାପ, ପିତ୍ତଳର ୯ଟା ସାପ, ଶିବ ଲିଙ୍ଗ, ତ୍ରିଶୁଳ, ୩ଟା ଦୀପ, ଢାଳ, ସାଇକେଲ ସହ ୫୫ଶହ ଟଙ୍କା ଜବତ କରାଯାଇଛି । ତାକୁ କୋର୍ଟ ଚାଲାଣ ପରେ ଚୌଦ୍ୱାର ଜେଲ ପଠାଇ ଦିଆଯାଇଛି । ଦରଘାବଜାର ଛକସ୍ଥିତ ସଫିମଲରେ ଏକ ପ୍ରତିଷ୍ଠିତ ଖାଦ୍ୟ ବିକ୍ରୟ ସଂସ୍ଥା ରହିଛି । ସେଠାରେ କେନ୍ଦ୍ରାପଡାର ଜ୍ୟୋତିପ୍ରକାଶ ମିଶ୍ର ସିଫ୍ଟ ମ୍ୟାନେଜର ଭାବେ ଚାକିରୀ କରୁଛନ୍ତି । ଗତ ଅଗଷ୍ଟ ୩୧ ରାତି ପ୍ରାୟ ୧୧ଟାରେ ହଠାତ ସଂସ୍ଥାରେ ଲାଗିଥିବା ଏସି(ଶୀତତାପ ନିୟନ୍ତ୍ରିତ ଯନ୍ତ୍ର) ବନ୍ଦ ହୋଇଗଲା । ଏହାପରେ ବି ବଳମ୍ବିତ ରାତି ଯାଏ ସଂସ୍ଥାରେ କାମ ଚାଲିଥିଲା । ରାତି ପ୍ରାୟ ୩ଟାରେ ସମସ୍ତ କର୍ମଚାରୀ କାମ ଶେଷ କରି ସଂସ୍ଥା ବନ୍ଦ କରି ଘରକୁ ଫେରିଥିଲେ । ପରଦିନ ଅର୍ଥାତ ସେପ୍ଟେମ୍ବର ୧ ପୂର୍ବାହ୍ନରେ ସଂସ୍ଥା ଖୋଲାଯିବା ପରେ ଜଣାପଡିଲାଯେ, ଉକ୍ତ ଏସିଟି ଠିକ ଭାବେ କାମ କରୁନାହିଁ । ବହୁ ସମୟ ଚାଲିବା ସତ୍ତ୍ୱେ ଥଣ୍ଡା ଅନୁଭୂତ ହେଉନାହିଁ । ତେଣୁ ମରାମତି ପାଇଁ ସେ ଜଣେ ମେକାନିକଙ୍କୁ ଡକାଇଥିଲେ । ତେବେ ମେକାନିକ ପହଞ୍ଚିବା ପରେ ଜଣାପଡିଲାଯେ, ଉକ୍ତ ଏସିର ତମ୍ବାରେ ନିର୍ମିତ କୁଲିଂ କଏଲ ପାଇପଟିକୁ କେହି କାଟି ନେଇଛି । ସମାନ ଘଟଣା ପାଶ୍ୱର୍ରେ ଥିବା ଅନ୍ୟ ୨ଟି ପ୍ରତିଷ୍ଠାନରେ ଘଟିଥିଲା । ଗୋଟିଏ ରାତିରେ ପାଖାପାଖି ଥିବା ୩ଟି ବ୍ୟବସାୟୀକ ପ୍ରତିଷ୍ଠାନ ଏସିର କୁଲିଂ ପାଇପ ଗୁଡିକୁ କାଟି ନିଆଯାଇଥିଲା । ଏନେଇ ଶ୍ରୀ ମିଶ୍ରଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା । ତଦନ୍ତକ୍ରମେ ଅଭିଯୁକ୍ତ ଟୁବୁଲା ଚିହ୍ନଟ ହେବା ପରେ ଶୁକ୍ରବାର ଥାନା ଅଧିକାରୀ ରାକେଶ ବେହେରାଙ୍କ ନେତୃତ୍ୱରେ ଏକ ଟିମ ତାକୁ ଧରିବାରେ ସଫଳ ହୋଇଥିଲେ । ପଚରାଉଚରା ବେଳେ ଟୁବୁଲାର କାରନାମା ଶୁଣି ପୁଲିସ ଆଶ୍ଚର୍ଯ୍ୟ ହୋଇଯାଇଛି । ଟୁବୁଲା ଜଣେ ପେସାଦାର ଚୋର ହୋଇଥିବା ବେଳେ ଖାସକରି ମନ୍ଦିର ଓ ମଲକୁ ସେ ଟାର୍ଗେଟ କରୁଥିଲା । ସାଇକେଲରେ ବୁଲି ରେକି କରିବା ପରେ ସୁଯୋଗ ଦେଖି ଚୋରି କରୁଥିଲା । ଏହିଭଳି ଭାବେ ସେ ଗତ ମାସରେ କାଜିବଜାର ସ୍ଥିତ ଜଗନ୍ନାଥ ମନ୍ଦିରରେ କଳାକନା ବୁଲାଇଥିଲା । ବିଳମ୍ବିତ ରାତିରେ ମନ୍ଦିରରେ ପଶି ପିତ୍ତଳର ଦୁଇଟି ଦେବାଦେବୀଙ୍କ ମୁଖା, ଦୀପ ଓ କିଛି ଟଙ୍କା ଚୋରାଇଥିଲା । ପିତ୍ତଳ ସାମଗ୍ରୀ ଗୁଡ଼ିକୁ ମାତ୍ର ୧୫ ଶହ ଟଙ୍କାରେ ଜଣେ କବାଡିଆକୁ ବିକ୍ରି କରିଥିଲା । ଏହା ପରେ ଗତ ୩୧ ତାରିଖ ବିଳମ୍ବିତ ରାତିରେ ସେ ଦରଘାବଜାର ସ୍ଥିତ ସଫି ମଲରେ ପଶି ୩ଟି ସଂସ୍ଥାର ଏସିରୁ ତମ୍ବା ପାଇପ କାଟି ନେଇଥିଲା । ଉକ୍ତ ପାଇପ ଗୁଡିକୁ କାଟି ୪୪ ଖଣ୍ଡ କରି ଘରେ ରଖିଥିଲା । ଏହାପରେ ଗଲା ୪ ତାରିଖ ବିଳମ୍ବିତ ରାତିରେ ସେ ଗଙ୍ଗାମନ୍ଦିର ଛକ ନିକଟରେ ଥିବା ଶିବ ମନ୍ଦିରରେ ପଶିଥିଲା । ମନ୍ଦିରରୁ ତମ୍ବାରେ ନିର୍ମିତ ୭ ୭ଟି ସାପ, ପିତ୍ତଳର ୯ଟା ସାପ, ଗୋଟିଏ ଶିବ ଲଙ୍ଗ, ଗୋଟିଏ ତ୍ରିଶୁଳ, ୩ଟା ଦୀପ, ଗୋଟିଏ ଢାଳ, ସାଇକେଲ ଓ ୫୫ ଶହ ଟଙ୍କା ଚୋରାଇ ଆଣିଥିଲା । ତେବେ ଏହି ଚୋରି ସାମଗ୍ରୀ ଗୁଡିକୁ ବିକ୍ରି କରିବା ପୂର୍ବରୁ ପୋଲିସ ତାକୁ ଗିରଫ କରିବାରେ ସଫଳ ହୋଇଛି ।

## ପୁରୀ ସହରକୁ ଅପରାଧ ଓ ନିଶା କାରବାର ମୁକ୍ତ ପାଇଁ ପୋଲିସର ବ୍ୟାପକ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

ପୁରୀ, (ସବ୍ୟୁ) : ଧାର୍ମିକ ସ୍ଥଳ ଓ ପର୍ଯ୍ୟଟନ ସହର ପୁରୀକୁ ଅପରାଧ ଓ ନିଶା କାରବାର ମୁକ୍ତ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ପୁରୀ ଜିଲ୍ଲା



ଏସପି ପ୍ରତୀକ ସିଂ। ଶ୍ରୀ ସିଂ କହିଥିଲେ ପୁରୀରେ ଅପରାଧ ଦମନ ଓ ଅପରାଧ ଘଟାଉ ଥିବା ଅପରାଧି ତତ୍ତ୍ୱଙ୍କୁ ସାବାଡ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଧର ପଗଡ ଅଭିଯାନ ଆରମ୍ଭ ହୋଇଛି। ଅପରାଧୀଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଚଢ଼ାଉ ଜୋରଦାର କରିଛି। ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ସହର ଥାନା ଅଧିକାରୀ ମାନେ ଅପରାଧିଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି । ଗତ ୨୪ ଘଣ୍ଟାରେ ଅପରାଧ ଦମନ ସ୍ୱତନ୍ତ୍ର ଡ୍ରାଇଭ ଅଭିଯାନରେ ପୋଲିସକୁ ବିଶେଷ ସଫଳତା ମିଳିଛି। ସହରରେ ଆତଙ୍କ ସୃଷ୍ଟି କରୁଥିବା ୭ ଜଣ ଦୁର୍ଦ୍ଧାନ୍ତ ଅପରାଧୀ ଓ ଜଣେ ନାବାଳକଙ୍କୁ ଗିରଫ କରିଛି ପୋଲିସ । ବାଇକ୍ ଚୋର ଠାରୁ ଆରମ୍ଭ କରି ଡ୍ରଗସ ନିଶା କାରବାର କରୁ ଥିବା ଅପରାଧିଙ୍କୁ ଧରିଛି ପୋଲିସ। ନିଶା ବେପାରୀକୁ ଗିରଫ କରା ଯିବା ସହ ତା ଠାରୁ ବ୍ରାଉନ ସୁଗାର ଜବତ କରିଛି ପୋଲିସ। ସେହିପରି ପର୍ଯ୍ୟଟନ ସହର ପୁରୀରେ ନିଶା ପାନ କରି ଦୌରାତ୍ମ୍ୟ କରୁଥିବା ୫୨ ଜଣ ମଦ୍ୟପଙ୍କୁ ଧରିଛି ପୁରୀ ପୋଲିସ୍ । ସାର୍ବଜନୀନ ସ୍ଥାନରେ ମଦ୍ୟପାନ ଓ ଅସଭ୍ୟାଚାର ବିରୋଧରେ ପୁରୀ ପୋଲିସର ଅଭିଯାନକୁ ଜୋରଦାର କରିଛି ପୋଲିସ। ଚେକିଂ ସମୟରେ ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରିଥିବା ଓ ଅସଭ୍ୟାଚାର ଅଶାନ୍ତି ସୃଷ୍ଟି କରିଥିବା ମୋଟ ୫୨ ଜଣ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଧରିଛି ପୋଲିସ୍ ବୋଲି ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି ।

# ବିକାଶ ସଂସ୍ଥାର ୪୦ତମ ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାର ଲୋକଙ୍କ ସମସ୍ତ ଆବଶ୍ୟକତାକୁ ପୂରଣ କରିପାରିବେ ନାହିଁ । ଅନ୍ୟ ପକ୍ଷରେ ବେସରକାରୀ ସଂଗଠନଗୁଡ଼ିକ ସରକାର କରିପାରୁନ ଥିବା କାର୍ଯ୍ୟକୁ କ୍ଷେତ୍ର ଉପରେ କରି ସରକାରଙ୍କୁ ସମସ୍ତ ପ୍ରକାର ସହାୟତା କରିଥା" ଏବଂ ସରକାରଙ୍କ ସଫଳତା ବେସରକାରୀ ସଂଗଠନର ସହଯୋଗରେ ହିଁ ସମ୍ଭବ ବୋଲି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି । ଗୁରୁବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ବେସରକାରୀ ସଂଗଠନ 'ବିକାଶ'ର ୪୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେୟର ଶ୍ରୀମତୀ ଦାସ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ଏକ ବଡ଼ ବେସରକାରୀ ସଂଗଠନ ଭାବରେ



ବିକାଶ ସଂସ୍ଥା ୪୦ ବର୍ଷ ଧରି କାର୍ଯ୍ୟ କରିବା ଏକ ବଡ଼ ସଫଳତା ଏବଂ ଏହା କୋରାପୁଟ ଓ ମାଲକାନଗିରି ଜିଲ୍ଲା ସମେତ ରାଜ୍ୟର ୧୭ଟି ଜିଲ୍ଲାରେ ଲୋକମାନଙ୍କ ସହିତ ଅଛି ଓ କାମ କରୁଛି । ଲୋକଙ୍କ ପରିମଳ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜୀବିକା ଆଦି ବିଭିନ୍ନ କ୍ଷେତ୍ରରେ ଲୋକଙ୍କୁ ସହାୟତା ପ୍ରଦାନ କରୁଛି ବୋଲି କହିଛନ୍ତି । ବର୍ତ୍ତମାନ ମହାନଗର ନିଗମ ଅଞ୍ଚଳରେ ପ୍ରତ୍ୟେକ ଘରୁ ଅଳିଆ ସଂଗ୍ରହ କରୁଥିବା ଗାଡ଼ି ବଜାଉଥିବା ଗୀତକୁ ଏହି ବିକାଶ ସଂସ୍ଥା ସୃଷ୍ଟି କରିଥିଲା ବୋଲି ଶ୍ରୀମତୀ ଦାସ କହିଥିଲେ ।ଏହି ଉତ୍ସବରେ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ବିକାଶ ସଂସ୍ଥାର ଜନ୍ମଦିନ ବିଶେଷାଙ୍କର ଏକ ସ୍ୱତନ୍ତ୍ର ପୁସ୍ତିକା 'ସ୍ପନ୍ଦନ'କୁ ଉନ୍ମୋଚନ କରି ସହରୀ ଗୃହହୀନ ଲୋକମାନଙ୍କ ପାଇଁ କୋଠାଘର ଯୋଗାଇବା କ୍ଷେତ୍ରରେ ଏହି ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ । ସଂସ୍ଥାର ଉଦ୍‌ଘାଟନୀ ଉତ୍ସବରେ 'ଫାର୍' ଅନୁଷ୍ଠାନର ମୁଖ୍ୟ ତଥା ବିଶିଷ୍ଟ ସମାଜସେବୀ ବିଜୟ କୁମାର ବାବୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ସଂଗଠନ ସକରାତ୍ମକ ଭୂମିକା ନେଇ ସମାଜର ଦଳିତ, ଅବହେଳିତ, ନିଷ୍କ୍ରେଷିତ ଲୋକଙ୍କର ଜୀବନରେ ପରିବର୍ତ୍ତନ ଆଣିବା କଥା କହିଥିଲେ । ସ୍ମାଇଲ ଫାଉଣ୍ଡେସନର ମୁଖ୍ୟ ସାମୁଏଲ ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିକାଶ ସଂଗଠନର ଅଧ୍ୟକ୍ଷ କେ. ହରିହର ରାଓ ସେବା ଏବଂ ମାନବତାବାଦର ବିଶ୍ଳେଷଣ କରି ମହାତ୍ମା ଗାନ୍ଧୀଙ୍କର ଆଦର୍ଶକୁ ନେଇ କାର୍ଯ୍ୟ କରିବା ଏହି ସଂଗଠନର ଲକ୍ଷ୍ୟ ବୋଲି କହିଥିଲେ । ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମର ସଫେଇ କର୍ମୀ ଦିଲ୍ଲୀପ ନାୟକ, ନୃସିଂହ ଚରଣ ପ୍ରଧାନ, ବସୁଦେବ ବେହେରା ଏବଂ ରତିକା" ଭୋଇଙ୍କୁ 'ସ୍ୱଚ୍ଛ ସବାରୀ ସମ୍ମାନ' ପ୍ରଦାନ କରାଯାଇଥିଲା ।

ସଂସ୍ଥାର ସମ୍ପାଦକ ଆଶୁତୋଷ ହୋତା ଏହି ସଂଗଠନର ବିଭିନ୍ନ ପ୍ରକାର ସମାଜସେବା କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଉତ୍ସବର ଦ୍ୱିତୀୟ ଅଧିବେଶନରେ ବିକାଶ ସଂସ୍ଥାର ପ୍ରତିଷ୍ଠାତା ସମ୍ପାଦକ ଅଶୋକ ନନ୍ଦ ଦେଶରେ ବେସରକାରୀ ସଂଗଠନର ଇତିହାସ, କ୍ରମବିକାଶ ଏବଂ ବିଭିନ୍ନ ପର୍ଯ୍ୟାୟ ସମ୍ପର୍କରେ ଆଲୋଚନା କରିଥିଲେ । ଉଦ୍‌ଯାପନ ଉତ୍ସବରେ 'ସମ୍ବାଦ' ପୂର୍ବତନ ସମ୍ପାଦକ ତଥା 'ଆମ ଓଡ଼ିଶା'ର ଅଧ୍ୟକ୍ଷ ସୌମ୍ୟରନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ, ଏନ୍‌ଜିଓମାନେ ନାଗରିକ ସମାଜର ନେତୃତ୍ୱ ନେବା ଉଚିତ୍ । ପ୍ରତିଷ୍ଠା ଦିବସରେ ୧୪ଜଣ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା



ବାରିପଦା, (ସବ୍ୟୁ) : ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ପୌରୋହିତ୍ୟରେ ଆଜି ସହିଦ ସ୍ମୃତି ଭବନ, ବାରିପଦାଠାରେ ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା-୨୦୨୫ ମହାସମାରୋହରେ ପାଳିତ ହୋଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କରଚନ୍ଦ୍ର ମଡେଇ, ସାରସକଣା ବିଧାୟକ ଭାଦବ ହାଁସଦାଃ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଓ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ ପ୍ରମୁଖ ଯୋଗଦେଇ ଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଡାଃ ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରାରମ୍ଭିକ ଭାଷଣରେ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଅତିଥିମାନେ ତାଙ୍କର ଉଦବୋଧନାରେ ଭାରତର ପୂର୍ବତନ ରାଷ୍ଟ୍ରପତି, ମହାନ ଦାର୍ଶନିକ, ଶିକ୍ଷାବିତ୍ ଡାଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଶିକ୍ଷାଦର୍ଶନ ଓ ସାଧନାକୁ ସ୍ମରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଚାରିଟି ଉପଖଣ୍ଡରୁ ଚାରିଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରାଥମିକ ସ୍ତରରୁ ୨୫ଜଣ ଶିକ୍ଷକ ଓ ମାଧ୍ୟମିକ ସ୍ତରରୁ ୪୨ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଆକାଡେମିକ) ବିନୋଦ ସିଂ ଧନ୍ୟବାଦ ଅର୍ପଣ କରିଥିବା ସ୍ଥଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ସ୍କିମ୍) ଶଶିଧର ସିଂ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଶିକ୍ଷକ ହରେନ୍ଦ୍ର ମହାନ୍ତ, ପ୍ଲାନିଂ ସଂଯୋଜକ ମନୋଜ ଶର୍ମା ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟଟି ସମ୍ପାଦନ ହୋଇଥିଲା ।

# ଅପରେସନ୍ "ପ୍ରହାର", ବ୍ୟାପକ ପରିମାଣର ନିଶା ଦ୍ରବ୍ୟ ଜବତ

ବୁଗୁଡା, (ସବ୍ୟୁ): ଶିକ୍ଷାନୁଷ୍ଠାନ ଠାରୁ ୧୦୦ ମିଟର ଦୂରତା ପର୍ଯ୍ୟନ୍ତ ସିଗାରେଟ୍, ଗୁଟଖା, ପାନ ମସଲା ଭଳି ନିକୋଟିନ୍ ଯୁକ୍ତ ଦ୍ରବ୍ୟ ବିକ୍ରି କରିବା ଆଇନାନୁଯାୟୀ ନିଷିଦ୍ଧ କରାଯାଇଛି । ରାଜ୍ୟ ପୋଲିସ୍ ବିଭାଗ ପକ୍ଷରୁ ଅପରେସନ 'ପ୍ରହାର' ଜରିଆରେ ଏହି ଆଇନର କଡାକଡି ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ପରିପ୍ରେକ୍ଷୀରେ ଗତ ଗୁରୁବାର ଦିନ ବୁଗୁଡା ପୋଲିସ ପକ୍ଷରୁ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନଠାରୁ ୧୦୦ ମିଟର ଦୂରତାରେ ଦୋକାନ ଖୋଲି ସିଗାରେଟ୍, ବିଡ଼ି, ଗୁଟଖା, ପାନମସଲା ବିକ୍ରି କରୁଥିବା ଦୋକାନ ଗୁଡିକ ଉପରେ ଅତର୍କିତ ଚଢ଼ାଉ କରାଯାଇଛି । ଉକ୍ତ ଦୋକାନ ଗୁଡିକରୁ ବିପୁଳ ପରିମାଣର ଗୁଟଖା, ସିଗାରେଟ୍, ବିଡ଼ି, ପାନ ମସଲା ସମେତ ନିକୋଟିନ୍ ଯୁକ୍ତ ସାମଗ୍ରୀ ଜବତ କରାଯିବା ସହ ୨ଟି ଦୋକାନୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ବୁଗୁଡା ଥାନାଧିକାରୀ ସାରଣ୍ଡ ଶେଖର ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଅଜିତ କୁମାର ପତ୍ରଠୀ ଓ ବିନାୟକ ବିଧାର, ଏଏସଆଇ ବାପୁଜୀ ଖଣ୍ଡରିଗିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉକ୍ତ ଚଢାଉରେ ସାମିଲ ଥିଲେ । ୧୫ଦିନ ବ୍ୟାପି ଚେକାଉ ଥିବା ଏହି ଚଢାଉ କାର୍ଯ୍ୟ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଥାନା ଇଲାକାରେ ଥିବା ଶିକ୍ଷାନୁଷ୍ଠାନ ନିକଟରେ ଥିବା ଦୋକାନରେ କରାଯିବ ପୋଲିସ ସୂତ୍ରରୁ ଜଣା ଯାଇଛି ।

# ୩୭ କେଜି ଗଞ୍ଜେଇ ଜବତ: ୪ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଅବକାରୀ ସଦର ରେଞ୍ଜ ଏସପି ପ୍ରବୀଣ କୁମାରଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ସହର ରେଲଷ୍ଟେସନ, ଗୋପାଳପୁର ଜଙ୍କସନ ଏଭଳି ପୃଥକ ତିନୋଟି ସ୍ଥାନରୁ ୩୭ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି । ତିନୋଟି ମାମଲାରେ ଏକ ବାଇକ ଜବତ କରିବା ସହ ୪ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ବ୍ରହ୍ମପୁର ରେଲଷ୍ଟେସନକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ମିଳିବା ପରେ ଇନ୍‌ସପେକ୍ଟର ଅର୍ଜୁନ ମଲିକଙ୍କ ନେତୃତ୍ୱରେ ୩ଟି ଟିମ ଗଠନ ହୋଇଥିଲା । ଗୋଟିଏ ଟିମ ରେଲଷ୍ଟେସନ, ଅନ୍ୟ ଏକ ଟିମ ଗୋପାଳପୁର ଜଙ୍କସନ ଓ ଅମ୍ବୁ ମାର୍କେଟ ଛକରେ ଯାନବାହନ ଯାଞ୍ଚ କରିଥିଲେ । ଶୁକ୍ରବାର ଭୋର ୫ଟା ବେଳେ ରେଲଷ୍ଟେସନ ନିକଟରେ ଜଣେ ଯୁବକ ସନ୍ଦେହଜନକ ଅବସ୍ଥାରେ ଛିଡ଼ା ହୋଇଥିବା ବେଳେ ସେ ଧରିଥିବା ବ୍ୟାଗ ଯାଞ୍ଚ କରାଯାଇଥିଲା । ଯାଞ୍ଚ ବେଳେ ତାଙ୍କ ନିକଟରୁ ୮ କେଜି ଗଞ୍ଜେଇ ମିଳିଥିଲା । ଅଭିଯୁକ୍ତ ଜଣଙ୍କ ହିଞ୍ଜିଳିକାଟୁ କରଡ଼ାପଲ୍ଲୀ ଗ୍ରାମର ସାମାଞ୍ଚଳ ବେହେରା (୪୫) । ତାଙ୍କରି ବୟାନରେ ଅନ୍ୟ ଏକ ଟିମ୍ ଗୋପାଳପୁର ଜଙ୍କସନରୁ ଅଜୟ ପ୍ରଧାନ(୪୦)ଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୮ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା । ସେହିପରି ସେମାନଙ୍କ ବୟାନ ଆଧାରରେ ନିଳକଣ୍ଠେଶ୍ୱର ମନ୍ଦିର ନିକଟରୁ ଦୁଇ ଜଣ ଯୁବକଙ୍କୁ କାବୁ କରିଥିଲା । ସେମାନେ ଏକ ବାଇକରେ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡିଥିଲା । ଅବକାରୀ ଟିମ ସେମାନେ ଧରିଥିବା ଏକ ଟ୍ରଲି ବ୍ୟାଗରୁ ୨୧ କେଜି ଗଞ୍ଜେଇ ଜବତ କରିଛି । ଅଭିଯୁକ୍ତ ଦୁଇ ଜଣ ହେଲେ ମହାରାଷ୍ଟ୍ର ଜାଲନା ଜିଲା ମଛ ଥାନା ଅନ୍ତର୍ଗତ ଉସବାଦର ରାମ ଧୋଟ୍ରେ (୨୪), ସୋଲପୁର ଜିଲା ସଲସେ ଗ୍ରାମର ଅକ୍ଷୟ ଅଶୋକ ରୋକଡେ (୨୪) । ଗିରଫ ୪ ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି । ଏହି ଚଢଉରେ ଏସଆଇ ସଙ୍ଗୀତା ମହାପାତ୍ର, ସସ୍ମିତା ମଲିକ, ଏଏସଆଇ ସନ୍ତୋଷ କୁମାର ପାଢୀ, ଅଜୟ କୁମାର ସାହୁ, ସନ୍ତୋଷ ତ୍ରିପାଠୀ, ଜଗନ୍ନାଥ ପାଢ଼ୀ କନେଷ୍ଟେବଲ ମନୋରଞ୍ଜନ ମହାପାତ୍ର, ସରୋଜ କୁମାର ପରିଡ଼ା, ଅଜୟ କୁମାର ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ସାପ କାମୁଡାରେ ନାବାଳିକା ମୃତ

ଭଞ୍ଜନଗର, (ସବ୍ୟୁ): ତାରାସିଙ୍ଗି ଥାନା ଅନ୍ତର୍ଗତ କୁତୁଡାଇ ପଞ୍ଚାୟତ ଅନ୍ତର୍ଗତ ବଡଖଣ୍ଡା ଗାଁରେ ସାପ କାମୁଡାରେ ଜଣେ ୧୧ ବର୍ଷ ଝିଅର ମୃତ୍ୟୁ ହୋଇଛି । ମୃତ ନାବାଳିକା ଜଣକ ନିକଟସ୍ଥ ଜାମଗରଡା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ରୀ ଶୁଭଶ୍ରୀ ଗୌଡ । ତାଙ୍କ ଘର ତାରାସିଙ୍ଗି ଥାନା ଅନ୍ତର୍ଗତ କ୍ଷେତମୁଣ୍ଡୁଳି ଗାଁ ରେ ହୋଇଥିବା ବେଳେ ମା' ଏବଂ ଭାଇ ଏବଂ ଭଉଣୀ ସହ ବଡଖଣ୍ଡା ଗାଁ ରେ ରହୁଥିଲେ । ଗତ ଗୁରୁବାର ରାତିରେ ଘରେ ଶୋଇଥିବା ବେଳେ, କୌଣସି ଏକ ବିଷଧର ସାପ କାମୁଡ଼ି ଦେଇଥିଲା । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବେଲଗୁଣ୍ଠା ଏବଂ ପରେ ଭଂଜନଗର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ମେଡିକାଲ ପରିସରର କାନ୍ଦବୋବାଳିରେ ଫାଟି ପଡ଼ିଥିବା ବେଳେ, ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା । ଶୋକାକୁଳ ପରିବେଶ ଭିତରେ ବଡଖଣ୍ଡା ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

# ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା

## ଗ୍ରାମବାସୀଙ୍କ ଆନ୍ଦୋଳନ ଜାରି, ଆଲୋଚନା ବିଫଳ

ଛତ୍ରପୁର, (ସବ୍ୟୁ): ଗୁରୁବାର ରାତ୍ରୀରେ ଟ୍ରକ୍ ମାଡିଯାଇ ମାଟିଖାଲ ଗ୍ରାମର ନାରାୟଣ ପ୍ରଧାନଙ୍କ ମୃତ୍ୟୁ ଘଟିଛି । ଏହାର ପ୍ରତିବାଦରେ ଗ୍ରାମବାସୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ମୃତକ ପରିବାରଙ୍କୁ କ୍ଷତିପୂରଣ ସହ ତାଙ୍କ ପନିଙ୍କୁ ଚାକିରୀ ଏବଂ ପୁଅଝିଅଙ୍କୁ ପାଠ ପଢାଇବା ନିମନ୍ତେ ସୁବ୍ୟବସ୍ଥା କରିବା ସମେତ ଅନ୍ୟାନ୍ୟ ଦାବୀନେଇ ଆଜି ସକାଳ ଠାରୁ ଡୁବୁଲିଛକ ନିକଟରେ ଗ୍ରାମର ବହୁ ମହିଳା ଓ ପୁରୁଷ ମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏହି ଆନ୍ଦୋଳନ ବହୁ ଘଣ୍ଟା ଚାଲିବା ପରେ ପ୍ରଶାସନ ପକ୍ଷରୁ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଛତ୍ରପୁର ତହସିଲଦାର ସମ୍ବିତ ସଂଗ୍ରାମଜିତ ସାହୁ, ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ, ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀ ବିଦ୍ୟା ଭାରତୀ ନାୟକ ଓ ଚମାଖଣ୍ଡି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ଆନ୍ଦୋଳନକାରୀ ଏବଂ ମୃତଙ୍କ ସମ୍ପର୍କୀୟ ମାନଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ପ୍ରଥମେ ସେମାନଙ୍କ ଦାବୀ ପୂରଣ କରିବା ନିମନ୍ତେ ଜିଦ ଧରିଥିଲେ । ପରେ ଅପରାହ୍ନ ୨ଟାରେ କଣମଣା ପଂଚାୟତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅଂଚଳର ଜନପ୍ରତିନିଧି, ଆଗଧାଡିର ବିଭିନ୍ନ ରାଜନୈତିକ ବ୍ୟକ୍ତି, ମାଟିଖାଲଗ୍ରାମର କିଛି ଭଦ୍ରବ୍ୟକ୍ତିଙ୍କ ସହ ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ଏବଂ ଗୋପାଳପୁର ବନ୍ଦର ଉଚ୍ଚପଦସ୍ଥ ଅଧିକାରୀ ମାନେ ଘଟଣା ସମ୍ପର୍କରେ ଆଲୋଚନା କରିବା ସହିତ ସେମାନଙ୍କ ଦାବୀ ସମ୍ପର୍କରେ ଦୀର୍ଘ ୫ ଘଣ୍ଟା ଧରି ଆଲୋଚନା କରିଥିଲେ ମଧ ତାହା ବିଫଳ ହୋଇଥିଲା । ମୃତ ନାରାୟଣ ଘରର ମୁଖିଆ ଥିଲେ । ଏବେ ତାଙ୍କ ପରିବାର କେମିତି ଚଳିବ ସେଥିପାଇଁ ସେମାନେ ପ୍ରଶ୍ନ କରିଥିଲେ । ପରିବାର ଲୋକଙ୍କୁ କ୍ଷତି ପୂରଣ ସହ ତାଙ୍କ ପନିଙ୍କୁ ଚାକିରୀ ଏବଂ ତାଙ୍କ ପିଲାଙ୍କ ଶିକ୍ଷାଦାନ ନେଇ ସମସ୍ତେ ପ୍ରଶାସନଙ୍କ ନିକଟରେ ଦାବୀ କରିଥିଲେ । ସେମାନେ ଅଭିଯୋଗ କରିଥିଲେଯେ ଗୋପାଳପୁର ପୋର୍ଟକୁ ପରିବହନ କରିଥିବା ଟ୍ରକ ନାରାୟଣ ଉପରେ ମାଡିଯାଇଥିବାରୁ ତାଙ୍କର ମୃତ୍ୟୁ ହୋଇଛି । ସେପଟେ ନାରାୟଣଙ୍କ ମୃତ ଦେହ ବ୍ୟବଚ୍ଛେଦ ନହୋଇ ମେଡିକାଲ ପଡି ରହିଛି । ସୂଚନାଯୋଗ୍ୟଯେ ଗୁରୁବାର ରାତ୍ର ମାଟି ଖାଲ ଗ୍ରାମର ନାରାୟଣ ପ୍ରଧାନ ଏବଂ ତାଙ୍କ ପନୀ ଏକ ବାଇକ ଯୋଗେ ଛତ୍ରପୁରରୁ ମାଟିଖାଲ ଅଭିମୁଖେ ଯାଉଥିବା ବେଳେ ଧରମପୁର ଗ୍ରାମର ଏମ. ଓ୍ୱାସୁ ନାମକ ଯୁବକ ଆଉ ଏକ ବାଇକ ଯୋଗେ ଛତ୍ରପୁର ଅଭିମୁଖେ ଯାଉଥିବା ବେଳେ ତଟରକ୍ଷୀବାହିନୀ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ନାରାୟଣ ପ୍ରଧାନ ଏବଂ ତାଙ୍କ ପନୀ ଝିଟିକି ହୋଇ ରାସ୍ତାରେ ପଡିଯାଇଥିବା ବେଳେ ଏକ ମାଇନିଂ ଟ୍ରକ ନାରାୟଣଙ୍କୁ ମାଡିଯାଇ ସେଠାରୁ ଚମ୍ପଟ ମାରିଥିଲା । ରକ୍ତାକ୍ତ ଅବସ୍ଥାରେ ଉଭୟଙ୍କୁ ସ୍ଥାନୀୟ ଲୋକେ ଏକ ଗାଡି ଯୋଗେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ନାରାୟଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

# ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଆୟୁଷ୍ମାନ ବୟୋବନ୍ଦନା କାର୍ଡ ବଣ୍ଟନ




କଟକ, (ସ୍ୱପ୍ର) : ସିଏମସି ଅନ୍ତର୍ଗତ ୫୩ନଂ ଓ୍ୱାର୍ଡ ବରିଷ୍ଠ ନାଗରିକ କଲ୍ୟାଣ କେନ୍ଦ୍ର ଅନ୍ଦରପୁର ଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ନୂଆବଜାର ଆନୁକୂଲ୍ୟରେ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ନୂଆବଜାର ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ଦ୍ୱାରା ୫୦ଜଣରୁ ଉର୍ଦ୍ଧ୍ୱର୍ ବିରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକୀୟ ଔଷଧ ପ୍ରଦାନ କରାଯିବା ସହିତ ୭୦ ବର୍ଷରୁ ଉର୍ଦ୍ଧ୍ୱର୍ ବୟସର ନାଗରିକମାନଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ କାର୍ଡ ବଣ୍ଟନର ବ୍ୟବସ୍ଥା କରିଥିଲେ । କାର୍ଯ୍ୟକ୍ରମରେ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସୁଶ୍ରୀ ଅପରାଜିତା ରାଉତରାୟଙ୍କୁ ଜନସ୍ୱାସ୍ଥ୍ୟ ପରିଚାଳକ ନିଗମ ସାହୁ, ନର୍ସିଂ ଅଫିସର ସୁଶ୍ରୀ ପଦ୍ମଜା ପ୍ରିୟଦର୍ଶିନୀ ରାଉତ, ସୁଶ୍ରୀ ଜୟନ୍ତୀ ତ୍ରିପାଠୀ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରିଥିଲେ । ଏହି କେନ୍ଦ୍ରର ସମ୍ପାଦକ ରାଜନୀକାନ୍ତ ପରିଜା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଅନୁଷ୍ଠାନର ସଭାପତି ରବୀନ୍ଦ୍ରନାଥ ମହାନ୍ତି, ଉପସଭାପତି ଭାଗ୍ୟଧର ବ୍ରହ୍ମା, ନିତ୍ୟାନନ୍ଦ ଭୋଳ, ସତ୍ୟକୁମାର ସାହାଣୀ, ଅକ୍ଷୟ କୁମାର ଦେ, ବିଜୟାନନ୍ଦ ସାହୁ, ବିଷ୍ଣୁ ଚରଣ ରାଉତ, ରମେଶ ଚନ୍ଦ୍ର ଦାସ, ପ୍ରାଣକୃଷ୍ଣ ଜେନା ପ୍ରମୁଖଙ୍କ ସହିତ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା, ମଧୁପାଟଣା ଥାନାଧିକାରୀ ଚିତ୍ତରଞ୍ଜନ ରାଉତ ଉପସ୍ଥିତ ଥିଲେ ।

# କୋରାପୁଟରେ ୬୫୦ ଶଯ୍ୟା ବିଶିଷ୍ଟ ଟିଂଟିଂ ହସ୍ପିଟାଲକୁ

# ବିଜୁଳି ଯୋଗାଉଛି ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର, (ସବ୍ୟୁ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ନିକଟରେ ନବନିର୍ମିତ ୬୫୦ ଶଯ୍ୟା ବିଶିଷ୍ଟ ଟିଂଟିଂ ହସ୍ପିଟାଲ୍ ପାଇଁ ୫୦୦ କେଭି କ୍ଷମତା ବିଶିଷ୍ଟ ବିତରଣ ଟ୍ରାନ୍ସଫର୍ମର ସହ ସ୍ୱତନ୍ତ୍ର ୩୩ କେଭି ଲାଇନ ପ୍ରତିଷ୍ଠା ହୋଇଛି । ଏହି ଉତ୍ସର୍ଗୀକୃତ ବିଦ୍ୟୁତ ସେବା ନୂତନ ହସ୍ପିଟାଲ୍, ହଷ୍ଟେଲ ଓ ଆବାସିକ କ୍ୱାର୍ଟର୍ସ ପାଇଁ ନିର୍ଭରଯୋଗ୍ୟ ଓ ନିରବଚ୍ଛିନ୍ନ ବିଜୁଳି ସେବା ସୁନିଶ୍ଚିତ କରିବ । ସୁନାବେଡ଼ା ଗ୍ରୀଡ଼ ସବଷ୍ଟେସନରୁ କୋରାପୁଟ ପୁରୁଣା ପାଓ୍ୱାର ସବଷ୍ଟେସନ ପର୍ଯ୍ୟନ୍ତ ଲମ୍ବିଥିବା ୩୩ କେଭି ଲାଇନରୁ ଏକ ନୂତନ ଲିଙ୍କ୍ ଲାଇନ ଯୋଗେ ନୂତନ ଡାକ୍ତରଖାନା କୋଠାକୁ ବିଜୁଳି ଯୋଗାଣ ହୋଇଛି । ୨୦ଟି ବିଦ୍ୟୁତ ପୋଲ୍ ଓ ୭୦୦ ସର୍କିଟ ମିଟରର ୩୩ କେଭି ଲାଇନ ଯୋଗେ ଏହି ଲିଙ୍କ୍ ଲାଇନ ଟଣାଯାଇଥିବା ବେଳେ ହସ୍ପିଟାଲ ପରିସରରେ ଏକ ୫୦୦ କେଭି ଟ୍ରାନ୍ସଫର୍ମର ସାଙ୍ଗକୁ ଏକ ସ୍ୱତନ୍ତ୍ର ବିଦ୍ୟୁତ ଭିତ୍ତିଭୂମି ବ୍ୟବସ୍ଥା ସ୍ଥାପନ କରାଯାଇଛି । ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ ନିରବଚ୍ଛିନ୍ନ ବିଜୁଳି ଯୋଗାଣର ଗୁରୁତ୍ୱକୁ ଅନୁଭବ କରି କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଏହି ନୂତନ ହସ୍ପିଟାଲରେ ସିଟି ସ୍କାନ୍, ଡାଏଲିସିସ୍‌ୟୁନିଟ୍, ଅକ୍ସିଜେନ ପ୍ଲାଣ୍ଟ ଓ ଅତ୍ୟାଧୁନିକ ନିଦାନ ତଥା ଚିକିତ୍ସା ସେବା ଉପଲବ୍ଧ ରହିଛି । କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଏହା ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ହେତୁ ଏଠାକୁ କିଭଳି ନିରବଚ୍ଛିନ୍ନ ଅର୍ଥାତ୍ ୨୪ ଘଣ୍ଟିଆ ବିଜୁଳି ସେବା ମିଳିବ ସେନେଇ କମ୍ପାନୀ ସମସ୍ତ ପଦକ୍ଷେପ ନେଇଛି । ଏକ ପୃଥକ ବିଜୁଳି ଭିତ୍ତିଭୂମି ପ୍ରତିଷ୍ଠା କରିବା ସହ ଏବି ସୁଇଚ, ଆଇସୋଲେଟର ଓ ଅନ୍ୟାନ୍ୟ ସୁରକ୍ଷା ଉପକରଣର ବ୍ୟବସ୍ଥା ସୁନିଶ୍ଚିତ କରିଛି ୬୫୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଥିବା ବେଳେ ଏହା ଦକ୍ଷିଣ ଓଡ଼ିଶାର ହଜାର ହଜାର ଲୋକଙ୍କୁ ଗୁଣାତ୍ମକ ତଥା ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଇବ । ଏହି ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ଦିଗରେ ଯେପରି ବିଜୁଳି ଯୋଗାଣଜନିତ ବାଧା ଉତ୍ପନ୍ନ ନହୁଏ ସେନେଇ କମ୍ପାନୀ ସଦା ସଚେତନ ରହିଛି । ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ ନିରବଚ୍ଛିନ୍ନ ବିଜୁଳି ଯୋଗାଣର ଆବଶ୍ୟକତାକୁ ଅନୁଭବ କରି ନବନିର୍ମିତ ଡାକ୍ତରଖାନା ନିମନ୍ତେ ଉତ୍ସର୍ଗୀକୃତ ଓ ନିର୍ଭରଯୋଗ୍ୟ ବିଜୁଳି ଭିତ୍ତିଭୂମି ପ୍ରତିଷ୍ଠା ହୋଇଛି । ଟିପିଏସ୍‌ଓଡିଏଲ୍ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ୨୪ ଘଣ୍ଟିଆ ବିଜୁଳି ଯୋଗାଣ ସୁନିଶ୍ଚିତ କରି ଗର୍ବ ଅନୁଭବ କରେ । ଏହି ପଦକ୍ଷେପ ଦକ୍ଷିଣ ଓଡ଼ିଶାରେ ଭିତ୍ତିଭୂମି ସୁଦୃଢୀକରଣ ସହ ଉପଭୋକ୍ତା ସଂପ୍ରଦାୟକୁ ସେବା ଯୋଗାଇବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି ।

# କେମିଷ୍ଟ, ଡ୍ରଗିଷ୍ଟ ଆସୋସିଏସନର ନୂଆ କାର୍ଯ୍ୟକାରିଣୀ କମିଟି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନର ନିର୍ବାଚନ ଆୟୋଜିତ ହୋଇଯାଇଛି । ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଉକିଳ କେମିଷ୍ଟ ଏବଂ ଡ୍ରଗିଷ୍ଟ ଏସୋସିଏସନର ସଦସ୍ୟ ସିଦ୍ଧାର୍ଥ ସାରଥୀ ଦାଶ, ଅରୁଣ କୁମାର ଦାସ, ସମୀର କୁମାର ଜଟାଣିଆ ପ୍ରମୁଖଙ୍କ ଉପସ୍ଥିତିରେ ଉକ୍ତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ୩୦ଜଣ ସଦସ୍ୟଙ୍କ ଅଂଶଗ୍ରହଣରେ ଏହି ନିର୍ବାଚନ ସୁଚାରୁଭାବେ ସମ୍ପନ୍ନ ହୋଇଥିଲା । ସୁଜଳ ବିହାରୀ ମହାନ୍ତି, ଆନନ୍ଦ କୁମାର ସାହୁ, ସରୋଜ କୁମାର ସାହୁ, ମାନସ ରଞ୍ଜନ ମହାନ୍ତି, ଅମିୟ କୁମାର ମହାପାତ୍ର, ନିରୋଜ କୁମାର ସାହୁ, ଶିବଶଙ୍କର ସାକୁନିଆ, ସଚିନ ଗୁପ୍ତା, ବିକାଶ ଚନ୍ଦ୍ର ମହାନ୍ତ, ସଞ୍ଜୟ କୁମାର ପରିଡା ପ୍ରମୁଖ ନିର୍ବାଚନରେ ସହଭାଗୀ ହୋଇଥିଲେ । ଏହି ନିର୍ବାଚନରେ ବିକାଶ ଚନ୍ଦ୍ର ମହାନ୍ତ ସଭାପତି ଏବଂ ମାନସ ରଞ୍ଜନ ମହାନ୍ତି ସମ୍ପାଦକ ଭାବେ ୨୦୨୫-୨୦୨୮ ଅବଧି ପାଇଁ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ପ୍ରକ୍ରିୟାଯୁସିଡି ଏର ପୂର୍ବତନ ସଭାପତି ସୁଜଳ ବିହାରୀ ମହାନ୍ତି ଓ ଏଆଇସିଡିର କାର୍ଯ୍ୟକାରିଣୀ ସଦସ୍ୟ ସୋରଜ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୂଚାରୁ ଭାବରେ ସମ୍ପାଦନ ହୋଇଥିଲା ଏବଂ ନବ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଆସୋସିଏସନ ତରଫରୁ ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଥିଲେ ।

# ଡ୍ରିମ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁଦିବସ

କଟକ, (ସ୍ୱପ୍ର): ଡ୍ରିମ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ପବିତ୍ର ଗୁରୁଦିବସ ଓ ମହାନ ଦାର୍ଶନିକ ଦେଶର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିନ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଥିଲା । ଏହି ଉପଲକ୍ଷେ ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଉଦଘାଟନ କରିଥିଲେ । ଶିକ୍ଷାନୁଷ୍ଠାନର ଅଧକ୍ଷ ପ୍ରଫେସର ଦିଲ୍ଲୀପ କୁମାର ମଲ୍ଲିକଙ୍କ ପୋରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧାପକ ଲୋକନାଥ ବେହେରା, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଏବଂ ଛାତ୍ରୀ ରଶ୍ମୀରେଖା ମହାନ୍ତି ଗୁରୁ ଦିବସର ଅନୁଚିନ୍ତା ସଂପର୍କରେ କହିଥିଲେ ।

# ପୁଣି ଯୁବି ହାଇସ୍କୁଲ ଶିକ୍ଷକ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଭଞ୍ଜନଗର, (ସବ୍ୟୁ): ଶିକ୍ଷକ ଶିକ୍ଷାର୍ଥୀ ଓ ଶିକ୍ଷାୟତନ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ସମୂହ । ଏ ପୁରାତନ ବିଦ୍ୟାଳୟ ନୂତନତ୍ୱର ସ୍ୱର୍ଶରେ ନବକଳେବର ଲଭିବା ସହ ସରକାର, ପଞ୍ଚସଖା ଶିକ୍ଷା ସେତୁ ଓ ମୋ ସ୍କୁଲ ଅଭିଯାନଙ୍କ ମିଳିତ ପ୍ରୟାସରେ ବର୍ତ୍ତମାନ ଶିଶୁ, ଶିକ୍ଷକ, ଶିକ୍ଷାୟତନ, ଗୋଷ୍ଠୀ ଓ ପ୍ରଶାସନକୁ ଉତ୍ସାହିତ କରିବା ନିମନ୍ତେ ଆରମ୍ଭ କରାଯାଇଛି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର । ଗତ ଶିକ୍ଷାବର୍ଷରୁ ପ୍ରଥମ କରି ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ର, ଇଂରାଜୀ ଭାଷା ବିଷୟରେ ଧାରାବାହିକଭାବେ ଦ୍ୱିତୀୟ ଥର ପାଇଁ ଚଳିତ ଶିକ୍ଷା ବର୍ଷରେ ମଧ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିଭାସନ୍ ଓ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ ପାତ୍ରଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି । ବାହାଡ଼ାପଦର ହାଇସ୍କୁଲର ହୃଷୀକେଶ ନାୟକ( ହିନ୍ଦୀ), ଶ୍ରୀବତ୍ସ ହାଇସ୍କୁଲର ବିଷ୍ଣୁ ପ୍ରିୟା ପତି (ଓଡ଼ିଆ) ପାଇଁ ପୁରସ୍କୃତ ହୋଇଛନ୍ତି । ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଏମ୍‌ଏସସିବି ବିଶ୍ୱବିଦ୍ୟାଳୟରେ କୁଳପତି ଭାବେ ପ୍ରଫେସର ପ୍ରମୋଦ କୁମାର ଶତପଥିଙ୍କ ଯୋଗଦାନ




ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ରସାୟନ ବିଭାଗର ବରିଷ୍ଠ ପ୍ରଫେସର ପ୍ରମୋଦ କୁମାର ଶତପଥି ଭାରପ୍ରାପ୍ତ କୁଳପତି ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଫେସର ଶତପଥିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସର୍ବପ୍ରଥମେ କୁଳପତି ପ୍ରଫେସର ଶତପଥି ପୂଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକଙ୍କ ସମେତ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା, କର୍ମକର୍ତ୍ତାଗଣ ଓ ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ଦେଇ କୁଳପତି ପ୍ରଫେସର ଶତପଥିଙ୍କୁ ସ୍ୱାଗତ କରିଥିଲେ । ପ୍ରଫେସର ଶତପଥି ଏଥିପୂର୍ବରୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ, କୁଳସଚିବ, ପରୀକ୍ଷା ନିୟନ୍ତ୍ରକ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ହୋଇସାରିଛନ୍ତି ।


बैंक ऑफ़ बड़ौदा
Bank of Baroda

ବ୍ୟାଙ୍କ ଅଫ୍ ବରୋଦା,
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
ପ୍ରଥମ ମହଲା, ବିଜୟ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଓଡ଼ିଶା

ଦଖଲ ବିଜ୍ଞପ୍ତି
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୮(୧) ଅନୁସାରେ]

ନିମ୍ନସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ୧୩ର ଉପଧାର (୪) ସହିତ କଥିତ ରୁଲ୍‌ର ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ ବ୍ୟାଙ୍କ ଅଫ୍ ବରୋଦା ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **କଟଣୀ ଶାଖା /** ଋଣଗ୍ରହୀତାମାନେ: ଶ୍ରୀ ବାସୁଦେବ ମଲିକ, ପିତା: ଶ୍ରୀ ସଦାଶିବ ମଲିକ ଏବଂ ଶ୍ରୀମତୀ ପ୍ରଭାତୀ ମଲିକ, ଉଭୟଙ୍କ ଠିକଣା- ଗ୍ରାମ: ପୋଖଲ, ତହସିଲ/ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୬ | ଶ୍ରୀ ବାସୁଦେବ ମଲିକ, ପିତା: ଶ୍ରୀ ସଦାଶିବ ମଲିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୭୫/୭୧, ପ୍ଲଟ୍ ନଂ.: ୭୦୦/୭୨୭, ମୌଜା: ପୋଖଲ, ପରିମିତ କ୍ଷେତ୍ର: ୦.୦୪୮ ଡିସିମିଲି, ଅନୁରୂପ ମ୍ୟୁଟେସନ ଖାତା ନଂ.: ୨୭୫/୬୯, ପ୍ଲଟ୍ ନଂ.: ୪୦୩/୭୨୫, କ୍ଷେତ୍ର: ଏକର୦.୦୧୫ ଡିସିମିଲି ଏବଂ ମ୍ୟୁଟେସନ ଖତିୟାନ ନଂ.: ୨୭୫/୭୦, ପ୍ଲଟ୍ ନଂ.: ୪୦୨/୭୬୬, କ୍ଷେତ୍ର: ଏକର୦.୦୧୫ | ୧୦.୧୨.୨୦୨୪ / ୦୪.୦୯.୨୦୨୫ | ଟ.୨୦,୩୯,୦୪୨.୮୧ ସୁଦ୍ଧା ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| | ଡିସିମିଲି, କିସମ: ଘରବାରି, ଜିଲ୍ଲା: ପୁରୀ, ତହସିଲ/ଥାନା ନଂ.: ୧୧୧, ମୌଜା: ପୋଖଲ, ଏହାର ଚଉପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୩୯୯, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୪୦୦ (ଅଂଶ), ପଶ୍ଚିମ: ମାଳତୀ ମଲିକ | | |
| **କଟଣୀ ଶାଖା /** ଋଣଗ୍ରହୀତା: ମେସର୍ସ ଚକାଡୋଲା କାସ୍ଥ୍ୟୁ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସୁଧା ଶର୍ମା, ପିତା: ଶ୍ରୀ ଶିବ କୁମାର ଶର୍ମା, ସା: ପ୍ଲଟ୍ ନଂ.: ୧୩୦୦, ଜୟଦୁର୍ଗା ନଗର, ଦମିଖାଲ, ପୋ: ବୁଦ୍ଧେଶ୍ୱରୀ, ଥାନା: ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍- ୭୫୧୦୦୬ | ମେସର୍ସ ଚକାଡୋଲା କାସ୍ଥ୍ୟୁ ଇଣ୍ଡଷ୍ଟ୍ରିଜ୍ (ସ୍ୱତ୍ୱାଧିକାରୀ: ଶ୍ରୀମତୀ ସୁଧା ଶର୍ମା) ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର (୧) ଶ୍ରୀମତୀ ସୁଧା ଶର୍ମାଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ଖୋର୍ଦ୍ଧା, ମୌଜା: କିଆଝରୀ, ଥାନା ନଂ.: ୧୭୮, ବନ୍ଧକ ସମ୍ପତ୍ତି/ଜମି ଯାହାର ଖାତା ନଂ.: ୭୩୧/୪୪୭, ପ୍ଲଟ୍ ନଂ.: ୧୬୯୧/୨୩୯୪, କ୍ଷେତ୍ର: ଏକର୦.୧୮୦ ଡିସିମିଲି, ସ୍ଥିତିବାନ, ଘରବାରି, ଅନୁରୂପ ପୂର୍ବ ହାଲ ସେଟେଲମେଣ୍ଟ ଆର୍.ଓ.ଆର୍ ଖାତା ନଂ.: ୫୮୭, ପ୍ଲଟ୍ ନଂ.: | ୩୦.୦୬.୨୦୨୫ / ୦୪.୦୯.୨୦୨୫ | ୩୦.୦୮.୨୦୨୫ ସୁଦ୍ଧା ଟ.୧,୮୬,୮୭,୨୨୧.୬୧ ସୁଦ୍ଧା ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| | ୧୬୯୧, ସ୍ଥିତି: ସ୍ଥିତିବାନ ଏବଂ ସାବିକ ଆର୍.ଓ.ଆର୍ ପ୍ଲଟ୍ ନଂ.: ୧୪୮୪, ଖାତା ନଂ.: ୪୩୯, ଏହାର ଚଉପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୬୯୩, ୧୬୯୨, ଦକ୍ଷିଣ: ମହେଶ୍ୱର ମହାରଣା, ପୂର୍ବ: ଲକ୍ଷ୍ମୀଧର ମଙ୍ଗରାଜ ଏବଂ ଦାଶରଥି ମଙ୍ଗରାଜ, ପଶ୍ଚିମ: ଭାନୁ ପ୍ରସାଦ ନନ୍ଦ, (୨) ଜିଲ୍ଲା: ଖୋର୍ଦ୍ଧା, ଥାନା: ଖୋର୍ଦ୍ଧା, ମୌଜା: କିଆଝରୀ, ଥାନା ନଂ.: ୧୭୮, ବନ୍ଧକ ଖାତା ନଂ.: ୭୩୧/୪୪୮, ପ୍ଲଟ୍ ନଂ.: ୧୬୯୧/୨୩୯୫, କ୍ଷେତ୍ର: ଏକର୦.୨୦୦ ଡିସିମିଲି, କିସମ: ଘରବାରି, ଅନୁରୂପ ହାଲ ସେଟେଲମେଣ୍ଟ ଆର୍.ଓ.ଆର୍ ଖାତା ନଂ.: ୫୮୭, ପ୍ଲଟ୍ ନଂ.: ୧୬୯୧, କ୍ଷେତ୍ର: ଏକର୦.୪୪୬ ଡିସିମିଲି ରୁ ଏକର୦.୨୦୦ ଡିସିମିଲି (ଉତ୍ତର ପୂର୍ବ ପାର୍ଶ୍ୱରୁ), ସ୍ଥିତି: ସ୍ଥିତିବାନ ଏବଂ ସାବିକ ଆର୍.ଓ.ଆର୍ ପ୍ଲଟ୍ ନଂ.: ୧୪୮୪, ଖାତା ନଂ.: ୪୩୯, ଏହାର ଚଉପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୬୯୨, ଦକ୍ଷିଣ: ମହେଶ୍ୱର ମହାରଣା, ପୂର୍ବ: ପ୍ଲଟ୍ ନଂ.: ୧୬୫୦, ପଶ୍ଚିମ: ଲକ୍ଷ୍ମୀଧର ମଙ୍ଗରାଜ ଏବଂ ଦାଶରଥି ମଙ୍ଗରାଜ, (୩) ଜିଲ୍ଲା: ଖୋର୍ଦ୍ଧା, ଥାନା: ଖୋର୍ଦ୍ଧା, ମୌଜା: କିଆଝରୀ, ଥାନା ନଂ.: ୧୭୮, ବନ୍ଧକ ସମ୍ପତ୍ତି/ଜମିର ଖାତା ନଂ.: ୭୩୧/୪୪୯, ପ୍ଲଟ୍ ନଂ.: ୧୬୯୦/୨୨୮୩, କ୍ଷେତ୍ର: ଏକର୦.୦୯୨ ଡିସିମିଲି, କିସମ: ଘରବାରି, ଅନୁରୂପ ପୂର୍ବ ଆର୍.ଓ.ଆର୍ ଖାତା ନଂ.: ୭୩୧/୨୨୬, ପ୍ଲଟ୍ ନଂ.: ୧୬୯୦/୨୨୮୩, କ୍ଷେତ୍ର: ଏକର୦.୦୯୨ ଡିସିମିଲି, କିସମ: ଘରବାରି, ପରବର୍ତ୍ତୀ ଅନୁରୂପ ଖାତା ନଂ.: ୭୩୧/୧୬୯, ପ୍ଲଟ୍ ନଂ.: ୧୬୯୦, ପରବର୍ତ୍ତୀ ଅନୁରୂପ ହାଲ ସେଟେଲମେଣ୍ଟ ଆର୍.ଓ.ଆର୍ ଖାତା ନଂ.: ୬୩୪, ପ୍ଲଟ୍ ନଂ.: ୧୬୯୦, ସ୍ଥିତି: ସ୍ଥିତିବାନ ଏବଂ ସାବିକ ଆର୍.ଓ.ଆର୍ ପ୍ଲଟ୍ ନଂ.: ୧୪୮୮, ଖାତା ନଂ.: ୩୦୨, ଏହାର ଚଉପାର୍ଶ୍ୱରେ- ଉତ୍ତର: ମହେଶ୍ୱର ମହାରଣା, ଦକ୍ଷିଣ: ସୁଜନ କୁମାର ପ୍ରଧାନ, ପୂର୍ବ: ଲକ୍ଷ୍ମୀଧର ମଙ୍ଗରାଜ ଏବଂ ଦାଶରଥି ମଙ୍ଗରାଜ, ପଶ୍ଚିମ: ସରକାରୀ ରାସ୍ତା | | |
| **ସ୍ୱର୍ଗଦ୍ୱାର ଶାଖା /** ଋଣଗ୍ରହୀତା: ମେସର୍ସ ଜଗଦୟା ଫ୍ୟାଶନ୍, ବଳଗଣ୍ଡି, ମାଉନା ଜାଗା ନିକଟ, ଗ୍ରାଣ୍ଡ ରୋଡ୍, ପୁରୀ, ପିନ୍-୭୫୨୦୦୧, ଅଂଶୀଦାରମାନେ: ୧) ଶ୍ରୀ ବିଜୁ ରଞ୍ଜନ ପାତ୍ର, ୨) ଶ୍ରୀ ବିଶ୍ୱ ରଞ୍ଜନ ପାତ୍ର, ଉଭୟଙ୍କ ଠିକଣା- ରାଧାଗୋବିନ୍ଦ ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ, ପିନ୍-୭୫୨୦୦୧ / ଜାମିନ୍‌ଦାର: ଶ୍ରୀ ଗୋପିନାଥ ପାତ୍ର, ରାଧାଗୋବିନ୍ଦ ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ, ପିନ୍-୭୫୨୦୦୧ | ଶ୍ରୀ ଗୋପିନାଥ ପାତ୍ର (ଜାମିନ୍‌ଦାର)ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ମାର୍କଣ୍ଡେଶ୍ୱର ସାହି, ପୁରୀ, ଖାତା ନଂ.: ୧୭୩, ପ୍ଲଟ୍ ନଂ.: ୩୪୪, କ୍ଷେତ୍ର: ଏକର୦.୦୩୧ ଡିସିମିଲି, ସ୍ଥିତି: ସ୍ଥିତିବାନ, କିସମ: ଘରବାରି, ଅନୁରୂପ ସାବିକ ଖାତା ନଂ.: ୧୧୬, ସାବିକ ପ୍ଲଟ୍ ନଂ.: ୨୭୬, ଏହାର ଚଉପାର୍ଶ୍ୱରେ- ପୂର୍ବ: ଉଦୟନାଥ ପାତ୍ର, ପଶ୍ଚିମ: ବିନାୟକ ମିଶ୍ର, ଉତ୍ତର: ରାସ୍ତା, ଦକ୍ଷିଣ: ଝାଡୁଦାର ଗଳି, ସର୍କଲ ନଂ. ୯ ଅନ୍ତର୍ଗତ ପୁରୀ ମ୍ୟୁନିସିପାଲିଟି ହୋଲ୍ଡିଂ ନଂ. ୦୨୩୯୯୨ | ୨୯.୦୫.୨୦୨୫ / ୦୪.୦୯.୨୦୨୫ | ୨୯.୦୫.୨୦୨୫ ସୁଦ୍ଧା ଟ.୫୭,୫୦,୪୪୦.୧୬ ସୁଦ୍ଧା ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ହରିଶପୁର ଶାଖା /** ଋଣଗ୍ରହୀତା: ମେସର୍ସ ଗୋପିନାଥ କ୍ଲଥ୍ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ ବିଚିତ୍ରାନନ୍ଦ ପ୍ରଧାନ, ସା: ଖେଲାର ବଜାର, ଏସ୍‌ବିଆଇ ଏଟିଏମ୍ ସାମ୍ନା, ପୋ: ରେଣ୍ଟ, ନିମାପଡା, ପୁରୀ, ବାସସ୍ଥାନ ଠିକଣା- ସା: ଭାଣପୁର, ତହସିଲ: ନିମାପଡ଼ା, ଜିଲ୍ଲା: ପୁରୀ, ପିନ୍-୭୫୨୧୧୪ | ସ୍ଥାବର ସମ୍ପତ୍ତି ଯାହାର ଜିଲ୍ଲା: ପୁରୀ, ତହସିଲ: ନିମାପଡା, ଥାନା: ନିମାପଡା, ଥାନା ନଂ. ୫୦, ଏସ୍‌ଆରଓ: ନିମାପଡା ଅଧିକାରକ୍ଷେତ୍ର ଅଧୀନ, ମୌଜା: ଭାଣପୁର, ହାଲ ଖାତା ନଂ.: ୧୯୮, ପ୍ଲଟ୍ ନଂ.: ୯୯୯ ସହିତ ପରିମିତ କ୍ଷେତ୍ର: ଏକର୦.୦୩୦ ଡିସିମିଲି, କିସମ: ଘରବାରି, ଏହାର ଚଉପାର୍ଶ୍ୱରେ- ଉତ୍ତର: ସରକାରୀ ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଶ୍ରୀ ମହାପାତ୍ର, ପଶ୍ଚିମ: ଆଶ୍ରମ | ୧୮.୦୬.୨୦୨୫ / ୦୪.୦୯.୨୦୨୫ | ୨୭.୦୨.୨୦୨୫ ସୁଦ୍ଧା ଟ.୧୧,୦୩,୬୦୨.୫୭ ସୁଦ୍ଧା ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୫.୦୯.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ବରୋଦା

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ସମ୍ମାନିତ ହେଲେ କ୍ରୀଡା ଶିକ୍ଷକ



ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲାସ୍ତରୀୟ ସମ୍ମେଳନ କକ୍ଷରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ନର୍ଲା ବ୍ଲକର ତୁଳାପଡା ଦାମୋଦର ସରକାରୀ ଉଚ୍ଚ ବିଦ୍ୟାପୀଠରେ କ୍ରୀଡା ଶିକ୍ଷକ ଭାବେ କାର୍ଯ୍ୟରତ ଶିକ୍ଷକ ସନ୍ତୋଷାନନ୍ଦ ନାୟକ ସମ୍ମାନୀତ ହୋଇଛନ୍ତି । ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଅଧିନରେ ଆୟୋଜିତ କାର୍ଯ୍ୟକ୍ରମରେ ସର୍ବ ପ୍ରଥମେ ଗୁରୁ ଡଃ. ସର୍ବପଲ୍ଲୀ ରାଧାକୃଷ୍ଣନ ଙ୍କ ଫଟୋ ଚିତ୍ରରେ ଅତିଥି ମାନେ ପୁଷ୍ପମାଲ୍ୟ ଅର୍ପଣ କରି ଗୁରୁ ଦିବସର ବାର୍ତ୍ତା ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରଓ୍ୱାନ୍ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦାନ କରିଥିଲେ । କ୍ରୀଡ଼ା ଶିକ୍ଷକ ସନ୍ତୋଷାନନ୍ଦଙ୍କୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ଏହା ଜଣା ପଡ଼ିବା ପରେ ଅଞ୍ଚଳରେ ସମସ୍ତେ ଖୁସି ବ୍ୟକ୍ତ କରିଛନ୍ତି । ରାଜ୍ୟସ୍ତରୀୟ ଓ ଜାତୀୟସ୍ତରରେ କ୍ରୀଡା ପରିଚାଳନା କରିବାରେ ସିଦ୍ଧହସ୍ତ ଶିକ୍ଷକ ସନ୍ତୋଷାନନ୍ଦଙ୍କୁ ଶିକ୍ଷକ ସଂଘ, ସାମ୍ବାଦିକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସଚେତନ ନାଗରିକ ମଞ୍ଚ,ଅନେକ ଶିକ୍ଷାବିତ୍ ମାନେ ଶୁଭେଚ୍ଛା ଜଣାଇଛନ୍ତି ।

# ଯବାନ ପୁଅକୁ ହରାଇ କାନ୍ଦୁଛି ଜନ୍ମମାଟି ଗୋଡ଼ଭଗା



ବରଗଡ଼, (ସବ୍ୟୁ): ଗତ ବୁଧବାର ଦିନ ଖଗେନ୍ଦ୍ର ମହାପାତ୍ରଙ୍କ ବିଏସ ଏଫ ମେଘାଳୟ କାର୍ଯ୍ୟାଳୟରୁ ଦୁଃଖଦ ଖବର ଆସି ପହଁଞ୍ଚିଲା । ସେହି ସମୟରୁ ହିଁ ଗାଁର ପିଣ୍ଡା ପିଣ୍ଡାରେ ବସି ଦୁଃଖଦ ଆଲୋଚନା ଚାଲିଆସୁଥିଲା। ଶୁକ୍ରବାର ଶେଷରେ ପ୍ରତୀକ୍ଷାର ଅନ୍ତ ଘଟି ଜନ୍ମମାଟିରେ ପହଞ୍ଚିଛି ଶହୀଦ ଯବାନଙ୍କ ପାର୍ଥିବ ଶରୀର । ଶୋକାକୁଳ ପରିବେଶରେ ପଡୁନି ପୂର୍ଣ୍ଣଚ୍ଛେଦ । ୪ବର୍ଷର କଅଁଳ ପୁତ୍ରକୁ ଧରି ଶହୀଦ ଯବାନଙ୍କ ପତ୍ନୀର ଆକୁଳ କ୍ରନ୍ଦନ ହେଉ କି ରୋଜଗାରିଆ ପୁଅର ମୃତ୍ୟୁରେ ବେସାହାରା ମାଆ ବାପାଙ୍କ ବୁକୁଫଟା ଚିତ୍କାର । ବାହୁନି ବାହୁନି କାନ୍ଦ ଆଉ ଗ୍ରାମବାସୀଙ୍କ ଗର୍ବ ଓ ଗୌରବ ଯବାନ ପୁଅର ଅସମୟରେ ଅକାଳ ମୃତ୍ୟୁରେ ଭାଙ୍ଗି ପଡିଥିବା ଗୋଡ଼ଭଗା ଗ୍ରାମବାସୀଙ୍କ ଅଶ୍ରୁ ଛଳ ଛଳ ନୟନ । ଦୁଃଖଦ ଖବର ସ୍ତମ୍ଭିଭୂତ କରିଦେଇଛି ଯବାନଙ୍କ ଜନ୍ମମାଟି ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗା ଗ୍ରାମକୁ । ନିସ୍ତବ୍ଧ ହୋଇ ପଡିଛନ୍ତି ଗାଁର ଗ୍ରାମବାସୀ ।ସହୀଦ ହୋଇଯାଇଛନ୍ତି ଗାଁ ମାଟିର ବୀର ସନ୍ତାନ । ଆଉ ଶୁଭିବ ନାହିଁ ତାଙ୍କ ସ୍ୱନ୍ଦନ । ଗାଁକୁ ନିସ୍ତବ୍ଧ କରିଛି ସତ, ହେଲେ ସେ ହୋଇ ଯାଇଛନ୍ତି ଚିର ଅମର୍ ।

ଯବାନ ପୁଅକୁ ହରାଇ ବାହୁନି ବାହୁନି କାନ୍ଦୁଛି ପୁରା ପରିବାର। କାନ୍ଦୁଛି ମା , କାନ୍ଦୁଛି ଗାଁ । କାନ୍ଦ ବୋବାଳିରେ ଫାଟି ପଡୁଛି ସାରା ଗାଁ ପରିବେଶ । ଯବାନଙ୍କ ଜନ୍ମମାଟି ଗୋଡ଼ଭଗା ଗ୍ରାମକୁ ପାର୍ଥିବ ଶରୀର ପହଞ୍ଚିବା ପରେ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ। ସହୀଦ ହୋଇଯାଇଛନ୍ତି ଗାଁ ମାଟିର ବୀର ସନ୍ତାନ ଖଗେନ୍ଦ୍ର ମହାପାତ୍ର । ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗା ଗ୍ରାମର ଫକୀର ମହାପାତ୍ରଙ୍କ ପୁଅ ଖଗେନ୍ଦ୍ର ମହାପାତ୍ର । ଦେଶ ମାତୃକାର ସେବା ପାଇଁ ୧୪ ବର୍ଷ ପୂର୍ବେ ବିଏସଏଫରେ ଯବାନ ଭାବେ ଯୋଗ ଦେଇଥିଲେ। ବିଏସଏଫ ଯବାନ ଭାବେ ମଣିପୁର ଏବଂ ମେଘାଳୟ ଅଞ୍ଚଳରେ କାର୍ଯ୍ୟ କରୁଥିଲେ ଖଗେନ୍ଦ୍ର । ଆଉ ମାତ୍ର ୪ ବର୍ଷ ପରେ ଅବସର ନେଇଥାନ୍ତେ । ହେଲେ ବିଧିର ବିଧାନ ବଡ଼ ବିଚିତ୍ର । ଶୁକ୍ରବାର ସକାଳ ୭ ଘଣ୍ଟା ସମୟରେ ଅତାବିରା ପୋଲିସ ଷ୍ଟେସନ ଠାରେ ବି ଏସ ଏଫ ଟିମ ସହିଦ ଖଗେନ୍ଦ୍ରଙ୍କ ମର ଶରୀର ଆଣି ରିପୋର୍ଟିଂ କଲାପରେ ମାଡିଚାଲିଥିଲେ ଖଗେନ୍ଦ୍ରଙ୍କ ନିଜ ଜନ୍ମସ୍ଥାନ ଗୋଡ଼ଭଗାକୁ। ରାସ୍ତାରେ ସରଣ୍ଡା, ଚକୁଳିଫାର୍ମ, ଗୋଡ଼ଭଗା ଛକ ପହଂଚିବା ପରେ ଦେଖିବାକୁ ମିଳିଥିଲା ପ୍ରବଳ ଭିଡ଼, ଗୋଡ଼ଭଗା ନାଗରିକ କମିଟି, ଦୁର୍ଗାପୂଜା କମିଟି, ଲୟନ୍ସ କ୍ଲବ, ମାରବାଡ଼ି ଯୁବାମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାପରେ ଆଜି ତାଙ୍କ ପାର୍ଥିବ ଶରୀର ଗାଁ ମାଟିରେ ପହଞ୍ଚିଲା ପରେ ଗାଆଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିଏସଏଫ ଟିମ ପକ୍ଷରୁ ଶବ ହସ୍ତାନ୍ତର କରିବା ପୂର୍ବରୁ ଗ୍ରାମବାସୀମାନେ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଏକ ଦାବି ପତ୍ର ଦେଇଥିଲେ ଯେ, ସହିଦ ଯବାନଙ୍କ ସ୍ତ୍ରୀଙ୍କୁ ଏକ ସରକାରୀ ଚାକିରୀ, ତାଙ୍କ ୪ବର୍ଷର ପୁଅକୁ ବିନା କୌଣସି ପରୀକ୍ଷାରେ ସୈନିକ ସ୍କୁଲରେ ପାଠ ପଢିବାପାଇଁ ସୁଯୋଗ ତଥା ତାଙ୍କ ବୃଦ୍ଧ ପିତାମାତାଙ୍କ ପାଇଁ ଆର୍ଥିକ ସହାୟତା ଦେବାପାଇଁ ବିଏସଏଫ ମୁଖ୍ୟଙ୍କୁ ଦାବିପତ୍ର ଦେଇଥିଲେ। ପରିବାର ଲୋକେ ଶେଷ ଦର୍ଶନ ପରେ ଗାଁର ସତୀଜୋର ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷ କୃତ୍ୟ ସମାପନ ହୋଇଥିଲା । ସହିଦଙ୍କ ଶେଷ ଦର୍ଶନ ଓ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଶ୍ମଶାନରେ ହଜାର ହଜାର ଲୋକଙ୍କ ଭିଡ ଜମିଥିଲା । ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଅତାବିରା ତହସିଲଦାର କେ. ରିତୀ କୁମାର ଥାନା ଆଇଆଇସି ପ୍ରକାଶ କର୍ଣ୍ଣଙ୍କ ସମେତ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗୋଡ଼ଭଗା ସତୀ ଜୋର ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସଲାମୀ ଦେଇ ଶବ ସତ୍କାର କରାଯାଇଥିଲା । ସ୍ୱର୍ଗତ ଯବାନ ଖଗେନ୍ଦ୍ରଙ୍କ ଭାଇ ଅନିଲ ମହାପାତ୍ରଙ୍କ ମାଧ୍ୟମରେ ଚାରି ବର୍ଷର ପୁତ୍ର ରୋଲାନ୍ ମହାପାତ୍ର ମୁଖାଗ୍ନି ଦେଇଥିଲେ। ସମସ୍ତଙ୍କ ମୁହଁରେ ଗୋଟିଏ କଥା ...ସହିଦ ଯବାନ ଅମର ରହେ .. ଜୟ ଯବାନ .. ଜୟ କିସାନ୍... ।

## ପୋଖରୀରେ ବୁଡ଼ି ଦୁଇ ଭାଇ ମୃତ

ଭବାନୀପାଟଣା,(ସବ୍ୟୁ) : ଖେଳୁ ଥିବା ଅବସ୍ଥାରେ ପୋଖରୀରେ ବୁଡ଼ି ଦୁଇ ଭାଇଙ୍କ ମୃତ୍ୟୁ ଘଟିଛି । ମୃତକମାନେ ଭବାନୀପାଟଣା ସଦର ଥାନା ଗୁଞ୍ଜିପଦର ଗାଁର । ଦୁଇ ନାବାଳକଙ୍କ ବୟସ ୬ ଏବଂ ୮ ବର୍ଷ । ଖବର ପାଇ ସଦର ଥାନା ପୋଲିସ ଏବଂ ଅଗ୍ନିଶମ ବିଭାଗ ପୋଖରୀରୁ ଦୁଇ ନାବାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ । ବ୍ୟବଚ୍ଛେଦ ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଛି ମୃତଦେହ ।

## ଗୁରୁ ଦିବସରେ ୧୭ ଶିକ୍ଷକ ସମ୍ମାନିତ



ବୋରିଗୁମ୍ମା(ସବ୍ୟୁ): ସେପ୍ଟେମ୍ବର ୫ ତାରିଖକୁ ସାରା ଦେଶରେ ଗୁରୁ ଦିବସ ଭାବେ ପାଳନ କରାଯାଇଥାଏ। ସେହିପରି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ଦିବସ ପାଳନ କରାଯାଇଥିଲା। ସ୍ଥାନୀୟ ଦୋରା କଲ୍ୟାଣ ମଣ୍ଡପ ଠାରେ ବୋରିଗୁମ୍ମା ଓ କୁମୁଲି ସର୍କଲ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ଦିବସ ପାଳନ କରାଯାଇଛି। ଗୁରୁ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ଜଗନ୍ନାଥ ସାମନ୍ତରାୟ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସି.ଏଚ.ନାଗେଶ୍ୱର ରାଓ,ବିଜୟ ଷଡ଼ଙ୍ଗୀ, ସୁରେଶ ରାଉତ,ବୋରିଗୁମ୍ମା ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା,ସମ୍ପାଦକ ପ୍ରଫୁଲ୍ଲ ନାୟକ,କୁମୁଲି ସର୍କଲ ଶିକ୍ଷକ ସଂଘ ସଭାପତି ମହେନ୍ଦ୍ର ଶତପଥି, ରମାକାନ୍ତ ମହାପାତ୍ର, ଅନୀଲ ଦେବତା ଥିଲେ। ସସ୍ମିତା ରଥ ଉପସ୍ଥାପନ କରିଥିଲେ। ଗୁରୁ ଦିବସ ଅବସରରେ ବୋରିଗୁମ୍ମାର ୧୭ ଟି କ୍ଲଷ୍ଟର ର ୧୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଲଷ୍ଟରରୁ ସମ୍ମାନିତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ହେଲେ ତ୍ରିନାଥ ସାହୁ,ବସନ୍ତ କୁମାରୀ ପାତ୍ର,ଏମ.ସତ୍ୟ ନାରାୟଣ ଆଚାରୀ, ମହେନ୍ଦ୍ର କୁମାର ତ୍ରିପାଠୀ, ଶିବରାମ ପୂଜାରୀ, ନବୀନ ଚନ୍ଦ୍ର ନାୟକ,ରମାକାନ୍ତ ସାମନ୍ତରାୟ,ସୁବାଷିନୀ ଦାସ, ହରିକ୍ରିଷ୍ଣା ନାୟକ, ପ୍ରଦ୍ୟୁମ୍ନ ମିଶ୍ର, ରୀନା ପୂଜାରୀ, ଲବ ପେଣ୍ଡିଆ, ଘାସି ହରିଜନ, ନିତ୍ୟାନନ୍ଦ ଗୋଲରୀ, ପୂର୍ଣ୍ଣଚନ୍ଦ୍ର ଖିନବୁଡ଼ି, ଗୋବିନ୍ଦ ଗରଡା, ଉମାଶଙ୍କର ହାଲବାଙ୍କୁ ମାନପତ୍ର ଏବଂ ଉପଢ୍ୱୌକନ ଦେଇ ସମ୍ମାନିତ କରାଯାଇଥିଲା । ଶେଷରେ ରମାକାନ୍ତ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମକୁ ଶିକ୍ଷକ ଏନ କାମେଶ୍ୱର ରାଓ ,ମୁନୁ ସାହୁ ଓ ବୋରିଗୁମ୍ମା ସିଆରସିସି ଆଶିଷ କୁମାର ହୋତା ପରିଚାଳନା କରିଥିଲେ।

## ତରଭା ଆଇସିଡିଏସ ର ଫିଲ୍ଟର କିଣାରେ ଅନିୟମିତତା!

ତରଭା,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଆଇସିଡିଏସର ଫିଲ୍ଟର କିଣାକୁ ନେଇ ଚର୍ଚ୍ଚା ଜୋର ଧରିବାରେ ଲାଗିଛି । ପ୍ରକାଶ ଥାଉକି ତରଭା ଆଇସିଡ଼ିଏସ୍ ର ସମସ୍ତ ଅଙ୍ଗନବାଡି କେନ୍ଦ୍ର ମାନଙ୍କୁ ଏଇ କିଛି ଦିନ ହେଲା ଆଇସିଡିଏସ ତରଫରୁ ଫିଲଟର୍ ଯୋଗାଇ ଦିଆଯାଇଛି । ଏଥି ପାଇଁ ପ୍ରତି ଅଙ୍ଗନବାଡି କେନ୍ଦ୍ରରୁ ୧୨୩୦ ଟଙ୍କା ଅଙ୍ଗନବାଡି କର୍ମୀଙ୍କୁ ଦେବାକୁ ପଡୁ ଥିବା ତରଭା ସି ଡି ପି ଓ ଜ୍ଞାନାନନ୍ଦ ମହାନନ୍ଦ ପ୍ରକାଶ କରିଥିଲେ । ତରଭା ଆଇ ସି ଡି ଏସ ଅଧୀନରେ ୨୬୦ରୁ ଉର୍ଦ୍ଧ ଅଙ୍ଗନବାଡି କେନ୍ଦ୍ର ରହିଛି। ଏଥିପାଇଁ ତିନି ଲକ୍ଷରୁ ଉର୍ଦ୍ଧ ଟଙ୍କାର କିଣା ବିକାର କାରବାର ରହିଛି । ଏଗୁଡିକ କିଣା ବିକା ଟେଣ୍ଡର ପ୍ରକ୍ରିୟା ଜରିଆରେ ହେବା କଥା କିନ୍ତୁ ଏଠାରେ ତାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିବା ଅଭିଯୋଗ ହୋଇଛି । ତଥ୍ୟ ନେବାରେ ଜଣାଯାଇଛି ଯେ ନା ଟେଣ୍ଡର ହୋଇଛି ନା ଉପରିସ୍ଥ ଅଧିକାରୀଙ୍କ ଲିଖିତ ଆଦେଶ ନାମା ରହିଛି ନା ଏଥିପାଇଁ ଟଙ୍କା ଅନୁମୋଦନ ହୋଇଛି । ଏନେଇ ସି ଡି ପି ଓ ଙ୍କୁ ପଚାରିବାରୁ ଅଙ୍ଗନବାଡି କର୍ମୀ ମାନେ ତାଙ୍କ ସୁଧ ଟଙ୍କା କିମ୍ବା କଣ୍ଟିଜେନ୍ସି ଟଙ୍କାରୁ କିଣିବା ପାଇଁ କହିଛି ବୋଲି କହିଥିଲେ। ସୁବର୍ଣ୍ଣପୁର ଡିଏସଡବ୍ଲୁ କିନ୍ତୁ ଏବିଷୟରେ କିଛି ଜାଣିନଥିବା କହିଛନ୍ତି । ଏଠାରେ ପ୍ରଶ୍ନ ଉଠେ ବିନା ଟଙ୍କାରେ ଆଗତୁରା କିଏ ଏତେ ସଂଖ୍ୟକ ଫିଲଟର ଯୋଗାଇଲା ଏବଂ ତାହା ସିଧାସଳଖ ପୁଣି ଆଇସିଡିଏସରୁ ନେବେ ବୋଲି କେଉଁ ଆଧାରରେ କେଉଁ ଆଦେଶ ବଳରେ ଅଙ୍ଗନବାଡି କର୍ମୀ ମାନେ କିଣିବେ ବୋଲି ସି ଡି ପି ଓ କହିଛନ୍ତି ତାହା ଚର୍ଚ୍ଚାର ବିଷୟ ହୋଇଛି । ଏଥିରୁ ବୁଝା ପଡେ ଏଥିରେ କିଛି ନା କିଛି କିଣା ବିକାରେ ଅନିୟମିତତା ଥିବ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏଦିଗରେ ତଦନ୍ତ ହେବ ବୋଲି ପ୍ରକାଶ କରିଥିଲେ।

## ଅପରେସନ ପ୍ରହାର ଅଭିଯାନ
## ୫୦୦ କଫ ସିରଫ ସହ ଅଭିଯୁକ୍ତ ଗିରଫ



ପଦ୍ମପୁର,(ସବ୍ୟୁ): ପାଇକମାଲ ପୋଲିସକୁ ବଡ ସଫଳତା। ଅପରେସନ ପ୍ରହାର ମାଧ୍ୟମରେ ସହରାଞ୍ଚଳରେ ହେଉ ଅବା ଗ୍ରାମାଞ୍ଚଳ ନିଶା କାରବାରକୁ ରୋକିବା ପାଇଁ ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ସଦାସର୍ବଦା ପ୍ରୟାସ ଜାରି ରଖିଛନ୍ତି । ପଦ୍ମପୁର ଉପଖଣ୍ଡ ପାଇକମାଲ ଥାନା ଅନ୍ତର୍ଗତ ସୋଡା ଗାଁର ଜଣେ ବ୍ୟକ୍ତି ନିଜ ଘରେ କପ ସିରଫ ରଖି ବିକ୍ରି କରୁଥିବା ଖବର ପାଇଥିଲେ । ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବରଙ୍କ ନିର୍ଦ୍ଦେଶକ୍ରମେ ପାଇକମାଲ ଥାନା ଅଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଅଭିଯୁକ୍ତ ଦିନେଶ ବେହେରାଙ୍କ ଘରେ ଚଢାଉ କରିଥିଲେ । ଅଭିଯୁକ୍ତର ଘରୁ ୫୦୦ ଗୋଟି କପ ସିରଫ ସହ ଗୋଟିଏ ମୋବାଇଲ ଓ ନଗଦ ୨୨୫୦ ଟଙ୍କା ପୋଲିସ ଜବତ କରିଥିଲା । ଅଭିଯୁକ୍ତ ଦିନେଶ ବେହେରାଙ୍କ ନାମରେ ପାଇକମାଲ ଥାନାରେ ଚାରିଗୋଟି ମାମଲା ପୂର୍ବରୁ ରହିଛି । ପାଇକମାଲ ଥାନା କେଶ ନମ୍ବର ୧୮୭/୨୦୨୫ ଆଧାରରେ ଦିନେଶ ବେହେରାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି । ଏହି ଅପରେସନରେ ପାଇକମାଲ ଥାନା ଅଧିକାରୀଙ୍କ ସମେତ କନେଷ୍ଟବଲ ଅନାଦି ସାହୁ, ତେଜବନ୍ତ ମହାକୁଡ, ସରିତା ଚୌଲିଆ, ଓଏପିଏଫ ମଦନ କୋପେ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ ।

## ମନ୍ତ୍ରଣାଳୟର ଷ୍ଟାର ରେଟିଂରେ ଚମକିଲା ଏମ୍‌ସିଏଲ୍




ସମ୍ବଲପୁର,(ସବ୍ୟୁ): କୋଇଲା ମନ୍ତ୍ରଣାଳୟର ଷ୍ଟାର ରେଟିଂରେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍ ) ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହାର ୯ଟି ଖଣିକୁ ୨୦୨୩-୨୪ ବର୍ଷ ପାଇଁ ୫-ଷ୍ଟାର ପୁରସ୍କାର ପ୍ରଦାନ କରାଯାଇଛି । କମ୍ପାନୀର ସିଏମ୍‌ଡି ଉଦୟ ଅନନ୍ତ କାଓଲେ, ନିର୍ଦ୍ଦେଶକ ଏ.କେ ବେହୁରାଙ୍କ ସହ ଏରିଆ ସାଧାରଣ ପ୍ରବନ୍ଧକମାନେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ, ରାଷ୍ଟ୍ରମନ୍ତ୍ରୀ ସତୀଶଚନ୍ଦ୍ର ଦୁବେ ଏବଂ ମନ୍ତ୍ରଣାଳୟର ସଚିବ ବିକ୍ରମ ଦେବ ଦତ୍ତଙ୍କ ଠାରୁ ମୁମ୍ବାଇ ଠାରେ ଅନୁଷ୍ଠିତ ସମାରୋହରେ ପୁରସ୍କାର ଗ୍ରହଣ କରିଥିଲେ । ଏମ୍‌ସିଏଲ୍‌ର ହୀରାଖଣ୍ଡ-ବୁନ୍ଦିଆ ଏବଂ ଓରିଏଣ୍ଟର ଦୁଇଟି ଭୂ-ଗଭୀର ଖଣି ସମଲେଶ୍ୱରୀ, ଭୁବନେଶ୍ୱରୀ, କୁଲଡ଼ା, ଅନନ୍ତା, ଗୋପାଳଜୀ-କଣିହାଁ, ଲଜକୁରା, ବେଲପାହାଡ଼ ପ୍ରଭୃତି ୬ ଗୋଟି ଖୋଲାମୁହାଁ କୋଇଲା ଖଣିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଖଣିଗୁଡ଼ିକର ଉପଲବ୍ଧତା, ବିକାଶ ଓ ପରିଚାଳନା ଉତ୍କର୍ଷତା, ନିରାପତ୍ତା ଏବଂ ପରିବେଶ ସଂରକ୍ଷଣ ବିଷୟ ଆଧାରରେ ଏହି ରେଟିଂ ହୋଇଥାଏ ।

## ମେଗା ପ୍ରକଳ୍ପର ପାଣି ପାଇପ୍ ଫାଟି କୃତ୍ରିମ ବନ୍ୟା

ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ କୋର୍ଟ ନିକଟରେ ମେଗା ପ୍ରକଳ୍ପର ପାଣି ପାଇପ ଫାଟି ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ବିଷମକଟକ କୋର୍ଟ ନିକଟ ରାସ୍ତାକଡ଼ରେ ମେଗା ପ୍ରକଳ୍ପ ଦ୍ୱାରା ବିଛା ଯାଇଥିବା ପାଣି ପାଇପ ଫାଟିଯାଇଛି। ପାଇପ୍ ଫାଟିବା ଫଳରେ କ୍ଷିପ୍ର ଗତିରେ ରାସ୍ତା ଏବଂ କୋର୍ଟ ପରିସର ଭିତରୁ ପାଣି ପଶିଯାଇଥିଲା। ସେହି ରାସ୍ତା ଦେଇ ବିଦ୍ୟୁତ୍ ତାର ଯାଇଥିବାରୁ ତୁରନ୍ତ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଥିଲା। ଏଥି ସହିତ ପାଣିର ବେଗ ଏତେ ପ୍ରବଳ ଥିଲା ଯେ ଏହି ରାସ୍ତା ଦେଇ କୌଣସି ଗାଡି ଚଳାଚଳ କରିବା ମଧ୍ୟ ସମ୍ଭବ ହୋଇନଥିଲା।

ପ୍ରାୟ ଏକ ଘଣ୍ଟା କାଳ ରାସ୍ତାର ଉଭୟ ପଟରେ ଶହ ଶହ ଗାଡି ଅଟକି ରହିଥିଲା। ଖବର ପାଇ ମେଗା ପ୍ରକଳ୍ପ କର୍ମଚାରି ମାନେ ଘଟଣାସ୍ଥଳରେ ପହଁଚିବା ସହ ଏହି ପାଇପର ଜଳ ଯୋଗାଣକୁ ବନ୍ଦ କରିଥିଲେ। ପ୍ରାୟ ଏକ ଘଂଟା ପରେ ଏହି ପାଇପରୁ ପାଣି ବାହାରିବା ବନ୍ଦ ହୋଇଥିଲା ଏବଂ ରାସ୍ତାରେ ଗାଡ଼ି ଚଳାଚଳ, ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିଲା।

## ବ୍ଲକ୍‌ସ୍ତରୀୟ କଂଗ୍ରେସ ସମ୍ମିଳନୀ ସଂଗଠନ ସୃଜନ ଅଭିଯାନ

ସିନାପାଲି,(ସବ୍ୟୁ): ନୂଆପଡା ଜିଲ୍ଲା ସିନାପାଲି ଆନନ୍ଦ ଭବନ ଠାରେ ଜିଲ୍ଲା କଂଗ୍ରେସ ତରଫରୁ ବ୍ଲକସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ସଂଗଠନ ସୃଜନ ଅଭିଯାନ ୨୦୨୫ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ଲକ କଂଗ୍ରେସ କମିଟି ବ୍ଲକ କାର୍ଯ୍ୟାଳୟ ଠାରୁ ଅତିଥି ମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରି ସଭାସ୍ଥଳକୁ ପାଛୋଟି ଆଣିଥିଲେ। ଭୀଷ୍ମ ସୁନାନି ଅତିଥି ମାନଙ୍କୁ ମଞ୍ଚାସିନ ଅତିଥି ପରିଚୟ, ଅତିଥି ମାନଙ୍କୁ ଉପଢୌକନ ଦେଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଂଗଠନ ସୃଜନ ଅଭିଯାନ ସମ୍ମିଳନୀରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସଚିବ ମନୋଜ ଚୌହାନ ଯୋଗଦାନ କରିଥିଲେ। ଉପସ୍ଥିତ ଶତାଧିକ କଂଗ୍ରେସ ପ୍ରେମି ମାନଙ୍କୁ ପରାମର୍ଶ ପ୍ରେରଣା ଦେବା ସହିତ ଜାତୀୟ ସ୍ତରରେ କଂଗ୍ରେସ ମଜବୁତ ରହିଛି। ବର୍ତ୍ତମାନ ତୃଣମୂଳ ସ୍ତରରେ ଦଳ ଓ ସଂଗଠନ କୁ ମଜବୁତ କରିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଦୁଇ ପର୍ଯ୍ୟବେକ୍ଷକ ମୁରଲୀ ନାଏକ ଓ ଟଙ୍କଧର ସାହୁ ଯୋଗଦାନ କରି ଏକମନ ଏକଚିତ୍ତରେ ଦଳ ଓ ସଂଗଠନକୁ ସୁଦୃଢ ମଜବୁତ କରିବା ସହ ତୃଣମୂଳ ସ୍ତରରେ ସଂଗଠିତ ହେବାକୁ ଆହ୍ଵାନ କରି ସଭାରେ ଭୋଟ ଚୋର ଗାଦି ଛୋଡ଼ ନାରାବାଜି ଦେଇ ଶତାଧିକ କର୍ମୀଙ୍କ ଆଗ୍ରହକୁ ଦୁଇ ଗୁଣି କରିବା ସହିତ ବିଶ୍ୱାସ ଓ ଇଚ୍ଛା ଶକ୍ତିକୁ ବଢ଼ଇଥିଲେ। କାର୍ଯ୍ୟକ୍ରମରେ ଖଡ଼ିଆଳ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି, ବରିଷ୍ଠ କଂଗ୍ରେସ ସଦସ୍ୟ ଘାସିରାମ ମାଝୀ, ଖଡ଼ିଆଳ ନଗର କଂଗ୍ରେସ ସଭାପତି ପ୍ରବୀଣ ପଟ୍ଟନାୟକ, ସହଦେବ ମାଝୀ ପ୍ରମୁଖ ମଞ୍ଚାସିନ ଥିବା ବେଳେ ୨୭ଗୋଟି ଗ୍ରାମ ପଂଚାୟତର ଶତାଧିକ କଂଗ୍ରେସ ପ୍ରେମୀ ଉପସ୍ଥିତ ଥିଲେ।

## କଫି ମିଶନ ପାଇଁ ବିନା ଅନୁମୋଦନରେ
# ଡିଏମ୍‌ଏଫ୍‌ରୁ କୋଟି କୋଟି ଟଙ୍କା ମଞ୍ଜୁରୀ

ରାୟଗଡା,(ସବ୍ୟୁ): ପୁଣି ଏକ ଖୁଲାସା । କଫିମିଶନ ପାଇଁ ବିନା ଅନୁମୋଦନରେ ଡିଏମଏଫରୁ କୋଟି କୋଟି ଟଙ୍କା ମଞ୍ଜୁରୀ। ସେହି ପୂର୍ବତନ ଜିଲା ମୂଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ନିହାର ରଞ୍ଜନ କହଁରଙ୍କ କ୍ଷମତାର ଅପବ୍ୟବହାର ଅଭିଯୋଗ । ଅନିଜାର ତାରକା ରିସୋର୍ଟକୁ ୯୨ ଲକ୍ଷର ରାସ୍ତା ପରେ ଏବେ ଜଳଛାୟା ପ୍ରକଳ୍ପକୁ ବିନା ଅନୁମୋଦନରେ କୋଟି କୋଟି ଟଙ୍କାର ମଞ୍ଜୁରୀ କରାଯାଇଛି । ଖଣି ଅଞ୍ଚଳର ଜନପ୍ରତିନିଧିଙ୍କ ଅଞ୍ଚଳରେ କଫି ମିଶନ ପାଇଁ ସିଲଭର ଓକ ଚାରା ରୋପଣ ନାମରେ ପ୍ରାୟ ୪କୋଟି ଟଙ୍କାର ଅନୁଦାନ ମଞ୍ଜୁରୀ ହୋଇଛି । ଡିଏମଏଫ କମିଟି ବସିନାହିଁ କି ଗ୍ରାମସଭା ବି ହୋଇନାହିଁ। କିନ୍ତୁ ତାଙ୍କ କାର୍ଯ୍ୟକାଳ ସମୟରେ ସିଡିଓ ହୋଇ କରିଥିଲେ ବେନିୟମ କାର୍ଯ୍ୟ। ବର୍ତ୍ତମାନ ସେ ଅତିରିକ୍ତ ଜିଲ୍ଲାପାଳ ହୋଇ ଜିଲ୍ଲାର ଗୁରୁତ୍ୱ ପୂର୍ଣ୍ଣ ରାଜସ୍ୱ ବିଭାଗ ଦାୟିତ୍ୱରେ ରହି ସଜାଡିବାକୁ ଉଦ୍ୟମ କରୁଥିବା ଅଭିଯୋଗ। ଡିଏମଏଫ ପାଣ୍ଠି ଗୋଟିଏ ଖଣିଜ ସମ୍ପଦପୂର୍ଣ୍ଣ ଜିଲ୍ଲା ପାଇଁ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଖଣି ଅଞ୍ଚଳର ଧୂଳି ଧୂଆଁର ବଳୟ ଭିତରେ ଲୋକେ ଜୀବନ କାଟୁଥିବା ବେଳେ ସେମାନଙ୍କୁ ମୌଳିକ ସୁବିଧା ଟିକିଏ ଯୋଗାଇ ଦେବା ପାଇଁ ଏହି ପାଣ୍ଠି ବ୍ୟବହାର କରଯାଏ । ଏପରିକି ଆବଶ୍ୟକ ସ୍ଥଳେ କମିଟିର ଅନୁମୋଦନ ପରେ ଡିଏମଏଫ ପାଣ୍ଠିରୁ ଜରୁରୀ ସ୍ଥିତିକୁ ଏଡାଇବା ପାଇଁ ବ୍ୟବହାର କରାଯାଏ। ତେବେ ଜିଲ୍ଲାର କାଶୀପୁର ବ୍ଲକ କଫି ଚାଷ ପାଇଁ ଉତ୍ତମ ଜଳବାୟୁ ହୋଇଥିବାରୁ ଏହି ଚାଷ କରିବା ପାଇଁ ସରକାରଙ୍କ ଉଦ୍ୟମ ଆରମ୍ଭ ହୋଇଛି । ତେବେ ଏହି ଚାଷ ପାଇଁ ମିଶ୍ରିତ ଛାୟାଦାର ବୃକ୍ଷ ରୂପେ ସିଲଭର ଓକ ଗଛ ଆବଶ୍ୟକ। ଏଥିପାଇଁ ଡିଏମଏଫ ପାଣ୍ଠିରୁ ୨୦୨୪ ମସିହା ଜାନୁୟାରୀ ମାସ ଠାରୁ ମେ ମାସ ମଧ୍ୟରେ ପ୍ରାୟ ୪କୋଟି ଟଙ୍କା ଅନୁମୋଦନ ହୋଇଛି । ତେବେ ସ୍ଥାନୀୟ ବ୍ୟକ୍ତିଙ୍କ କହିବା ଅନୁଯାଇ କଫି ଚାଷକୁ ସ୍ୱାଗତ। ଏଥିପାଇଁ ଡିଏମଏଫ ପାଣ୍ଠିରୁ ଟଙ୍କା ଯୋଗାଇ ସ୍ଥାନୀୟ ଅଞ୍ଚଳକୁ ସ୍ୱାବଲମ୍ବୀ କରିବା ମଧ୍ୟ ଜରୁରୀ । କିନ୍ତୁ ସବୁ ନୀତି ନିୟମକୁ ମୋଡି ମକଚି ଦେଇ ଏଭଳି କରିବା ପଛରେ କଣ ମନ୍ଦ ଉଦ୍ଦେଶ୍ୟ ବୋଲି ଜଣେ ସ୍ୱେଚ୍ଛାସେବୀ ଡଃ ବାଦଲ କୁମାର ତା ଅଭିଯୋଗ କରିଛନ୍ତି । କଫି ମିଶନ ଓ ଡିଏମଏଫ ପାଣ୍ଠି ଅନୁଦାନରେ କଫି ଉତ୍ପାଦନ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଆଉ ଡିଏମଏଫ ପାଣ୍ଠିରୁ ୨୦୨୪ ମସିହା ଜାନୁୟାରୀ ମାସ ୨୫ତାରିଖରେ ଜିଲା ପରିଷଦ ଚିଠି ନମ୍ବର ୮୭୩ ପ୍ରକାରେ ୫୦୦ ହେକ୍ଟର ଜମିରେ ମିଶ୍ରିତ ଛାୟାଦାର ବୃକ୍ଷ ରୋପଣ ସକାଶେ ୧କୋଟି ୮୧ ଲକ୍ଷ ଅନୁମୋଦନ କରଯାଇଛି। ସେହିପରି ୧୧୫ ହେକ୍ଟର ଜମିରେ ଲାଗିଥିବା ସିଲଭର ଓକ ଗଛର ପ୍ରଥମ ବର୍ଷ ପରିଚାଳନା ପାଇଁ ସେହି ଚିଠିରେ ୪୪ଲକ୍ଷ ୪୩ହଜାର ୬୦୦ଟଙ୍କା। ମୋଟ ୨କୋଟି ୨୫ଲକ୍ଷ ୫୬ହଜାର ଶହେ ଟଙ୍କା। ଅନୁମୋଦନ କରାଯାଇଥିବା ନଥିପତ୍ର କହୁଛି ।

ସେହିପରି ୨୦୨୩ ମସିହା ନଭେମ୍ବର ୨୩ତାରିଖରେ ପ୍ରଥମ ଥର ୨କୋଟି ୨୫ଲକ୍ଷ ୫୬ହଜାର ୧୦୦ଟଙ୍କା ଦିଆଯାଇଛି। ଏଥିପାଇଁ ଡିଏମଏଫ କମିଟିର ଅନୁମୋଦନ ନାହିଁ କି କମିଟିରେ ଥିବା ନିର୍ବାଚିତ ପ୍ରତିନିଧିଙ୍କୁ ଅବଗତ ବି କରାଯାଇନଥିବା କୋରାପୁଟ ଲୋକସଭା ସାଂସଦ ସପ୍ତଗିରୀ ଶଙ୍କର ଉଲ୍ଲାକା ମତବ୍ୟକ୍ତ କରିଛନ୍ତି । ସବୁଠାରୁ ସାଙ୍ଘାତିକ କଥା ହେଲା ଜଳଛାୟା ମିଶନ ଜରିଆରେ ହଜାର ହଜାର ଏକରରେ ସିଲଭର ଓକ ଗଛ ଲଗାଇବା ପାଇଁ ଟଙ୍କା ମଞ୍ଜୁର କରାଯାଇଥିଲା । ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଛି କିନ୍ତୁ ସେହି ପରିମାଣର ଗଛ କ୍ଷେତ୍ରରେ ନାହିଁ । ଅପରପକ୍ଷରେ ଏହି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଦାୟୀତ୍ୱରେ ଥିବା ତତ୍କାଳୀନ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଏବେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ଗିରଫ ହୋଇଛନ୍ତି। ତେବେ ସମ୍ପୂର୍ଣ୍ଣ ଯୋଜାନା ବାଟ ମାରଣା ପାଇଁ କରାଯଇନାହିଁ ତ ବୋଲି ବିଧାୟକ କାଡ୍ରାକା ଆପାଲାସ୍ୱାମୀ ଅଭିଯୋଗ କରିଛନ୍ତି। ଏ ନେଇ ବିଧାନସଭାରେ ପ୍ରଶ୍ନ କରାଯିବ ବୋଲି କହିଛନ୍ତି। ତେବେ ଏ ନେଇ ତତ୍କାଳୀନ ସିଡିଓ ତଥା ବର୍ତ୍ତମାନ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ସହଯୋଗ କରିନଥିଲେ।

## ଦକ୍ଷିଣାଞ୍ଚଳ ଟାଇକୋଣ୍ଡୋ ପ୍ରତିଯୋଗିତାରେ କଳାହାଣ୍ଡିର କୃତିତ୍ୱ

ଭବାନୀପାଟଣା, (ସବ୍ୟୁ): ନିକଟରେ ଚେନ୍ନାଇରେ ଦକ୍ଷିଣାଞ୍ଚଳ ଟାଏକୋଣ୍ଡ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାରୁ ସର୍ବମୋଟ ୧୮ ଟି ପ୍ରତିଯୋଗୀ ଭାଗ ନେଇଥିଲେ। କଳାହାଣ୍ଡିରୁ ୫ ଜଣ ପ୍ରତିଯୋଗୀ ଭାଗ ନେଇ ୭ ଗୋଟି ମେଡାଲ ହାସଲ କରି ଜିଲ୍ଲାର ସୁନାମ ଅର୍ଜନ କରିଛନ୍ତି। ମେଡାଲ ତାଲିକାରେ- ବାଳକ ବିଭାଗରେ ସ୍ୱାରିଙ୍ଗରେ ୧୬-୧୭ ବର୍ଷ ଏବଂ ୫୦-୬୦ କେଜି ବର୍ଗରେ ପ୍ରିନ୍ସ ତାଣ୍ଡି ବ୍ରୋଞ୍ଜ ମେଡାଲ, ୧୮-୩୪ ବର୍ଷ ଏବଂ ୫୨ କେଜି କମ୍ ବର୍ଗରେ ଦୟା ରାଉତ ରୌପ୍ୟ ପଦକ, ୧୩-୧୪ ବର୍ଷ ବର୍ଗରେ ୫୦-୫୫ କେଜି ବର୍ଗରେ ରାଜଲକ୍ଷ୍ମୀ ଦେବୀ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି କୋରିୟାନ ପେର୍ଟନ ବା ତୁଲ୍ରେ ୧୬-୧୭ ବର୍ଷ ବର୍ଗରେ ପ୍ରିନସ୍ ତାଣ୍ଡି ବ୍ରୋଞ୍ଜ ମେଡାଲ, ୧୮ ରୁ ୩୪ ବର୍ଷ ବର୍ଗରେ ଦୟା ରାଉତ ରୌପ୍ୟ ପଦକ ଏବଂ ୩୫ ବର୍ଷ ଉର୍ଦ୍ଧ୍ୱ ବର୍ଗରେ ରେସ୍ମା ବେଗମ୍ ସ୍ୱର୍ଣ୍ଣ ପଦକ ପାଇ ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଅର୍ଜନ କରିଛନ୍ତି। ଓଡ଼ିଶା ଟାଏକୋଣ୍ଡ ଦଳ ଓଡ଼ିଶା ମୁଖ୍ୟ ଶେଖ୍ ମୁନାଓ୍ୱର୍ଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗୀତାରେ ଭାଗ ନେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଓଡିଶାର ଏହି ସଫଳତା ପାଇଁ ଓଡିଶା ବାସୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଉଛନ୍ତି। ଆସନ୍ତା ଡିସେମ୍ବର ମାସରେ ଜାତୀୟ ଟାଏକୋଣ୍ଡ ପ୍ରତିଯୋଗୀତାରେ ବହୁତ ଦକ୍ଷ୍ୟ ଖେଳାଳୀ ଭାଗ ନେଇ ଓଡିଶା ପାଇଁ ଆହୁରି ଅଧିକ ସଫଳତା ଆଣିବେ ବୋଲି ଓଡିଶା ଟାଏକୋଣ୍ଡ ମୁଖ୍ୟ ଶେଖ୍ ମୁନଓ୍ୱର୍ ମତବ୍ୟକ୍ତ କରିଛନ୍ତି।

## ବାଞ୍ଜିପାଲିରେ ମହମ୍ମଦ ଜୟନ୍ତୀ ପାଳିତ



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଂଚାୟତ ବାଞ୍ଜିପାଲି ଗାଁ ରେ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ଧୁମ ଧାମ ସହ ଶୁକ୍ରବାର ପାଳିତ ହୋଇଯାଇଛି । ମୁସଲିମ ସମ୍ପ୍ରଦାୟର ଲୋକେ ମସଜିଦରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ । ଶୋଭାଯାତ୍ରାରେ ମୁସଲିମ ମହିଳା , ପୁରୁଷ, ସମେତ ଛୋଟ ଛୋଟ ଶିଶୁ ସାମିଲ ହୋଇଥିଲେ । ଶୋଭାଯାତ୍ରାରେ ଶାନ୍ତି ଶୃଙ୍ଖଳା ପାଇଁ ଖପ୍ରାଖୋଲ ପୋଲିସ ମୁତୟନ ଥିଲେ । ଏହି ଅବସରରେ ହାଜି ଅବଦୁଲ ମଜିଦ, ମହମ୍ମଦ ଇଲିଆସ, ମହମ୍ମଦ ସଲିମ, ସେକ ଆମଜାଦ, ମହମ୍ମଦ ସଲିମ, ମହମ୍ମଦ ନଜିର, ଇନ୍ତିଆଜ, ଅନିଶ, ଗୁଲାମ ମୁସ୍ତଫା ଓ ମୁସଲମାନ ସମ୍ପ୍ରଦାୟର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଗୁରୁଦିବସକୁ କଳା ଦିବସ ଭାବେ ପାଳିଲେ ଅଧ୍ୟାପକ ଓ କର୍ମଚାରୀ



ବଲାଙ୍ଗିର,(ସବ୍ୟୁ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ନିଜ ହକ ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇ ଅଗଷ୍ଟ ୧୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ଘୋଷଣା କରି ୧୯ ଦିନ ହେଲା ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ ମଧ୍ୟ ସରକାର ତାଙ୍କ ଦାବି ପୂରଣ କଲେନି କି ତାଙ୍କ ସହିତ ଆଲୋଚନା ମଧ୍ୟ କଲେ ନାହିଁ। ପୁଣି ସଂଘ ପୂର୍ବରୁ ଏ ସମ୍ପର୍କରେ ଅନେକ ଆନ୍ଦୋଳନ ସହିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୧୨ଥର ଯାଇ ତାଙ୍କୁ ଜଣାଇଥିଲେ ମଧ୍ୟ କିଛି ଫଳ ମିଳିନାହିଁ। ତେଣୁ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ସାରା ରାଜ୍ୟରେ ପବିତ୍ର ଗୁରୁଦିବସକୁ କଳା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ । ତେଣୁ ଏହି ଅବସରରେ ସଂଘର ବଲାଙ୍ଗିର ଶାଖାର ବଲାଙ୍ଗିର ଖଣ୍ଡ, ପାଟଣାଗଡ଼ ଖଣ୍ଡ ଓ ଦେଓଗାଁ ଖଣ୍ଡର ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ବଲାଙ୍ଗିର ସହରର ଅଘରିଆ ଭବନଠାରେ ଗୁରୁଦିବସକୁ କଳା ଦିବସ ଭାବେ ପାଳନ କରାଯାଇଥିଲା । ଏହି ଅବସରରେ ସଂଘ ତରଫରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇ ଦର୍ଶାଯାଇଥିଲା ଯେ ମୁଖ୍ୟମନ୍ତ୍ରୀ ଜଣେ ଶିକ୍ଷକ ହୋଇ ମଧ୍ୟ ଅଧ୍ୟାପକ ଓ କର୍ମଚାରୀମାନଙ୍କ ଦାବି ପ୍ରତି ଦୃଷ୍ଟି ନଦେବା ଦୁର୍ଭାଗ୍ୟଜନକ। ତେଣୁ ସେମାନେ ଯଥାଶୀଘ୍ର ତାଙ୍କ ଦାବି ପୂରଣ କରିବାକୁ ଅନୁରୋଧ କରିଥିଲେ ନହେଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ। ସଂଘର ବଲାଙ୍ଗିର ଜିଲ୍ଲା ତରଫରୁ ଅନୁଷ୍ଠିତ ଏହି କଳାଦିବସ କାର୍ଯ୍ୟକ୍ରମକୁ ବଲାଙ୍ଗିର ଖଣ୍ଡ ସଂଯୋଜକ ବିଜୟ କୁମାର ମିଶ୍ର, ପାଟଣାଗଡ଼ ଖଣ୍ଡ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ, ବାଣିଶ୍ରୀ ବେହେରା, ଜିତେନ୍ଦ୍ର ଦାଶ, ପ୍ରତିମା ହେର୍ଣ୍ଣା, ଚିନ୍ମୟୀରାଣୀ ମିଶ୍ର, ରୋଜାଲିନ ସାହୁ,ଗଜାନନ ପୁରୋହିତ, ଦିନେଶ ସାହୁ, ଗୁଣସାଗର ଠାକୁର, ଗାନ୍ଧୀ ପଧାନ, ନୀଳକଣ୍ଠ ଗଡତ୍ୟାଙ୍କ ସହିତ ଅନେକ ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇଥିଲେ।

# ସମ୍ବଲପୁର ପୌର ପରିଷଦରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ୪ କାଉନସିଲର

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ପୌର ପରିଷଦ ୧୭ମେ, ୧୮୬୭ରେ ଗଠିତ ହୋଇଥିଲା । ପ୍ରଥମେ ସରକାରୀ ଅଧିକାରୀ ଏହାର ସଦସ୍ୟ ହେଉଥିଲେ । ୧୮୮୩ରେ ସାଧାରଣ ନାଗରିକ ଏହାର ସଦସ୍ୟ ହେବା ଯୋଗ୍ୟତା ହାସଲ କଲେ । ପରବର୍ତ୍ତୀ ସମୟରେ ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ନାଗରିକ, ଓକିଲ ଓ ସ୍ୱାଧୀନତା ସଂଗ୍ରାମୀ ମାନେ ଏହାର କାଉନସିଲର କିମ୍ବା ନଗରପାଳ ଆସନ ଅଳଙ୍କୃତ କରିଥିଲେ । ଏମାନଙ୍କ ପାଇଁ ପୌର ରାଜନୀତି ତୃଣମୂଳ ସ୍ତରରେ ଲୋକଙ୍କୁ ସେବା ଯୋଗାଇବାର ମାଧ୍ୟମ ସୃଷ୍ଟି କରିଥିଲା । ଯାହାକି ଏମାନଙ୍କୁ ପରବର୍ତ୍ତୀ ସମୟରେ ରାଜନୈତିକ ଜୀବନରେ ପାହାଚ ପରେ ପାହାଚ ଚଢିବାର ସୁଯୋଗ ଆଣିଥିଲା । ଏମାନଙ୍କ ମଧ୍ୟରୁ ଅନେକ ବିଧାନସଭା, ଲୋକସଭା ଓ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ଅନେକ ପୁଣି ରାଜ୍ୟରେ ମନ୍ତ୍ରୀ ହୋଇ ସୁନାମ ଅର୍ଜନ କରିଥିଲେ । ଏଠାରେ ନଗରପାଳ ଆସନ ଅଳଙ୍କୃତ କରିଥିବା ସ୍ୱାଧୀନତା ସଂଗ୍ରାମୀ ତଥା ଆଇନଜୀବୀ ଚନ୍ଦ୍ରଶେଖର ବେହେରା ନଗରପାଳ ଭାବେ ୩ଥର ୧୯୧୧ରୁ ୧୪, ୧୯୨୫ରୁ ୨୮ ଓ ପରେ ୧୯୩୧ରେ ନିର୍ବାଚିତ ହୋଇଥିଲେ । ୧୯୫୭ରେ କାଉନସିଲର ଭାବେ ନିର୍ବାଚିତ ହୋଇଥିବା ବନମାଳୀ ବାବୁ ୨ଥର ବିଧାୟକ , ଥରେ ଲେଖାଁଏ ଲୋକସଭା ଓ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ସେ ୧୯୬୩ରୁ ୧୯୬୭ ପର୍ଯ୍ୟନ୍ତ ରାଜ୍ୟରେ ମନ୍ତ୍ରୀ ଭାବେ ବିଭିନ୍ନ ବିଭାଗର ଦାୟିତ୍ୱ ତୁଲାଇଥିଲେ । ସେହିପରି ୧୯୫୭ରେ କାଉନସିଲର ଥିବା ନାରୀନେତ୍ରୀ ସୌରେନ୍ଦ୍ରୀ ନାଏକ ୧୯୭୪ ଓ ୧୯୭୭ରେ ଝାରସୁଗୁଡା ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।

୧୯୭୧ରେ ଝାରସୁଗୁଡା ଆସନ ଓ ୧୯୭୭ରେ ସମ୍ବଲପୁର ଆସନରୁ ବିଧାୟକ ହୋଇଥିବା ସମ୍ବଲପୁରର କାଉନସିଲର ଡା. ଝସକେତନ ସାହୁ ୧୯୬୯ରୁ ୭୧ ପର୍ଯ୍ୟନ୍ତ ସମ୍ବଲପୁର ନଗରପାଳ ଥିଲେ । ୧୯୯୨ରେ ସମ୍ବଲପୁର ପୌରାଧ୍ୟକ୍ଷ ଆସନ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ବର୍ତ୍ତମାନର ରାଜସ୍ୱ ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀ ନଗରପାଳ ଭାବେ ନିର୍ବାଚିତ ହୋଇଥିଲେ । ସେ ଗତ ଥର ବରଗଡ



ଲୋକସଭା ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ । ଅନ୍ୟପକ୍ଷରେ ସମ୍ବଲପୁର ପୌର ରାଜନୀତିରେ କୃତକାର୍ଯ୍ୟ ହୋଇ ପାରିନଥିବା ବହୁ ରାଜନେତା ପରବର୍ତ୍ତୀ ସମୟରେ ବିଧାନସଭା ଓ ସଂସଦକୁ ନିର୍ବାଚିତ ହୋଇ ରାଜ୍ୟରେ ମନ୍ତ୍ରୀ ମଧ୍ୟ ହୋଇଥିଲେ । ଏହି ପୌରାଞ୍ଚଳର ଦୁର୍ଗାଶଙ୍କର ପଟ୍ଟନାୟକ, ସନାତନ ବିଶି ୨ଥର ଲେଖାଁଏ ବିଧାନସଭାକୁ ନିର୍ବାଚିତ ହେବା ସହ ମନ୍ତ୍ରୀ ଦାୟିତ୍ୱ ମଧ୍ୟ ତୁଲାଇଥିଲେ । ସେହିପରି ଏଠାରେ କାଉନସିଲର ଓ ନଗରପାଳ ହୋଇଥିବା ଅନେକ ରାଜନୈତିଜ୍ଞ ସାଧାରଣ ନିର୍ବାଚନ ଗୁଡିକରେ ସଫଳ ହୋଇନଥିଲେ । ୧୯୫୧ରୁ ୫୮ ପର୍ଯ୍ୟନ୍ତ ୨ଥର ନଗରପାଳ ନିର୍ବାଚିତ ହୋଇଥିବା ରତ୍ନାକର ବେହେରା ଧନକଉଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧ୍ୟ ଥିଲେ । ସୂଚନାଯୋଗ୍ୟ, ୨୦୧୪ନଭେମ୍ବର୨୧ତାରିଖ ଦିନ ସମ୍ବଲପୁରର ୨୯ଟି ୱାର୍ଡ ସହ ବୁର୍ଲା ଓ ହୀରାକୁଦ ଏନ୍ଏସି ଏବଂ ପାଶ୍ୱର୍ବବର୍ତ୍ତୀ ଧନକଉଡା ଓ ମାନେଶ୍ୱର ବ୍ଲକ ଅନ୍ତର୍ଗତ ୧୨ଟି ପଞ୍ଚାୟତର ୫୧ଟି ଗ୍ରାମକୁ ନେଇ ସମ୍ବଲପୁର ମହାନଗର ନିଗମ ଗଠିତ ହୋଇଛି । ଏହା ପୂର୍ବରୁ ୨୦୦୮ ସମ୍ବଲପୁର ଶେଷ ପୌର ନିର୍ବାଚନରେ ରୀନା ତ୍ରିବେଦୀ ପ୍ରଥମ ମହିଳା ଭାବେ ନଗରପାଳ ନିର୍ବାଚିତ ହୋଇଥିଲେ । ତେବେ ଉକ୍ତ ନିର୍ବାଚନର ୧୭ବର୍ଷ ପରେ ସମ୍ବଲପୁରବାସୀ ପ୍ରତ୍ୟକ୍ଷ ଭାବେ ମହାନଗର ନିଗମର ମେୟର ଏବଂ ୪୧ଟି ୱାର୍ଡର କର୍ପୋରେଟରଙ୍କୁ ନିର୍ବାଚିତ କରିବା ପାଇଁ ସୁଯୋଗ ପାଇବେ ।

# ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ପରଲୋକ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ବିରେନ୍ଦ୍ର କୁମାର ସୋରେଙ୍ଗଙ୍କ ଅକାଳ ବିୟୋଗ ହୋଇଯାଇଛି । ଫୁସ୍‌ଫୁସ୍ ଜନିତ ସମସ୍ୟା ଯୋଗୁଁ ସେ କିଛି ଦିନ ହେବ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିଲେ । ତାଙ୍କ ମର ଶରୀର ସମ୍ବଲପୁର ବାସଭବନରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ସେ ଜଣେ କର୍ମନିଷ୍ଠ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ । ଫଳରେ ଜିଲ୍ଲାରେ ତାଙ୍କର ବେଶ ସୁନାମ ରହିଥିଲା ।

ଏମ୍‌ସିଏଲ୍‌ରେ ନବଦିନାତ୍ମକ ଗଣେଶ ଉତ୍ସବ ଉଦ୍‌ଯାପିତ (ଫଟୋ)

ସମ୍ବଲପୁର,୫।୯(ସବ୍ୟୁ): ଏମ୍‌ସିଏଲ୍‌ର ଜାଗୃତିବିହାର ସ୍ଥିତ ଅଫିସର୍ସ କ୍ଲବ୍ ଠାରେ ଆୟୋଜିତ ଗଣେଶ ଚତୁର୍ଥୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୯ ଦିନ ଧରି ଚାଲିଥିବା ପ୍ରାତଃ ଓ ସନ୍ଧ୍ୟା ପୂଜା ଆଳତୀ ସହ ଭକ୍ତି ସଂଗୀତ କାର୍ଯ୍ୟକ୍ରମରେ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର, ସ୍ଥାନୀୟ ଅଧିବାସୀ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ପରିବେଶ ଅନୁକୂଳ ରଙ୍ଗୋଲି, ଚିତ୍ରାଙ୍କନ, ପନିପରିବାରେ ଅଳଙ୍କାର ତିଆରି, ଖାଦ୍ୟ, ମୋଦକ ଏବଂ ଶିଶୁମାନଙ୍କ ଖେଳ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ କମ୍ପାନୀର ନିର୍ଦ୍ଦେଶକ କେଶବରାଓ ଏବଂ ସଂଜୟ କୁମାର ଝା, ସିଭିଓ ପ୍ରଣବ କୁମାର ପଟେଲଙ୍କ ଉପସ୍ଥିତିରେ ପୁରସ୍କୃତ କରାଯାଇଥିଲା ।

# କେନ୍ଦେଇଜୁରୀ ସଂଘବଦ୍ଧ ହତ୍ୟାକାଣ୍ଡ ଘଟଣାରେ ୬ ଗିରଫ



ଦେବଗଡ,(ସବ୍ୟୁ):ଦେବଗଡ ଜିଲ୍ଲା ରିଆମାଳ ଥାନା କେନ୍ଦେଇଜୁରୀ ଗ୍ରାମରେ ଗତ ତିନି ତାରିଖ ବୁଧବାର ଗ୍ରାମବାସୀଙ୍କ ସଂଘବଦ୍ଧ ଆକ୍ରମଣ ରେ ମୃତ୍ୟୁ ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଛି। ଘଟଣା ପରେ ଆହତ ବ୍ୟକ୍ତିଙ୍କ ବୟାନ ଓ ମୃତ କିଶୋର ଚମାରଙ୍କ ସ୍ତ୍ରୀ ମାନସୀ ଚମାରଙ୍କ ଲିଖିତ ଅଭିଯୋଗ ଆଧାରରେ ରିଆମାଳ ପୋଲିସ କେଶ ନମ୍ବର ୧୯୮ ରଜୁ କରି ୬ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଥିଲେ। ତଦନ୍ତ ସମୟରେ ଅଟକ ଅଭିଯୁକ୍ତ ମାନେ ଏହି ସଂଘବଦ୍ଧ ଆକ୍ରମଣରେ ସଂପୃକ୍ତ ଥିବା ସ୍ପଷ୍ଟ ହେବା ପରେ ରିଆମାଳ ପୋଲିସ ସେମାନଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ କେନ୍ଦେଇଜୁରୀ ଗ୍ରାମ ର ପ୍ରଭାତ କୁମାର ସାହୁ, ଘନଶ୍ୟାମ ପ୍ରଧାନ, ଗଜାନନ କଲେତ, କୁମରମଣୀ କାଲୋ, ସୁରେଶ କିଶାନ ଓ ନିକଟସ୍ଥ ମହେନ୍ଦ୍ରପୁର ଗ୍ରାମର ଦୀପକ କୁମାର ବେହେରାଛ ସମସ୍ତ ଅଭିଯୁକ୍ତଙ୍କୁ ଦଫା ୧୦୩(୧), ୧୮୯(୧), ୧୮୯(୪), ୧୯୦, ୧୯୧(୨), ୩୨୩(୨), ୩୨୪(୪) ବିଏନଏସ ଆଇନ ଅନୁଯାଇ ଗିରଫ କରାଯାଇଛି। ଦେବଗଡ ଏସପି ଅନୀଲ କୁମାର ମିଶ୍ରଙ୍କ ନିର୍ଦ୍ଦେଶ ଅନୁଯାଇ ରିଆମାଳ ଆଇଆଇସି ସତ୍ୟବ୍ରତ ରାଉତଙ୍କ ନେତୃତ୍ୱରେ ପୋଲିସ ଟିମ ଏହି ସଂଘବଦ୍ଧ ହତ୍ୟାକାଣ୍ଡର ଅଧିକ ତଦନ୍ତ କରୁଛନ୍ତି।

# କଂଗ୍ରେସ ଦଳର ସଙ୍ଗଠନ ସୃଜନ ଅଭିଯାନ

ଗୋଲାମୁଣ୍ଡା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କରଞ୍ଜକୋଟଠାରେ କଂଗ୍ରେସ ଦଳର ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ନଉକେଶ୍ୱର ପୁଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ପର୍ଯ୍ୟବେକ୍ଷକ ଶେଖ ମସ୍ତାନ ଅଲ୍ଲୀ,ସମ୍ମାନିତ ଅତିଥି ପିସିସି ପର୍ଯ୍ୟବେକ୍ଷକ ଫକିର ଜଗତ, ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକ ପ୍ରମୁଖ ଉପସ୍ଥିତ ରହି କଂଗ୍ରେସ ଦଳର ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସିଦ୍ଧାର୍ଥ ନାୟକ, ସଦର ବ୍ଲକ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ନରହରି ବାଗ, ସାଉଲ ମଙ୍ଗରାଜ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବ୍ଲକର କୋଣ ଅନୁକୋଣରୁ ଶତାଧିକ କଂଗ୍ରେସ ନେତା ଉପସ୍ଥିତ ଥିଲେ ।

# ଦେବଗଡରେ ଜାତୀୟ ଚକ୍ଷୁ ଦାନ ପକ୍ଷ ପାଳନ

ଦେବଗଡ଼,(ସବ୍ୟୁ): ଗୁରୁବାର ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ୪୦ ତମ ଜାତୀୟ ଚକ୍ଷୁ ଦାନ ପକ୍ଷ ପାଳନ ହୋଇଯାଇଛି। ବୈଠକରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ଧନଞ୍ଜୟ ମହନ୍ତ ମୁଖ୍ୟ ଅତିଥି ,ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ,ଚକ୍ଷୁ ରୋଗ ବିଶେଷଜ୍ଞ ଡ଼ାକ୍ତର ଦୀପକ୍ ଜ୍ୟୋତି ମହନ୍ତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚକ୍ଷୁ ଦାନର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। କୌଣସି ବ୍ୟକ୍ତି ଜୀବନ କାଳ ମଧ୍ୟରେ ଯେ କୌଣସି ସମୟରେ ଚକ୍ଷୁ ଦାନ ଦ୍ୱାରା ଦୁଇଜଣ ବ୍ୟକ୍ତିଙ୍କର ଅନ୍ଧ ଦୂରୀଭୂତ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବୈଠକରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ,ଆଶା ଦିଦି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ସଂଯୋଜନା କରିଥିଲେ ।

# ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁଦିବସ

ସୋନପୁର,(ସବ୍ୟୁ): ସୋନପୁର ବ୍ଲକ ଛକ ସ୍ଥିତ ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁଦିବସ ମହାସମାରୋହ ପାଳିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷା ଲିଖିତା ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଚେୟାରମେନ ଡ଼ ଜ୍ୟୋତିରଂଜନ ବହିଦାର ଯୋଗ ଦେଇଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରତୀକ୍ଷା ଖମାରୀ ସଂଯୋଜନା କରିଥିଲେ। ସମସ୍ତ ଶିକ୍ଷକ ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପ ଓ ଧୂପ ପ୍ରଦାନ କରି ସଭା ଆରମ୍ଭ କରାଯାଇଥିଲା। ପ୍ରଥମ ବର୍ଷର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଦ୍ୱିତୀୟ ବର୍ଷର ଛାତ୍ରୀ ଅର୍ଚ୍ଚିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଚେୟାରମେନ ଡ଼ ଜ୍ୟୋତିରଂଜନ ବହିଦାର ତାଙ୍କ ଭାଷଣ ରେ ସେ ସେ ତାଙ୍କର ମୂଲ୍ୟବାନଏବଂ ମନୋରମ କଥା କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।ଛାତ୍ରୀ ସମୀକ୍ଷା ରାଣୀ ପାଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଲୋକ କଳାକାର ଇନ୍ଦ୍ର ଧରୁଆଙ୍କ ପରଲୋକ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଚନ୍ଦନଭାଟୀ ପଞ୍ଚାୟତ ସାଲେପାଲି ଗ୍ରାମର ଲୋକ କଳାକାର ଇନ୍ଦ୍ର ଧରୁଆଙ୍କ ଶୁକ୍ରବାର ସକାଳେ ୪୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ପେସାରେ ଜଣେ ଘର ମିସ୍ତ୍ରୀ ଥିବାବେଳେ ନିଶାରେ ଥିଲେ ଜଣେ ଲୋକ କଳାକାର। ସେ କିଛିଦିନ ହେବ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କର ମରଶରୀର ନିଜ ଗ୍ରାମକୁ ଆସିବାପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଘରମିସ୍ତ୍ରୀ ହୋଇ ପେଟ ପୋଷୁଥିଲେ ଏବେ ତାଙ୍କ ସ୍ତ୍ରୀ ଏକା ହୋଇ ଯାଇଛନ୍ତି। ବିଧବାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଆଦି କର୍ମଯୋଗୀ ଅଭିଯାନ'ର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା




ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରାଳୟ ଓ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ଦ୍ୱାରା ଆଦି କର୍ମଯୋଗୀ ଅଭିଯାନ'ର ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଗୁରୁବାର ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଏକ ତିନିଦିନିଆ କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଉଦ୍ଘାଟନ କରିଥିଲେ । ଜିଲ୍ଲାର ୨୫୮ଟି ଜନଜାତି ବହୁଳ ଗ୍ରାମ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଏବଂ ୭ଟି ପ୍ରମୁଖ ବିଭାଗ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଗଣଶିକ୍ଷା, ମହିଳା ଓ ଶିଶୁବିକାଶ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ୭୬ଜଣ ଅଧିକାରୀ ବା ଆଦି କର୍ମଯୋଗୀ ମାନେ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ନେଉଛନ୍ତି ।

ଗ୍ରାମୀଣ ଜନଭାଗି ଦ୍ୱାରା ଜନଜାତି ବହୁଳ ଗ୍ରାମ ଗୁଡିକରେ ଏହି ଯୋଜନା ମାଧ୍ୟମରେ ସମୂହ ବିକାଶ କରାଯିବ । ନିର୍ବାହୀ ଅଧିକାରୀ-ତଥା-ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ବଲାଙ୍ଗିର ତରଣୀ ସୁନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ବିଡ଼ିଓ, ତୁରେକେଲା, ପୂର୍ଣ୍ଣଚନ୍ଦ୍ର ପଟେଲ, ଅତିରିକ୍ତ ବିଡ଼ିଓ ଗୁଡଭେଲା, ରାମଦତ୍ତ ଭୋଇ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଆନନ୍ଦ ମିଶ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ମୁରିବାହାଲ, ଶାନ୍ତନୁ କୁମାର ପଢ଼ିହାରୀ, ପାନୀୟ ଜଳ ବିଭାଗର ସହକାରୀ ଯନ୍ତ୍ରୀ ଖଗେନ୍ଦ୍ର ବାରିକ, ସମାଜିକ କଲ୍ୟାଣ ଅଧିକାରୀ ଏସ୍. ଗୀତା ଏହି ପ୍ରଶିକ୍ଷଣ ଶିବିରରେ ତାଲିମ ପ୍ରଦାନ କରୁଛନ୍ତି । ଶିବିରରେ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରୁଛନ୍ତି ।

# ଇଦ୍ ମିଲାଦୁନ୍ନ ନବୀ ପାଳିତ



ଜୟପାଟଣା,(ସବ୍ୟୁ): ପ୍ୟାରେ ନବୀ ମହମ୍ମଦଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ଜୟପାଟଣା ସୁନ୍ନି ମୁସଲମାନ ଜମାତ ତରଫରୁ, ପ୍ରତ୍ୟେକ ଧର୍ମ, ଭାରତୀୟ ନାଗରିକ, ତଥା ସମସ୍ତ ଭାରତ ବାସୀଙ୍କୁ ଇଦ ମିଲାଦୁନ ନବୀ ମୁବାରକ ପ୍ରଦାନ କରାଯାଇଛି। ଏହି ସୁନେଲି ଅବସରରେ ଜୟପାଟଣା ସୁନ୍ନି ଜମାତ ସମସ୍ତ ଭାଇମାନେ ଏକତ୍ରିତ ହୋଇ ପ୍ୟାରେ ନବୀ ମହମ୍ମଦଙ୍କ ଜନ୍ମକୁ ନେଇ ସ୍ଥାନୀୟ ଜୁମ୍ମା ମସଜିଦ ଠାରେ ଏକତ୍ର, ସାମୁହିକ ଭାବେ ଆଲ୍ଲାହଙ୍କ ଉଦେଶ୍ୟରେ ନମାଜ ପାଠ ଚାଲୁ ରହିଥିଲା। ପ୍ରତ୍ୟେକଙ୍କ ଘରେ ଆଲୁଅ ଜଳେଇ ଭକ୍ତି ପୁତ ଭାବରେ ହୁଜୁରଙ୍କ ଜନ୍ମ ସମୟକୁ ଅପେକ୍ଷା କରି ରହିଥିଲେ। କୋରାନରେ ବର୍ଣ୍ଣିତ ଅନୁଯାଇ ମହମ୍ମଦ ପ୍ରାତଃ ସମୟରେ ପିତା ହଜରତ ଅବ୍ଦୁଲା, ଓ ମାତା ହଜରତ ଆମନାଙ୍କ କୋଳ ମଣ୍ଡନ କରିଥିଲେ। ତାଙ୍କ ଜୀବନ କାଳ ମଧ୍ୟରେ ୫୩ବର୍ଷ ମକ୍କା ସରିଫ, ଓ ୧୦ବର୍ଷ କାଳ ମଦିନା ସରିଫ ରେ ରହି ଇସଲାମ ଧର୍ମର ପ୍ରସାର କରିଥିଲେ। ତାଙ୍କର ଜନ୍ମ ଜୟନ୍ତୀ ଅବସରରେ ଜୟପାଟଣା ଜୁମ୍ମା ମସଜିଦ ଠାରୁ ଏକ ବିରାଟ ଶୋଭା ଯାତ୍ରା, ଭାରତର ଶାନ ତ୍ରିରଙ୍ଗା ସହ ନଗର ପରିକ୍ରମା କରି ପ୍ରତ୍ୟେକଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇ ଥିଲା। ଜୁମ୍ମା ମସଜିଦ ର ମୌଲାନା ମହମ୍ମଦ ସବୀର ଆଲମଙ୍କ ଦ୍ୱାରା ସାମୁହିକ ଭାବେ ସମଗ୍ର ରାଜ୍ୟର ଶାନ୍ତି, ଶୃଙ୍ଖଳା, ସୁଖ, ସମୃଦ୍ଧି ପାଇଁ ଅଲ୍ଲାହ ଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରାଯାଇ ଥିଲା। ଏକ ସୁନ୍ଦର ଭବ୍ୟ ପରିବେଶ ମଧ୍ୟରେ ଇଦ ମିଲାଦୁନ ନବୀ ସମାରୋହ ପାଳିତ ହୋଇ ଯାଇ ଥିବା ଯୋଗୁଁ ଯୁବସମାଜସେବୀ ଦିଲ୍ଲୀପ ରାଉତ, ମୁସଲିମଜମାତ ସଭାପତି ୟୁସୁଫ ଖାନ, ସମ୍ପାଦକ ନିବାସ ଅଲ୍ଲୀ, ମୁସ୍ତା ଫିଜ ଅଲ୍ଲୀ, ଜବାର ଖାନ,ହାଇ ଦର ଖାନ, ଆବେଶ ମହମ୍ମଦ, ଫାରୁକ ମହମ୍ମଦ, ଫକୀର ଖାନ, ଆରିଫ ଅଲ୍ଲୀ,ଅହମ୍ମଦ ଅଲ୍ଲୀ,ମେହେବୁବ ଅଲ୍ଲୀ ତାହିର ଅଲ୍ଲୀ, ହିଦା ୟତ ଅଲ୍ଲୀ, ନୁରତାଜ ଅଲ୍ଲୀ, ଗୁଲ ମହମ୍ମଦ, ଦୋସ୍ତ ମହମ୍ମଦ, ହୁସେନ ହାପିଜ,ସଫି ମହମ୍ମଦ, ମହମ୍ମଦ ରଫି, ଫିରୋଜ ଖାନ, ପ୍ରମୁଖ ଦେଶ ବାସୀଙ୍କୁ ହାର୍ଦିକ ଅଭିନନ୍ଦନ ଜ୍ଞାପନ କରନ୍ତି।

# ଜମନକିରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ଦିବସ ମହୋତ୍ସବ

ଜମନକିରା,(ସବ୍ୟୁ): ଶୁକ୍ରବାର ଦିନ ଜମନକିରା ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରସରରେ ଗୁରୁ ଦିବସ ସମାରୋହ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ସଭାପତି ସାଲେକରାମ ପ୍ରଧାନ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରଲି ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀ ଗୁରୁ ମା ପରିଚାଳନାରେ ସହଯୋଗ କରିଥିଲେ। ଶିଶୁ ଭାଇଭଉଣୀ ମାନଙ୍କ ଉପସ୍ଥିତରେ ଗୁରୁ ଦିବସ ପାଳନ କରାଯାଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ଶୁଶିଲ କୁମାର ସାହୁ ଯୋଗଦେଇ ଗୁରୁଦିବସର ମହାତ୍ମ୍ୟ ବୁଝେଇଥିଲେ। ବିଦ୍ୟାଳୟର ଗୁରୁ ମା ଅମ୍ବିକା ପ୍ରଧାନ ବୌଦ୍ଧିକ ପରିଚାଳନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଗୁରୁ ପୂଜନ କରାଯାଇ ଥିଲା। ଶେଷରେ ଛବି ଗୁରୁ ମା ଧନ୍ୟବାଦ ଅର୍ପଣ କରିଥିଲେ।

# ଦମ୍ପତିଙ୍କ ଘରୁ କାନ୍ଥ ଭାଙ୍ଗି ୩ଲକ୍ଷ ଟଙ୍କା ଓ ୫ଭରି ସୁନା ଚୋରି

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଲଖନା ପଞ୍ଚାୟତ ସିଲେଟପଡ଼ା ଗ୍ରାମରେ ତୀର୍ଥଯାତ୍ରା ଯାଇଥିବା ଦମ୍ପତିଙ୍କ ଘର କାନ୍ଥ ଭାଙ୍ଗି ନଗଦ ୩ଲକ୍ଷ ଟଙ୍କା ଓ ୫ଭରି ଓଜନର ବିଭିନ୍ନ ସୁନା ଅଳଙ୍କାର ଚୋରୀ ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ସିଲେଟପଡ଼ା ଗ୍ରାମର ଗମ୍ଭୀର ରଣା(୬୪) ଓ ତାଙ୍କ ପତ୍ନୀ ଲତା ରଣା ପୁରୀ ଜଗନ୍ନାଥ ଧାମକୁ ତୀର୍ଥଯାତ୍ରା କରିବାକୁ ଯାଇଥିଲେ। ଗତ ୦୩ ତାରିଖ ରାତିରେ ଚୋରମାନେ ତାଙ୍କ ଘରର ପଛ ପଟୁ ୩ଟି କାନ୍ଥ ଭାଙ୍ଗି ଘରକୁ ପଶିଥିଲେ। ଘରେ ଥିବା ନଗଦ ୩ଲକ୍ଷ ଟଙ୍କା ଓ ୫ଭରି ଓଜନର ବିଭିନ୍ନ ସୁନା ଅଳଙ୍କାର ଚୋରୀ ହୋଇଛି । ଚୋରୀ ହୋଇଥିବା ସମ୍ପର୍କରେ ଗତ ୦୪ ତାରିଖ ଦିନ ୨ଘଣ୍ଟା ସମୟରେ ତାଙ୍କ ପୁଅ ସୁବାସ ରଣା ଜାଣିବା ପରେ ଫୋନ୍ କରି ଜଣାଇଥିଲେ। ରଣା ଦମ୍ପତି ତୀର୍ଥଯାତ୍ରାକୁ ଅଧାରେ ଛାଡ଼ି ଘରକୁ ଫେରିଆସି ସବୁ ଦେଖିଲା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନା କେଶ ନ ୧୯୨/୨୫ରୁଜୁ କରାଯାଇ ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାର୍ଡ ସହ ଘଟଣାସ୍ଥଳକୁ ପହଞ୍ଚି ଅଧିକ ତନାଘନା ତଦନ୍ତ ଜାରି ରଖିଥିବା ଥାନା ଆଇଆଇସି ସନାତନ ସାହୁ ପ୍ରକାଶ କରିଛନ୍ତି।

# ଜାତୀୟ କ୍ୟାଡେଟ ଅସିଚାଳନା ପାଇଁ ଓଡ଼ିଶା ଦଳ ଘୋଷିତ

ବଲାଙ୍ଗିର,(ସବ୍ୟୁ): ସେପ୍ଟେମ୍ବର ୮ ରୁ ୧୩ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡ ହଲଦ୍ୱାନି ଇନ୍ଦିରା ଗାନ୍ଧୀ ଅନ୍ତରଜାତୀୟ ସ୍ପୋର୍ଟ୍ସ ଷ୍ଟାଡିୟମରେ ଜାତୀୟ କ୍ୟାଡେଟ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ ।ଥିପାଇଁ ଶୁକ୍ରବାର ଓଡିଶା ଦଳ ଘୋଷଣା କରାଯାଇଛି । ଓଡିଶା ଦଳ ଚୟନ ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂ ଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ବଲାଙ୍ଗିର ଗତ ୨୫ ଅଗଷ୍ଟ ରୁ ୫ ସେପ୍ଟେମ୍ବର ପର୍ଯ୍ୟନ୍ତ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା । ଏହି କ୍ୟାମ୍ପରେ ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲ କୋଚ ଅନ୍ୱେଷା ରାଉତ, ରୋଶନ ସାହୁ, ପରିଚାଳନା କରିଥିଲେ । କ୍ୟାମ୍ପ ରେ ମୋଟ ୩୦ଖେଳାଳି ଯୋଗଦେଇଥିଲେ । ସେଥିମଧ୍ୟରୁ ୯ଜଣ ଖେଳାଳିଙ୍କୁ ନେଇ ଓଡିଶା ଦଳ ଗଠନ କରାଯାଇଛି ବୋଲି ରାଜ୍ୟ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ସାଙ୍ଗଠାନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି । ଓଡିଶା ଦଳ ବାଳକ କ୍ୟାଡେଟ ମାନସ ପ୍ରଧାନ, ସମୀର ପରାଭୁଏ,ସ୍ୱାଗତ ପଟେଲ,ଅଭିନାଶ ସ୍ୱାଇଁ,ବିଭୂପ୍ରସାଦ ସେନାପତି, ଦେବାଶିଷ ପଟେଲ, ଆୟୁଷ ସୁମନ୍ତ ଦାସ, ପ୍ରେମଜୀତ ବେଶରା, ଲିଖିତ କୁମାର ବିଶ୍ୱାଳ ପ୍ରମୁଖ । ପ୍ରଶିକ୍ଷକ ଭାବେ ନିତିନ ସ୍ୱାଇଁ, ରୋଶନ ସାହୁ ।

# ଗୁରୁ ଦିବସ ପାଳନ ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

ଦେବଗଡ଼,(ସବ୍ୟୁ): ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଓଡିଶା ସରକାର ଙ୍କ ନିର୍ଦ୍ଦେଶ କ୍ରମେ ଦେବଗଡ଼ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣ ରେ ବର୍ତ୍ତମାନ ବିଦ୍ୟାଳୟ ସ୍ତରରେ ଗୁରୁ ଶିଷ୍ୟ ପରମ୍ପରା ଦିନକୁ ଦିନ କମିବାରେ ଲାଗିଛି । ଫଳରେ ତାହା ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷା କ୍ଷେତ୍ରରେ ପ୍ରଭାବିତ ହେଉଛି। ଆଗାମୀ ଦିନରେ ଏହା ପ୍ରତି ସୁଧାର ଆଣିବା ସହ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଗଢି ତୋଳିବାରେ ସହାୟକ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଉତ୍ସବରେ ସମ୍ମାନୀତ ଅତିଥି ଭାବେ ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ପ୍ରମୁଖ ମଞ୍ଚାସୀନ ଥିଲେ।

ସଭା ପ୍ରାରମ୍ଭ ରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କ ରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ମନୋନୀତ ହୋଇଥିବା ୭ ଜଣ ବିଷୟ ଭିତ୍ତିକ ମାଧ୍ୟମିକ ଶିକ୍ଷକ ଯଥା ପ୍ରଥମ ଭାଷା ଓଡ଼ିଆରେ ନମିତା ମାଝୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେବଗଡ଼, ଇଂରାଜୀରେ ନିର୍ମଳ ରଣା ନାଉଲିପଡା ଉଚ୍ଚ ବିଦ୍ୟାଳୟ, ତୃତୀୟ ଭାଷା ହିନ୍ଦୀରେ ସଦାନନ୍ଦ ମହାନ୍ତ ଟାଉନ ଉଚ୍ଚ ବିଦ୍ୟାଳୟ ଦେବଗଡ଼, ଗଣିତରେ ପ୍ରଦୀପ କୁମାର ବିଶ୍ୱାଳ ଧୋବାଲିପଥର ଉଚ୍ଚ ବିଦ୍ୟାଳୟ. ବିଜ୍ଞାନରେ ସଞ୍ଜୟ କୁମାର ପ୍ରଧାନ ତାରଙ୍ଗ ଉଚ୍ଚ ବିଦ୍ୟାଳୟ, ସାମାଜିକ ବିଜ୍ଞାନରେ ପ୍ରଶାନ୍ତ କୁମାର ସାହୁ ନାଉଲିପଡା ଉଚ୍ଚ ବିଦ୍ୟାଳୟ , ଶାରୀରିକ ଶିକ୍ଷାରେ ରଞ୍ଜିତା ମିଶ୍ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦେବଗଡ଼ ଙ୍କୁ ସମ୍ମାନୀତ କରାଯାଇଥିଲା। ସେହିଭଳି ୩ ଜଣ ପ୍ରାଥମିକ ଶିକ୍ଷକ କାଦମ୍ବିନୀ ମିଶ୍ର ତିଳେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭାସ୍କର ବିଶ୍ୱାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବସାଲଇ, ଉଦୟନାଥ ବେହେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଉଁଳି ଓ ଜଣେ ଆଞ୍ଚଳିକ ସାଧନ ସଂଯୋଜକ ଟାଇଁସର ର ଭେନସ କୁମାର ପ୍ରଧାନଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ କୁ ସୁଗୁଡା ସି. ଆର. ସି. ସି. ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିବା ବେଳେ ଡଂରା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମାଧବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଝସକେତନ ସାହୁ, ଗୌରଚରଣ ସାହୁ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳି ଲାକ୍ରା, ତିଳେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ପୌରାଞ୍ଚଳ ସି. ଆର. ସି. ସି. ଚୂଡ଼ାମଣି ସାହୁଙ୍କ ସମେତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମସ୍ତ କର୍ମଚାରୀ, ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସକ୍ରୀୟ ସହଯୋଗ କରିଥିଲେ।

OFFICE OF THE PRINCIPAL
BHAIRABI HIGHER SECONDARY SCHOOL
PURUNAKATAK, BOUDH-762013

COLLEGE CODE LA-01 PRINCIPAL, Mob.-9337363969

e-mail ID. bhairabicollege84@gmail.com

Letter No. 177/2025 Date : 04.09.2025

WALK IN INTERVIEW

Interested candidates may attend the walk in Interview with their all resumes both in Original & attested Xerox Copy scheduled to be conducted in the premises of the Institution on dt. 17.09.2025 at 10.30 AM.

| Post | Basis | Educational Qualification | Remuneration |
|---|---|---|---|
| Lecturer in Education | Contractual | 55% Marks in M.A. (Education) | Rs. 10,000/- |

The undersigned reserves the right to modify/cancel partly or fully the date & time.

Sd/- Principal I/C

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୩୩)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ)

**ଧୃତ୍ୟା ଯୟା ଧାରୟତେ ମନଃପ୍ରାଣେନ୍ଦ୍ରିୟକ୍ରିୟାଃ ।**
**ଯୋଗେନାବ୍ୟଭିଚାରିଣ୍ୟା ଧୃତିଃ ସା ପାର୍ଥ ! ସାତ୍ତ୍ୱିକୀ ।। ୩୩ ।।**

(ଇଦାନୀଂ ଧୃତେଃ ତୈବିଧ୍ୟଂ ଆହ ତ୍ରିଭିଃ) ହେ ପାର୍ଥ ! ଯୋଗେନ (ଚିତ୍ତୈକାଗ୍ର୍ୟେଣ ହେତୁନା) ଅବ୍ୟଭିଚାରିଣ୍ୟା (ବିଷୟାନ୍ତରଂ ଆଧାରୟନ୍ତ୍ୟା) ଯୟା ଧୃତ୍ୟା ମନଃପ୍ରାଣେନ୍ଦ୍ରିୟକ୍ରିୟାଃ (ମନସଃ ପ୍ରାଣସ୍ୟ ଇନ୍ଦ୍ରିୟାଣାଂ ଚ କ୍ରିୟାଃ) ଧାରୟତେ (ନିୟଚ୍ଛତି), ସା ଧୃତିଃ ସାତ୍ତ୍ୱିକୀ ।। ୩୩ ।।

# ଓଡ଼ିଶାର ଭବିଷ୍ୟଦୃଷ୍ଟିରେ ଆମର ଭୂମିକା କ'ଣ ?

ଆଉ ଦଶ ବର୍ଷ ପରେ ଓଡ଼ିଶା ତାହାର ଜନ୍ମ ଶତବାର୍ଷିକ ପାଳନ କରିବ । ଏଥିପାଇଁ ରାଜ୍ୟ ସରକାରଙ୍କର ଏକ ଭବିଷ୍ୟଦୃଷ୍ଟି (Vision)ର ପ୍ରସ୍ତୁତି ତ ଚାଲିଛି, ମାତ୍ର ଆମେ ଓଡ଼ିଆମାନେ ଏହି ଶତବାର୍ଷିକ ପାଳନରେ କିପରି ସାମିଲ ହୋଇପାରିବା ? ଶିକ୍ଷା, ସାହିତ୍ୟ, ସଂସ୍କୃତି ଓ ଭାଷା କ୍ଷେତ୍ରରେ ହୁଏତ ଆମେ ଅଗ୍ରଗମନ କରିଛୁଁ,କିନ୍ତୁ ସାମଗ୍ରିକ ଭାବେ ଓଡ଼ିଶାର ଉନ୍ନତି କେତେ ବା ହୋଇପାରିଛି ? କୋଠାବାଡ଼ି, ଗାଡ଼ି ମୋଟର ଓ ରାସ୍ତାଘାଟ ପ୍ରଭୃତି ଉନ୍ନତିର ପ୍ରତୀକ ନୁହେଁ, ଜୀବନ ଧାରଣର ମାନବୃଦ୍ଧି ପାଇଁ ଉଦ୍ୟମ ହେବା ଆବଶ୍ୟକ । ଅନେକ ଲୋକ ସରକାରୀ ଚାକିରିରେ ଭଲ ଦରମା ପାଇ ମଧ୍ୟ ଦୁର୍ନୀତି କରି ଲକ୍ଷ ଲକ୍ଷ ଟଙ୍କା ନୁହେଁ, କୋଟି କୋଟି ରୋଜଗାର କରି ପାରୁଛନ୍ତି । କାହିଁକି କେଜାଣି ସେମାନଙ୍କ ମଧ୍ୟରୁ କେତେକ ଧରା ପଡୁଥିବା ବେଳେ ଆଉ କେତେକ ଦୁର୍ନୀତିରେ ବୁଡ଼ି ରହିଥିଲେ ମଧ୍ୟ ସେମାନଙ୍କୁ ଧରାଯାଇ ପାରୁନାହିଁ । ସବୁ କାର୍ଯ୍ୟରେ ସ୍ୱଚ୍ଛତା ଓ ଶୃଙ୍ଖଳା ଆବଶ୍ୟକ । ପ୍ରଶାସନ ଏଥିପାଇଁ ଦୃଷ୍ଟି ନ ଦେଲେ ଓଡ଼ିଆ ଲୋକେ ପୂର୍ବପରି ଦୁର୍ଦ୍ଦଶା ଭୋଗ କରିବେ । ସମସ୍ତେ ସବୁ ସମୟରେ ଅଭିଯୋଗ କରିବା ସମ୍ଭବ ନୁହେଁ । ସେ ଯାହା ହେଉ, ଦୁର୍ନୀତି ଦମନ ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶୂନ୍ୟ ସହନଶୀଳତା ପରି ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି । କେନ୍ଦ୍ରରେ ବିଜେପିର ଶାସନ ଓ ରାଜ୍ୟରେ ବିଜେପିର ଶାସନ ଥିବାରୁ ଶାସନଗତ ଢାଞ୍ଚାକୁ ବଦଳାଇ ଲୋକଙ୍କ ପାଖରେ ସରକାର ପହଞ୍ଚିବା ଲାଗି ଯେଉଁ ଉଦ୍ୟମ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ତାହା ଏକ ଶୁଭ ସୂଚନା । ମାତ୍ର ଆହୁରି ଅନେକ କଥା ରାଜ୍ୟ ସରକାର ଜାଣି ପାରିଲେ, ସୁଶାସନ କରିବା ପାଇଁ ସୁଯୋଗ ମିଳି ପାରନ୍ତା ।

ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମଧ୍ୟ ବିଭିନ୍ନ ଅଭିଯୋଗର ଶୁଣାଣି ପୂର୍ବରୁ ହେଉଥିଲା । ମନ୍ତ୍ରୀ ଓ ବିଧାୟକମାନେ ଆସୁଥିଲେ । ଏପରିକି ସଚେତନ ଓ ଶିକ୍ଷକ ନାଗରିକମାନଙ୍କ ବୈଠକ ଭୁବନେଶ୍ୱରରେ ଦଳ ପକ୍ଷରୁ ହେଉଥିଲା । ତାହା ଆଉ ଆଗ ଭଳି ହେଉନାହିଁ । ବିଭିନ୍ନ ଜିଲ୍ଲା, ସବ୍‌ଡିଭିଜନ ଓ ବ୍ଲକସ୍ତରରେ ଅଭିଯୋଗ ପ୍ରକୋଷ୍ଠମାନ ଗଢ଼ାଯାଇ ପାରିଲେ ଶାସନଗତ ସୁବିଧା ଦୃଷ୍ଟିରୁ କିଛି କିଛି ଭଲ କାମ କରାଯାଇ ପାରନ୍ତା ।

ଓଡ଼ିଶାର ଲୋକେ ଏବେ ଶିକ୍ଷିତ ଓ ସଚେତନ । ଓଡ଼ିଶା ବାହାରେ ସେମାନେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି । ସେମାନେ ସରକାରୀ ବା ବେସରକାରୀ କ୍ଷେତ୍ରରେ ଉଚ୍ଚ ପଦବୀମାନଙ୍କରେ ରହିଛନ୍ତି । ଏକଦା ମୁଦ୍ରଣ ଶିଳ୍ପ ଜରିଆରେ ଓଡ଼ିଶାର ଲୋକେ ଶିକ୍ଷା ଓ ଉଚ୍ଚ ଶିକ୍ଷା ପାଇବାର ସୁଯୋଗ ପାଉଥିଲେ । ଏବେ ତ ସୂଚନା ଓ ବୈଷୟିକ ବିଦ୍ୟାର ଯୁଗ । ଇଣ୍ଟରନେଟ୍ ଆମ ଜୀବନଶୈଳୀକୁ ଗଭୀର ଭାବରେ ପ୍ରଭାବିତ କରିଛି । ଗ୍ରାମାଞ୍ଚଳରେ ମଧ୍ୟ ଇଣ୍ଟରନେଟ୍‌ର ପ୍ରଭାବ ରହିଛି । କିନ୍ତୁ ସବୁ ଗ୍ରାମକୁ ବିଦ୍ୟୁତ ସଂଯୋଗର ସୁବିଧା ମିଳୁନାହିଁ ।

ଗ୍ରାମାଞ୍ଚଳରେ ପୂର୍ବେ ଭାଗବତ ଟୁଙ୍ଗୀ ଥିଲା । ନିୟମିତ ଭାବେ ଜଗନ୍ନାଥ ଦାସଙ୍କ ଭାଗବତ ପାଠ କରାଯାଉଥିଲା । ଏବେ ତ ଗ୍ରାମାମାନଙ୍କରେ ଭାଗବତ ଟୁଙ୍ଗୀ ନାହିଁ । ଭାଗବତ ମଧ୍ୟ ନିୟମିତ ଭାବେ ପଢ଼ା ଯାଉ ନାହିଁ । ଗାନ୍ଧିଜୀଙ୍କ 'ଗାଁକୁ ଚାଲ' ଆହ୍ୱାନ ଏବେ ବଦଳି ଗଲାଣି । ଗାଁ ପିଲାଙ୍କୁ ପାଠଶାଠ ପଢ଼ି ଚାକିରି କରିବାକୁ ସହର ମୁହାଁ କରାଯାଉଛି । ଗାଁରେ ଯେଉଁମାନେ ରହିଲେ, ସେମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ ଭତ୍ତା ସହିତ କୃଷି କାର୍ଯ୍ୟ ପାଇଁ ସରକାରଙ୍କଠାରୁ ଅର୍ଥ ପାଇ ପାରିଲେ । ଚାଷ କାମ ବା ଅନ୍ୟାନ୍ୟ କାମ ପାଇଁ ଆଉ ଗାଁମାନଙ୍କରେ ଲୋକ ମିଳିଲେ ନାହିଁ । ସେମାନେ ବି ବେଶୀ ପଇସା ପାଇ ଶ୍ରମକାତର ହୋଇଗଲେ । ଯେଉଁମାନଙ୍କ ପାଖରେ କିଛି ପଇସା ରହିଲା, ସେମାନେ ସୁବିଧା ହାସଲ ଲାଗି ମୋବାଇଲ ଫୋନ ଖଣ୍ଡେ ଖଣ୍ଡେ ଧରିଲେ । କୌଣସି କୌଣସି ଗାଁକୁ ଖବର କାଗଜ ଖଣ୍ଡେ ଖଣ୍ଡେ ଆସୁଥିଲା ଡାକ ଯୋଗେ । ତାକୁଇ ପଢ଼ନ୍ତି ଏକାଧିକ ଲୋକ । ଗାଁ ରେ ଲାଇବ୍ରେରୀ ମଧ୍ୟ ଥିଲା । ସେ ସବୁ ଆଉ ନାହିଁ । ତା' ବଦଳରେ କ୍ଲବ ଘର ଠିଆ ହୋଇଛି । ମାସରେ ଥରେ ଅଧେ ଭଲ ଭୋଜି ଗୋଟାଏ ହୁଏ । ଖାଇପିଇ ମଉଜ କରିବା କଥା । ପାଠ ପଢୁଛି କିଏ ? ପଠନ ସ୍ପୃହା ମରି ହଜି ଗଲାଣି । ବହି ବା ପତ୍ରିକାଟିଏ ଦେଲେ ଗାଁରେ ଲୋକେ ଆଖି ପକାଇବେ ସିନା ପୁରା ବା ଅଧା ବି ପଢ଼ିବେ ନାହିଁ । ମୋବାଇଲର ଇଣ୍ଟରନେଟ୍‌ରୁ ଖବର ଜାଣିବା ଓ କଥା କହିବା ସହିତ ମୋବାଇଲ ଡାଟାରୁ ନାଚ,ଗୀତ ଓ ସିନେମା ଏ ସବୁ ଦେଖିବେ ସେମାନେ ।

ଅଥଚ ଅନୁନ୍ନତ ଓଡ଼ିଶାରେ ୧୮୩୬ରେ, ଓଡ଼ିଶା ତାହାର ଜନ୍ମ ଶତବାର୍ଷିକ ପାଳନ କରିବାର ଶହେ ବର୍ଷ ପୂର୍ବରୁ ମୁଦ୍ରାଯନ୍ତ୍ର ବା ପ୍ରେସ ସ୍ଥାପନ କରାଯାଇଥିଲା କଟକରେ । ଖ୍ରୀଷ୍ଟିଆନ ପାଦ୍ରୀମାନେ ଏଥି ସହିତ ଟାଇପ୍ ଫାଉଣ୍ଡେରୀ ମଧ୍ୟ ସ୍ଥାପିତ କରିଥିଲେ । ତା' ପୂର୍ବରୁ ଅବଶ୍ୟ ଓଡ଼ିଆ ମୁଦ୍ରଣ କାର୍ଯ୍ୟ କୋଲକାତାର ଶ୍ରୀରାମପୁରଠାରେ ଆରମ୍ଭ ହୋଇଥିଲା । ଏ ସବୁ କଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

## ଭାବ ବନ୍ଧନ

**ଭଗବାନ ସବୁ ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ, କିନ୍ତୁ ସେ ଭକ୍ତର ଭାବ ବନ୍ଧନରେ ସଦା ଯୁକ୍ତ**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଭାଗବତ ଜନ୍ମ ଓ ଅତିବଡ଼ି ଜଗନ୍ନାଥ ଦାସ



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ଶ୍ରୀଜଗନ୍ନାଥ ମନ୍ଦିରରେ ପୁରାଣପଣ୍ଡା ରୂପେ ନିଯୁକ୍ତ ହୋଇଥିଲେ କୌଶିକ ଗୋତ୍ରୀୟ ନରୋତ୍ତମ ଦାଶ । ସେ ପୁରୀ ଜିଲ୍ଲା କପିଳେଶ୍ୱରପୁର ଶାସନରେ ଅବସ୍ଥାନ କରୁଥିଲେ । ବଂଶ ପରମ୍ପରାକ୍ରମେ ତାଙ୍କ ପୌତ୍ର ଭଗବାନ ଦାଶ ମଧ୍ୟ ଶ୍ରୀମନ୍ଦିରରେ ପୁରାଣପଣ୍ଡା ପଦରେ ଅଧିଷ୍ଠିତ ହୋଇଥିଲେ । ଭଗବାନ ଦାଶ ଓ ତାଙ୍କ ଧର୍ମପରାୟଣା ପତ୍ନୀ ପଦ୍ମାବତୀଙ୍କ କୋଳ ବହୁଦିନ ପର୍ଯ୍ୟନ୍ତ ଶୂନ୍ୟ ରହିଥିଲା । ବଂଶ ରକ୍ଷା ଉଦ୍ଦେଶ୍ୟରେ ଦୁହେଁ ନିଳାଦ୍ରିବିହାରୀ ଶ୍ରୀଜଗନ୍ନାଥଙ୍କ ନିକଟରେ ବହୁ ଅନୁନୟ ବିନୟ ହୋଇ ସନ୍ତାନଟିଏ ପାଇଁ ପ୍ରାର୍ଥନା କଲେ । ଶେଷରେ ଭାବଗ୍ରାହୀ ପ୍ରଭୁ ଜଗନ୍ନାଥ ସେମାନଙ୍କ ଗୁହାରି ଶୁଣିଲେ । ଫଳରେ ଖ୍ରୀ: ୧୪୮୭ ଭାଦ୍ରବ ଶୁକ୍ଳ ଅଷ୍ଟମୀ ( ରାଧାଷ୍ଟମୀ) ବୁଧବାର, ଅନୁରାଧା ନକ୍ଷତ୍ର,ବୃଶ୍ଚିକ ଚନ୍ଦ୍ର , ମଧ୍ୟାହ୍ନ ମାହେନ୍ଦ୍ର ମୁହୂର୍ତ୍ତରେ ସୁନ୍ଦର ଶିଶୁଟିଏ ପଦ୍ମାବତୀଙ୍କ କୋଳମଣ୍ଡନ କଲା । ଶ୍ରୀଜଗନ୍ନାଥଙ୍କ କୃପାରୁ ଜନ୍ମ ନେଇ ଥିବାରୁ ପିତାମାତା ଶିଶୁଟିର ନାମ ଦେଲେ ଜଗନ୍ନାଥ । ବାଳକ ଜଗନ୍ନାଥଙ୍କର ୪ ବର୍ଷ ବୟସରେ କର୍ଣ୍ଣବେଦ ଓ ବିଦ୍ୟାରମ୍ଭ ତଥା ୮ବର୍ଷ ବୟସରେ ଉପନୟନ ସଂସ୍କାର ସମ୍ପନ୍ନ ହୋଇଥିଲା । ତାଙ୍କୁ ମାତ୍ର ୧୨ ବର୍ଷ ବୟସ ହୋଇଥିବା ବେଳେ ପିତା ଭଗବାନ ଦାଶ ତାଙ୍କ ବିବାହ ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ଜଗନ୍ନାଥଙ୍କ ଠାରେ ବାଲ୍ୟକାଳରୁ ସ୍ୱାଭାବିକ ଭାବରେ ଆଧ୍ୟାତ୍ମିକ ଚେତନାର ଉନ୍ମେଷ ହୋଇଥିବା ହେତୁ ସେ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ଜଗନ୍ନାଥ ଖୁବ୍ ଧୀର ଶାନ୍ତ ବିବେକଶୀଳ ଓ ମେଧାବୀ ଥିଲେ । ସେ ଅତି କମ୍ ବୟସରେ ରାମାୟଣ,ମହାଭାରତ ଓ ଶ୍ରୀମଦ୍ ଭାଗବତର ଟୀକାମାନ ଅଧ୍ୟୟନ କରି ବିପୁଳ ଜ୍ଞାନାର୍ଜନ କରିବା ସହିତ ବ୍ୟାକରଣ ଓ ବେଦବେଦାନ୍ତର ଅନେକାଂଶ କଣ୍ଠସ୍ଥ କରି ପାରିଥିଲେ । ଷଡ଼ଦର୍ଶନରେ ମଧ୍ୟ ତାଙ୍କର ଉତ୍ତମ ଅଧ୍ୟୟନ ଥିଲା ।

ଜଗନ୍ନାଥ ଯୌବନାବସ୍ଥାରେ ପଦାର୍ପଣ କରିବା ପୂର୍ବରୁ ମାତ୍ର ୧୫/୧୬ ବୟସ ବେଳକୁ ତାଙ୍କର ପିତୃବିୟୋଗ ଘଟିଥିଲା । କିଛି ବର୍ଷ ମଧ୍ୟରେ ସେ ଶ୍ରୀମନ୍ଦିରରେ ଭାଗବତ ପାଠରୂପୀ କୌଳିକ ବୃତ୍ତିକୁ ଅବଲମ୍ବନ କରି ମାତାଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । **କ୍ରମେ ସଂସାର ପ୍ରତି ତୀବ୍ର ବୈରାଗ୍ୟ ଜାତ ହେବାରୁ ସେ ଭଗବତ୍ ଆରାଧନାକୁ ଜୀବନର ଏକମାତ୍ର ଧ୍ୟେୟରୂପେ ଗ୍ରହଣ କରି ଆଜୀବନ ବ୍ରହ୍ମଚାରୀ ରହିଥିଲେ । ଭଗବତ୍ ବିଶ୍ୱାସ ଓ ଭକ୍ତି ହିଁ ଥିଲା ତାଙ୍କ ଜୀବନର ପାଥେୟ ।**

*ମାତୃଭାଷାରେ ଭାଗବତ ରଚନା*

ଓଡ଼ିଆ ଭାଷାରେ ଭାଗବତ ରଚନା ହେବା ପୂର୍ବରୁ ସଂସ୍କୃତ ଭାଷାରେ ଭାଗବତ ପଢ଼ା ଯାଉଥିଲା । କିମ୍ବଦନ୍ତୀ ଅଛି ଯେ ଥରେ ଜଗନ୍ନାଥ ଦାସଙ୍କ ମାଆ ଧର୍ମପରାୟଣା ପଦ୍ମାବତୀ କାର୍ତ୍ତିକ ମାସ ହବିଷ ସମୟରେ ଜନୈକ ପୁରାଣପଣ୍ଡାଙ୍କ ଠାରୁ ସଂସ୍କୃତ ଭାଗବତ ଶ୍ରବଣ କରୁଥିଲେ । ଏ ସମୟରେ ସେ ଏକ ଶ୍ଳୋକକୁ ଭଲ ଭାବରେ ବୁଝି ନ ପାରିବାରୁ ପୁରାଣପଣ୍ଡାଙ୍କୁ ତା'ର ଅର୍ଥ ବୁଝାଇବାକୁ ଅନୁରୋଧ କଲେ । ମାତ୍ର ପୁରାଣପଣ୍ଡା ତାଙ୍କୁ ବୁଝାଇବା ପରିବର୍ତ୍ତେ ତାଙ୍କୁ ଜଣେ ସାଧାରଣ ମୂଢ଼ା ନାରୀ ବୋଲି ଭାବି କେଇପଦ ତିରସ୍କାରପୂର୍ଣ୍ଣ ବାଣୀ ଶୁଣାଇଲେ । ପଦ୍ମାବତୀଙ୍କ ପତି ଭଗବାନ ଦାସ ଥିଲେ ପୂର୍ବତନ ପୁରାଣପଣ୍ଡା । ତେଣୁ ପୁରାଣପଣ୍ଡାଙ୍କ କଥା ତାଙ୍କୁ ବିଶେଷ ଭାବରେ ଆଘାତ ଦେଲା । ଘରକୁ ଫେରିଆସି ସେ ପୁତ୍ର ଜଗନ୍ନାଥ ନିକଟରେ ନିଜର ମନୋବେଦନା ପ୍ରକାଶ କରି କହିଲେ, ପୁଅରେ ! ତୁ ଏତେ ପାଠ ପଢ଼ିଛୁ, ଭାଗବତକୁ ତୁ କଣ ଆମ ବୁଝିବା ଭଳି ଭାଷାରେ ଲେଖି ପାରିବୁ ନାହିଁ ? ତୁ ଯଦି ଏତିକିକରି ପାରନ୍ତୁ ତେବେ ସେ ପୁରାଣପଣ୍ଡା ପାଖକୁ ମୁଁ ଆଉ ଭାଗବତ ଶୁଣିବାକୁ ଯାଆନ୍ତି ନାହିଁ ।

**ଜୀବନର ଭାବ, ରାଗ ଓ ତାଳର ସମନ୍ୱୟ ଏକମାତ୍ର ଗ୍ରନ୍ଥ ଭାଗବତ ଯାହାର ଜନ୍ମ ଦିନ ପାଳନ କରାଯାଏ । ସାରା ପୃଥିବୀରେ ଗୋଟିଏ ପୁସ୍ତକର ଜନ୍ମ ଦିନ ପାଳନ କରାଯିବା ଏକ ବିରଳ ଘଟଣା ।**

ଯେଉଁ ଜଗନ୍ନାଥଙ୍କୁ ସେ ବଂଶ ରକ୍ଷା କରିବା ପାଇଁ ଜଗନ୍ନାଥଙ୍କୁ ଡାକି ଡାକି ପାଇଥିଲେ, ସେ ମାଆଙ୍କର ଏହି କଥାରେ ଅତ୍ୟନ୍ତ ବ୍ୟଥିତ ହେଲେ । ମାତା ପଦ୍ମାବତୀଙ୍କ ମଧ୍ୟରେ ସେ ଦେଖିଲେ ଉତ୍କଳର ଅଗଣିତ ନରନାରୀଙ୍କ ହୃଦୟର ବ୍ୟାକୁଳତା । ମନ ଭିତରେ ଏହା ତାଙ୍କୁ ବହୁ ମାତ୍ରାରେ ଆନ୍ଦୋଳିତ କଲା । ଯାହା କୁହାଯାଏ, ମହତ୍ କାର୍ଯ୍ୟ ପୃଷ୍ଠ ଭାଗରେ ଏକ ନାରୀର ଭୂମିକା ଥାଏ, ତାହା ଏଠାରେ ସ୍ପଷ୍ଟ ଭାବରେ ପ୍ରମାଣିତ ହେବାକୁ ଲାଗିଲା । ଜଗନ୍ନାଥ ଦାସଙ୍କୁ ଏହା ପ୍ରାକୃତ (ଓଡ଼ିଆ) ଭାଷାରେ ଲେଖିବାର ପ୍ରେରଣା ଯୋଗାଇଲା ।

କେବଳ ପ୍ରେରଣାରୁ ଏତେ ବଡ଼ ଗ୍ରନ୍ଥ ରଚନା କରିବା ସମ୍ଭବ ନୁହେଁ । ଏଥିପାଇଁ ଦରକାର ଆବଶ୍ୟକ ସାମର୍ଥ୍ୟ ଓ ଭଗବତ କୃପା । ଜନକଲ୍ୟାଣ ପାଇଁ ଏହାର ଉପାଦେୟତା ଅନସ୍ୱୀକାର୍ଯ୍ୟ ହୋଇଥିଲେ ମଧ୍ୟ ମନୁଷ୍ୟ ଜୀବନକୁ ସାର୍ଥକ କରିବା ବି ଆବଶ୍ୟକ । ଆତ୍ମୋଦ୍ଧାର ବି ଜୀବନର ଲକ୍ଷ୍ୟ । ଏହା ଭାବି ସେ ଜଗନ୍ନାଥଙ୍କ ସାହାଯ୍ୟ ଲୋଡ଼ିଲେ । ଦିନେ ରାତ୍ରିରେ ଶୟନ ପୂର୍ବରୁ ସେ ଭଗବାନଙ୍କୁ ପ୍ରାର୍ଥନା କଲେ, ହେ ପ୍ରଭୁ ! ମୋ ପ୍ରତି କୃପା କର । ଏ ଘୋର ସଂସାରରୁ ଉଦ୍ଧାର କରିବାକୁ ତୁମ ବ୍ୟତୀତ ମୋର ଅନ୍ୟ କେହି ନାହିଁ । ହେ ମହାବାହୁ ମୋ ଉଦ୍ଧାର ପାଇଁ କିଛି ଆଜ୍ଞା ହେଉ ।

ଏହିପରି ନିବେଦନ କରି ସେ ଶୋଇ ପଡ଼ିଲେ । ଭାବଗ୍ରାହୀ ଭଗବାନ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ଭାଗବତର ପରମ୍ପରା ପ୍ରସଙ୍ଗ କହିବା ସଙ୍ଗେ ସଙ୍ଗେ ପ୍ରାକୃତ ଭାଷାରେ ଭାଗବତ ରଚନା କରିବା ପାଇଁ ନିର୍ଦ୍ଦେଶ ଦେଲେ । କିନ୍ତୁ ଏତେ ବଡ଼ ଦୁରୂହ କାର୍ଯ୍ୟ ପାଇଁ ସେ ତାଙ୍କର ଅସାମର୍ଥ୍ୟ ଜଣାଇବାରୁ ଭଗବାନ କହିଲେ– ତୁମେ ଭୟ କର ନାହିଁ । ତାଳପତ୍ର ଓ ଲେଖନୀ ଧରି ଲେଖିବା ଆରମ୍ଭ କର, ମୁଁ ତୁମ ହୃଦପଦ୍ମରେ ବିରାଜିତ ହୋଇ ପଦ ପରେ ପଦ କହିଦେବି ।

ଏଥର ମାତାଙ୍କ ପ୍ରେରଣା ଓ ଭଗବାନଙ୍କ ଆଶୀର୍ବାଦର ସମନ୍ୱୟରେ ଭକ୍ତକବି ଜଗନ୍ନାଥ ନବାକ୍ଷରୀ ବୃତ୍ତରେ ବ୍ୟାସଦେବକୃତ ଭାଗବତର ଓଡ଼ିଆ ପଦ୍ୟାନୁବାଦ କାର୍ଯ୍ୟ ଶୁଭାରମ୍ଭ କଲେ । ଏହାକୁ ଅଧ୍ୟାୟେ ଅଧ୍ୟାୟେ ଅନୁବାଦ କରି ସେ ମାଆଙ୍କୁ ଶୁଣାଇଲେ । ଏହି ରଚନା ପାଇଁ ତାଙ୍କୁ ପାଞ୍ଚ ବର୍ଷ ଲାଗିଥିଲା । ସଂସ୍କୃତ ଜାଣି ନ ଥିବା ନରନାରୀ ନିଜ ଭାଷାରେ ସୁଶ୍ରାବ୍ୟ ଓ ସୁଲଳିତ ଛନ୍ଦରେ ଭାଗବତ ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲେ ।

ଭାଗବତ ଚତୁର୍ଥ ସ୍କନ୍ଧ ଶେଷରେ ଜଗନ୍ନାଥ ଦାସ ଲେଖିଛନ୍ତି–

*'ଭଣଇ ବିପ୍ର ଜଗନ୍ନାଥ ।*
*ଏ କୃଷ୍ଣ ଆଜ୍ଞାରୁ ଭକତ ।*
*ଗୁପତେ ବହୁକାଳ ଥିଲା ।*
*ହରି ଆଜ୍ଞାରୁ ଉଦେ ହେଲା ।*
*ହରି ହରି ଭାବନା କରୁଁ ।*
*ସଂଶୟ ଛାଡ଼ିଲା ମନରୁ ।*
*ସେ ବ୍ରହ୍ମ ଅନନ୍ତ ମହିମା ।*
*କେ କହିପାରେ ଗୁଣସୀମା ।*
*ଅମୃତ ଚରିତ ଏ ବାଣୀ ।*
*ଶ୍ରବଣେ ନିସ୍ତରିବେ ପ୍ରାଣୀ ।*
*ହୋଇବ ଭବବନ୍ଧ ନାଶ ।*
*ସୁଜନେ କୃଷ୍ଣପାଦେ ରସ ।*
*ଚତୁର୍ଥ ସ୍କନ୍ଧ ହେଲା ଶେଷ ।*
*ହୃଦରେ ଚିନ୍ତ ହୃଷୀକେଶ ।'*

ଜଣେ ବରେଣ୍ୟ ଭକ୍ତକବି ଭାବରେ ଜଗନ୍ନାଥ ଦାସଙ୍କ ସମ୍ମାନ ଅନସ୍ୱୀକାର୍ଯ୍ୟ । ତାଙ୍କର ରଚନା ମାଧ୍ୟମରେ ସେ ଓଡ଼ିଆ ଓ ସଂସ୍କୃତ କାବ୍ୟଭଣ୍ଡାରକୁ ସମୃଦ୍ଧ କରିଯାଇଛନ୍ତି । **ଓଡ଼ିଶାର ସାମାଜିକ ତଥା ଆଧ୍ୟାତ୍ମିକ ଚେତନାର ପ୍ରାଣକେନ୍ଦ୍ର 'ଭାଗବତ' ବ୍ୟତୀତ ତାଙ୍କର ' ଅର୍ଥ କୋଇଲି', 'ଗୁପ୍ତ ଭାଗବତ', 'ତୂଳା ଭିଣା', 'ଦାରୁବ୍ରହ୍ମ', 'ଦାରୁବ୍ରହ୍ମ ଗୀତା', 'ଶୈବାଗମ ଭାଗବତ' ଇତ୍ୟାଦି ପ୍ରାୟ ଷାଠିଏ ଖଣ୍ଡରୁ ଊର୍ଦ୍ଧ୍ୱ ସଂଖ୍ୟକ ଓଡ଼ିଆ ରଚନା ଥିବାର ସୂଚନା ମିଳେ । ଏହା ଛଡ଼ା ତାଙ୍କର ସଂସ୍କୃତ ଭାଷାରେ କେତେକ ରଚନା ହେଉଛି 'ନୀଳାଦ୍ରି ଶତକମ୍' , 'ଉପାସନା ଶତକମ୍', 'କୃଷ୍ଣଭକ୍ତି କଳ୍ପଲତା' ଇତ୍ୟାଦି ।**

ଓଡ଼ିଆ ଭକ୍ତି ଭାବଧାରା ଓ ଧର୍ମୀୟ ଚିନ୍ତନରେ ଯୁଗାନ୍ତକାରୀ ଉନ୍ମେଷ ଘଟାଉଥିବା ଜ୍ଞାନ ଗଙ୍ଗା । ଏହା ବିବରଣ, ଆଖ୍ୟାନ, ଉପାଖ୍ୟାନ– ଆଧ୍ୟାତ୍ମିକ, ସାମାଜିକ, ପାରିବାରିକ, ବ୍ୟକ୍ତିଗତ ଜୀବନ ପାଇଁ ଅତୀବ ଉପାଦେୟ । ଭାଗବତ ଆମ ଭାଷା, ଭାବ ଓ ଚଳଣୀର ଦିଗ୍‌ଦର୍ଶକ । ଏହା ସରଳ, ସାବଲୀଳ, ଗୂଢ଼, ବୋଧ, ଏବଂ ତତ୍ତ୍ୱପୂର୍ଣ୍ଣ ମଧ୍ୟ ।

ଭାଗବତର ଦ୍ୱାଦଶ ଖଣ୍ଡ, ୩୩୫ଟି ପରିଚ୍ଛେଦ, ନବାକ୍ଷରୀ ଗୁଜ୍ଜରୀ ବୃତ୍ତରେ ରଚିତ । ଦୁଇଟି ଚରଣରେ ଗୋଟିଏ ପାଦ । ଏହା ସର୍ବଜନ ବୋଧ ଲୌକିକ ପ୍ରାକୃତ ଭାଷାର ମିଶ୍ରଣରେ ଲିଖିତ ଏବଂ ଏହାର ଭାଷା ଶୁଦ୍ଧ, ସଂଯତ ଓ ମାର୍ଜିତ ।

ଭାଗବତର ପଦଗୁଡିକ ଆପ୍ତବାକ୍ୟ ପରି – ସାଂସାରିକ ଜଞ୍ଜାଳ , ଦୁଃଖସୁଖ, ବିପଦ ଆପଦରେ ଗୋଟିଏ ଗୋଟିଏ ପଦର ଦୃଷ୍ଟାନ୍ତ ଦେଇ ମନୁଷ୍ୟର ସମସ୍ୟାର ସମାଧାନ ହୋଇଯାଏ । ଯଥା –

*'ମଧୁର ବିନୟ ବଚନ*
*କହି ତୋଷିବ ଜନମନ ।'*
*'ଧନ ଅର୍ଜିଲେ ଧର୍ମ କରି*
*ଧର୍ମେ ପ୍ରାପତ ନରହରି ।'*
*'ଦୁର୍ଜନ ସଙ୍ଗେ କଲେ ବାସ*
*ଘଟିବ ଜାଣ ସର୍ବନାଶ ।'*
*'ଯେହୁ ପାଞ୍ଚଇ ପରମନ୍ଦ*
*ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ ।'*
*'ମନ ତୋହର ନିଜଗୁରୁ*
*ଉଦ୍ଧବ କେତେ ତୁ ପଚାରୁ ।'*

ସେ ସମୟର ସାମାଜିକ ସ୍ଥିତି, ମୋଗଲ ମରହଟ୍ଟାମାନଙ୍କର ଅତ୍ୟାଚାରରେ ଲୋକମାନେ ତ୍ରାହି ତ୍ରାହି ଡାକୁଥିଲେ । ଓଡ଼ିଆ ଭାଗବତ ଏବଂ ଭାଗବତ ଟୁଙ୍ଗୀ ସେମାନଙ୍କ ମନରେ ଆଶା ସଞ୍ଚୟ କରାଇ ଆନନ୍ଦ ଆଣି ଦେଉଥିଲା । ନିରୀହ ଜନତା କେବଳ ଭାଗବତ ଦୁଇପଦ ପଢିବା ପାଇଁ ଅକ୍ଷର ଶିକ୍ଷା କରିଥିଲେ । ସାକ୍ଷରତା ବଢିବାର ମୂଳ କାରଣ ଥିଲା ଭାଗବତ । ଭାଗବତ ଟୁଙ୍ଗୀ ଥିଲା ଓଡ଼ିଆ ଜାତିର ପୁରାଣ ପାଠାଗାର, ପାଠଶାଳା, ନୈଶ ବିଦ୍ୟାଳୟ , ଗ୍ରାମ୍ୟ ବିଚାରାଳୟ ( ଲୋକ ଅଦାଲତ) । ଏହା ଥିଲା ପ୍ରତ୍ୟେକ ଗ୍ରାମର ଆଧ୍ୟାତ୍ମିକ ସ୍ପନ୍ଦନ । କାଳେ କାଳେ ବ୍ୟକ୍ତି ଓ ସମାଜ ଜୀବନକୁ ଶୃଙ୍ଖଳିତ, ସମନ୍ୱିତ, ସୁସଂହତ କରୁଥିବା ଗ୍ରନ୍ଥ ଭାଗବତ ।

ଜୀବନର ଭାବ, ରାଗ ଓ ତାଳର ସମନ୍ୱୟ ଏକମାତ୍ର ଗ୍ରନ୍ଥ ଭାଗବତ ଯାହାର ଜନ୍ମ ଦିନ ପାଳନ କରାଯାଏ । ସାରା ପୃଥିବୀରେ ଗୋଟିଏ ପୁସ୍ତକର ଜନ୍ମ ଦିନ ପାଳନ କରାଯିବା ଏକ ବିରଳ ଘଟଣା ।

ଭାଗବତକାର ଜଗନ୍ନାଥ ଦାସଙ୍କର ଏଥିରେ ଥିବା ଅମୂଲ୍ୟ ଶବ୍ଦ ସହଜ, ସରଳ, ସାବଲୀଳ ଭାବରେ ପାଞ୍ଚଶତ ବର୍ଷରୁ ଊର୍ଦ୍ଧ୍ୱ ଓଡ଼ିଆ ଜନଜୀବନର ଜୀବନପ୍ରବାହକୁ ପ୍ରଭାବିତ ଓ ଆନ୍ଦୋଳିତ କରି ବାନ୍ଧି ରଖିଛି । ଅନ୍ୟ ସବୁ ଗ୍ରନ୍ଥ ମଳିନ ହୋଇ ଆସୁଥିବାବେଳେ ଭାଗବତର ପ୍ରତ୍ୟେକ ଆପ୍ତବାକ୍ୟ ଜୀବନ୍ତ ହୋଇ ରହିଛି । ସେ ମହାନ କବିଙ୍କୁ ଆଭୂମ ପ୍ରଣିପାତ ।

**ଭୁବନେଶ୍ୱର**

# ଅନନ୍ତ ବ୍ରତ ମାହାତ୍ମ୍ୟ



ପ୍ରଦୀପ୍ତ କୁମାର ବିଶ୍ୱାଳ

ଅନନ୍ତ ବ୍ରତ ପାଳନର ଫଳ ସଂପର୍କରେ ଏକ ଆଖ୍ୟାୟିକା ବର୍ଣ୍ଣନା କରି ଶ୍ରୀକୃଷ୍ଣ କହିଲେ ପୂର୍ବକାଳରେ ସତ୍ୟଯୁଗରେ ବଶିଷ୍ଟ ଗୋତ୍ରରେ ଜାତ ସମୁନ୍ତ ବ୍ରାହ୍ମଣ ଭୃଗୁଙ୍କ କନ୍ୟା ଦୀକ୍ଷାଙ୍କୁ ବିବାହ କରି ସୁଶୀଳା ନାମକ ଏକ କନ୍ୟା ପ୍ରାପ୍ତି ହୋଇଥିଲେ। କନ୍ୟାକୁ ଜନ୍ମ ଦେବା ପରେ ଦୀକ୍ଷାଙ୍କର ମୃତ୍ୟୁ ହେବାରୁ ସୁମନ୍ତ କର୍କଶାଙ୍କୁ ଦ୍ୱିତୀୟ ବିବାହ କଲେ। ସୁଶୀଳା କୌଣ୍ଡିନ୍ୟ ନାମକ ଏକ ବ୍ରାହ୍ମଣ ଯୁବକଙ୍କୁ ବିବାହ କରିବା ପରେ ବିମାତାଙ୍କ ନିର୍ଯାତନା ସହି ନ ପାରି ଘର ଛାଡିଲେ । ବାଟରେ ନଦୀ ତଟରେ ରକ୍ତବର୍ଣ୍ଣ ବସ୍ତ୍ର ପରିହିତା ସ୍ତ୍ରୀ ଲୋକମାନେ ଅନନ୍ତ ବ୍ରତ ପାଳନ କରୁଥିବା ଦେଖି ସୁଶୀଳା ସେମାନଙ୍କଠାରୁ ବୁଝି ବ୍ରତ ପାଳନ କଲା ଓ ଅନନ୍ତଦେବଙ୍କ କୃପାରୁ କୌଣ୍ଡିନ୍ୟର ଗୃହ ମଣିମାଣିକ୍ୟରେ ପରିପୂର୍ଣ୍ଣ ହୋଇଗଲା।। କେତେଦିନ ଉତ୍ତାରୁ କୌଣ୍ଡିନ୍ୟ ସୁଶୀଳା ହାତରୁ ସେ ବ୍ରତକୁ ଛିଣ୍ଡାଇ ନିଆଁରେ ପକାଇ ଦେବାରୁ ଅନନ୍ତ ଦେବଙ୍କ କୋପରୁ ଶ୍ରୀହୀନ ହୋଇ ଗଲେ । ଅନନ୍ତଦେବଙ୍କୁ ଅମାନ୍ୟ କରିଥିବା ଉପଲବ୍ଧକରି ତାଙ୍କୁ ଦର୍ଶନ କରିବା ପାଇଁ ଗୃହ ତ୍ୟାଗ କରି ବନରେ ବୁଲୁ ବୁଲୁ ଗୋଟିଏ ଫଳନ୍ତି ଆମ୍ବବୃକ୍ଷ, ଦୁଧିଆଳୀ ଗାଈ, ଏକ ବୃଷଭ, ଦୁଇଟି ପୁଷ୍କରିଣୀ, ଗୋଟିଏ ଗଧ ଓ ହାତୀଙ୍କୁ ଅନନ୍ତ ଦେବଙ୍କ ସଂପର୍କରେ ପଚାରି ନିରାଶ ହୋଇ ଘୂରି ବୁଲୁଥିବା ବେଳେ ଜଣେ ବୃଦ୍ଧ ଅନନ୍ତ ଦେବଙ୍କ ଶଙ୍ଖ, ଚକ୍ର, ଗଦା ଓ ପଦ୍ମଧାରୀ ଅନନ୍ତଙ୍କ ଦର୍ଶନ କରାଇଲେ । କୌଣ୍ଡିନ୍ୟ ନିଜର ଦୋଷ କ୍ଷମା ଯାଚନାକରି ଅନନ୍ତ ଦେବଙ୍କ କୃପାପ୍ରାପ୍ତ ହୋଇ ସୁଖରେ ସଂସାର କଲେ ଏବଂ ମୃତ୍ୟୁ ପରେ ବୈକୁଣ୍ଠ ପ୍ରାପ୍ତି ହୋଇଥିଲେ । ବାଟରେ ଭେଟିଥିବା ବୃକ୍ଷ, ଗାଈ ଆଦି ପୁର୍ବ ଜନ୍ମରେ କୁକର୍ମ କରିଥିବାରୁ ଏ ଜନ୍ମରେ ଏପରି ଫଳ ଭୋଗ କରୁଥିଲେ ବୋଲି ଜଣାଇଲେ ।

ଭବିଷ୍ୟ ପୁରାଣ ଉକ୍ତି ଅନୁସାରେ ଧାତୁଦ୍ରବ୍ୟରେ ଅନନ୍ତଙ୍କ ମୂର୍ତ୍ତି ନିର୍ମାଣ ବା ଶାଳଗ୍ରାମଙ୍କୁ ପଦ୍ମ କିମ୍ବା ଭଦ୍ରମଣ୍ଡଳରେ ସ୍ଥାପନ ପୂର୍ବକ ଏହି ପୂଜା ଚତୁର୍ଦ୍ଦଶ ବର୍ଷକାଳ କରିବା ବିଧେୟ । ବ୍ରତୀମାନେ ଉପାସ ବ୍ରତ ପାଳନ ପୂର୍ବକ ନିଜ ନିଜ ଗୃହରେ କିମ୍ବା ବିଷ୍ଣୁ ମନ୍ଦିରମାନଙ୍କରେ ଅନନ୍ତ ବିଷ୍ଣୁଙ୍କର ପୂଜାର୍ଚ୍ଚନା କରନ୍ତି । ପୂଜା ନିମନ୍ତେ ଖଇ, ଲଡୁ ଓ ପିଠା ସବୁଥିରୁ ଦଶଟି ଲେଖାଏଁ ଭୋଗ କରାଯାଏ । ଚଉଦ ପ୍ରକାର ଫୁଲ ଓ ଫଳ ଠାକୁରଙ୍କୁ ଅର୍ପଣ କରିବା ବିଧି ରହିଛି । ଅନନ୍ତ, ବାସୁକୀ, ତକ୍ଷକ, କର୍କୋଟକ, କୁଳିକ, ଶଙ୍ଖପଦ୍ମ, ମହାପଦ୍ମ ଓ ମହାନିଧି ଏହି ଅଷ୍ଟକୁଳନାଗଙ୍କୁ ଗୁଆ ବସାଇ ପୂଜା କରିବା ବିଧି । ଲାଲ ସୂତାରେ ଚଉଦଟି ଗଣ୍ଠି ପକାଇ ଏକ ବ୍ରତ ପ୍ରସ୍ତୁତ କରି ପୂଜା ପୀଠରେ ରଖାଯାଏ । ଅନନ୍ତ ସଂସାର ମନ୍ତ୍ରରେ ଆହୁତି ଦେଇ ପୂରାତନ ଡୋର ବା ବ୍ରତକୁ କଞ୍ଚାକ୍ଷୀରରେ ପକାଇ ନୂତନ ଡୋରକୁ ପୂଜା କରି ପୁରୁଷ ଦକ୍ଷିଣହସ୍ତ ବାହୁ ଓ ସ୍ତ୍ରୀ ବାମହସ୍ତ ବାହୁରେ ଧାରଣ କରିବେ । ଧାରଣ କରିବା ପୂର୍ବରୁ ଚନ୍ଦନ କୁଶଦ୍ୱାରା ଏକ ସର୍ପ ଆକୃତି ଲେଖି ତାକୁ ଧୋଇ ପାନ କରିବେ । ଏହି ଡୋରକୁ ହିଁ ଦେବତା ଜ୍ଞାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଅନନ୍ତ ବ୍ରତ ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀରେ ପାଳନ କରାଯାଏ । ଏହାକୁ ଅନନ୍ତ ଚତୁର୍ଦ୍ଦଶୀ ମଧ୍ୟ କୁହାଯାଏ । ଅନନ୍ତ ବ୍ରତ ହିଁ ସର୍ବ ପାପହର ଏବଂ ମଙ୍ଗଳପ୍ରଦ ଅଟେ । ଭୀଷ୍ମ ଯୁଧିଷ୍ଠିରଙ୍କୁ କହିଛନ୍ତି ହେ ଯୁଧିଷ୍ଠିର ! ଏହି ବ୍ରତ ସ୍ତ୍ରୀ ପୁରୁଷ ସମସ୍ତଙ୍କର ସର୍ବବିଧ କାମନା ପୂର୍ଣ୍ଣ କରେ । ଅନନ୍ତ ଦେବଙ୍କ ବ୍ରତ ନିମନ୍ତେ ଅନନ୍ତ ବ୍ରତ କଥା ପ୍ରଚଳିତ । ଭବିଷ୍ୟ ପୁରାଣରେ ଶ୍ରୋତା ଯୁଧିଷ୍ଠିରଙ୍କୁ ଭଗବାନ କୃଷ୍ଣ ଏହା ଶୁଣାଇଛନ୍ତି । ଏକଦା ଶ୍ରୀକୃଷ୍ଣ ହସ୍ତିନାପୁରକୁ ଯାଇଥିଲେ । ଧର୍ମାତ୍ମା ଯୁଧିଷ୍ଠିର ପରମେଶ୍ୱରଙ୍କୁ ଆଦର ଅଭ୍ୟର୍ଥନା ପୂର୍ବକ ପଚାରିଲେ, ଆପଣଙ୍କ ଅନେକ ବ୍ରତ ମଧ୍ୟରୁ କେଉଁ ବ୍ରତ ଶ୍ରେଷ୍ଠ ମୋତେ କୁହନ୍ତୁ । ଶ୍ରୀକୃଷ୍ଣ କହିଲେ ଅନନ୍ତବ୍ରତ ମୋର ସର୍ବଶ୍ରେଷ୍ଠ ବ୍ରତ, ଏହା ପରମ ଗୋପନୀୟ ଯାହା ସ୍ତ୍ରୀ ଓ ପୁରୁଷମାନଙ୍କୁ ଉତ୍ତମ ଗତି ପ୍ରଦାନ କରିଥାଏ । ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀରେ ଆରମ୍ଭ କରାଯାଏ । ଯୁଧିଷ୍ଠିର ପଚାରିଲେ ଅନନ୍ତ ବୋଲି କାହାକୁ କହୁଛନ୍ତି ।

ଶ୍ରୀକୃଷ୍ଣ କହିଲେ ତୁମେ ତତ୍ତ୍ୱ ଅନନ୍ତ ରୂପ ବୋଲି ମୋତେ ଜାଣ । ମୁଁ ହେଉଛି ସୂର୍ଯ୍ୟ, ମୁଁ ହେଉଛି ଚନ୍ଦ୍ର ଏବଂ ମୁଁ ହେଉଛି କାଳ । ନିମେଷ, ଦିନ, ରାତ୍ର, ପକ୍ଷ, ମାସ, ଋତୁ, ବର୍ଷ, ଯୁଗ, କଳ୍ପ ଏ ସବୁ ମୁଁ ବୋଲି ଜାଣିବ । ଭବଭରା ତାରଣାର୍ଥେ ଆମ୍ଭେ ଜନ୍ମ ନେଇଥାଉଁ । ଦାନବମାନଙ୍କର ନାଶ ଅର୍ଥେ ବସୁଦେବ କୁଳେ ମୁଁ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧରି ଜନ୍ମ ନେଇଥିଲି । ବ୍ରହ୍ମା ମୁଁ, ଆଦିତ୍ୟ ମୁଁ, ଶେଷ ଯେ ପୃଥିବୀ ଧରି ଅଛି ସବୁଠାରେ ମୁଁ ଈଶ୍ୱର ଯେ ସର୍ବବ୍ୟାପୀ । ମହାକାୟ ଯେ ବିଶ୍ୱରୂପ ସେହି ମୁଁ, ଜଗତ ପ୍ରାଣୀମାନଙ୍କର କ୍ଷୟର କାରଣ ମୁଁ । ହେ ଯୁଧିଷ୍ଠିର ! ତୋତେ ଯେ ରୂପ ଦେଖାଉଅଛୁଁ ସେ କେବଳ ପ୍ରତ୍ୟୟ ନିମିତ୍ତ ଅବତାର ଅଟଇ ।

ପରମ ଯୋଗୀମାନେ ମୋତେ ଧ୍ୟାନ କରି ପାଇ ପାରନ୍ତି ନାହିଁ । କୌଣସିଠାରେ ମୋ ରୂପ ନାହିଁ, ମୁଁ ଅରୂପ ଅଟଇ । ଚତୁର୍ଦ୍ଦଶ ମନୁ ଯେ ନିଦ୍ରାର ଅବତାର ହୋଇଲେ, ଯେ ମୁଁ ଅଷ୍ଟବସୁ ମୁଁ, ଦ୍ୱାଦଶାଦିତ୍ୟ ମୁଁ, ଏକାଦଶ ରୁଦ୍ର ମୁଁ । ସପ୍ତଋଷି ମୁଁ, ସମୁଦ୍ରମାନେ ମୁଁ, ପର୍ବତମାନେ ଯେ ସେ ମୁଁ, ଦ୍ରୁମ ଯେ ଗଛମାନେ ଏ ସବୁ ମୁଁ ବୋଲି ଜାଣିବ । ନକ୍ଷତ୍ର, ଦିଗ, ପୃଥିବୀ, ପାତାଳ ଚତୁର୍ଦ୍ଦଶ ଭୁବନ ଏ ସବୁ ମୁଁ ।

ପୂର୍ବ ଜନ୍ମାର୍ଜିତ ପ୍ରାରବ୍ଧ କର୍ମ ଭୋଗ ଦୋଷରୁ ମୁକ୍ତି ପାଇବା ପାଇଁ ଅନନ୍ତବ୍ରତ ପାଳନ ହିଁ କେବଳ ଏକମାତ୍ର ଉପାୟ । ଏହି ବ୍ରତ କଥାରେ ମନୁଷ୍ୟ ମନରେ ଭକ୍ତି ଜାତ କରାଇବା ନିମନ୍ତେ ଏବଂ ପାପଠାରୁ ଦୂରରେ ରହିବା ନିମନ୍ତେ ସତର୍କ କରାଇ ଦିଆଯାଇଛି । ପୂର୍ନଜନ୍ମବାଦ, ପ୍ରାରବ୍ଧକର୍ମ, ଈଶ୍ୱର ଭକ୍ତି ଯୋଗୁଁ ମାନବର ଉନ୍ନତି ସଂପର୍କରେ ସୂଚନା ଦିଆଯାଇଛି । ପ୍ରାରବ୍ଧର ପ୍ରାୟଶ୍ଚିତ, ଦୁଷ୍କୃତିରୁ ରକ୍ଷା, ଇହକାଳ ଓ ପରକାଳର ସୁଫଳ ଲାଭ ଏଥିରେ ନିହିତ ଅଛି । ଗର୍ବ, କ୍ରୋଧ, ପ୍ରତିଜ୍ଞାଭଙ୍ଗ, ପ୍ରତାରଣା, ଜୀବହତ୍ୟା ଓ ମିଥ୍ୟାଠାରୁ ଦୂରେଇ ରହିବାଦ୍ୱାରା ମାନବଠାରେ ଦେବତ୍ୱର ସମ୍ଭବ ହୋଇପାରିବ ।

**ସଂପାଦକ, ସାରଳା ଦାସ ସ୍ମୃତି ସଂସଦ,**
**ଭୁବନେଶ୍ୱର**
**ମୋ–୯୪୩୮୫୫୫୭୭୦**

# ମୃତ୍ୟୁ ଏକ ଚିରନ୍ତନ ସତ୍ୟ

ଡ. ସନ୍ତୋଷ କୁମାର ପଣ୍ଡା

ଜୀବନ ଓ ମୃତ୍ୟୁକୁ ନେଇ ଆମେ ବହୁତ କଥା କହିଥାଉ ଯେପରିକି– ଜନ୍ମ ହୋଇଛ ମାନେ ଦିନେ ନା ଦିନେ ମରିବ । ଜୀବନ ଅଢ଼େଇ ଦିନର । ଜନ୍ମ ଓ ମୃତ୍ୟୁ ଧ୍ରୁବ ସତ୍ୟ । ମୃତ୍ୟୁ ଏକ ଚିରନ୍ତନ ସତ୍ୟ ବା ମୃତ୍ୟୁ ଏକ ଭୟଙ୍କର ସତ୍ୟ ଓ ଜୀବନ ଏକ ମଧୁର ମିଥ୍ୟା ଇତ୍ୟାଦି ଇତ୍ୟାଦି । ପୁଣି ଆମେ ଶ୍ରୀମଦ୍ ଭଗବତ ଗୀତାର ବାଣୀକୁ ଉଦ୍ଧାର କରି କହିଥାନ୍ତି–'ଆତ୍ମା ଅମର, ଅଜର' । ନା ସିଏ ପାଣିରେ ନାଶ ଯିବ, ନା ନିଆଁରେ ପୋଡିବ ନା ମାଟିରେ ମିଶିବ । ତେବେ ସତ୍ୟ କ'ଣ? ମୃତ୍ୟୁ କାହାର ହୁଏ, ଶରୀରର । ଜୀବନ ଓ ମୃତ୍ୟୁ କାହା ସହ ସମ୍ପୃକ୍ତ, ଶରୀର ସହ । ଅର୍ଥାତ୍ ଆତ୍ମା ଶରୀର ତ୍ୟାଗ କରି ନୂତନ ଶରୀର ଧାରଣ କରେ ବା ବ୍ରହ୍ମ ବିଲୀନ ହୁଏ । ଶରୀର କ୍ଷଣସ୍ଥାୟୀ । ଥରେ ଭାବନ୍ତୁ ତ ମୃତ୍ୟୁ ଆମକୁ ଖୁସି ଦିଏ ନା ଜୀବନ ଖୁସି ଦିଏ ? ଉତ୍ତର ନିଶ୍ଚିତ ଜୀବନ । ଅର୍ଥାତ ମୃତ୍ୟୁ ଦୁଃଖ ଦିଏ ଓ ଏହା ନକାରାତ୍ମକ ଉର୍ଜା ଏବଂ ଜୀବନ ଖୁସି ଦିଏ ଓ ଏହା ସକାରାତ୍ମକ ଉର୍ଜା । ତେବେ ସବୁବେଳେ ଆମେ ମୃତ୍ୟୁ କଥା ଭାବି ଭୟଭୀତ କାହିଁକି ହୁଅନ୍ତି ! ଜୀବନ ବି ଈଶ୍ୱରଙ୍କ କୃପାରୁ ମଧୁମୟ ଅଟେ । ଗୋଟିଏ ଜନ୍ମର କ୍ରିୟମାଣ ଅନ୍ୟ ଜନ୍ମର ପ୍ରାରବ୍ଧ । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାଷାରେ ମୃତ୍ୟୁ ଆତ୍ମର ଶେଷ ସୀମା ନୁହେଁ । ସତ୍ୟବାନଙ୍କ ଭଳି ମଣିଷ ମଧ୍ୟ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିବ ।

ଚାଲନ୍ତୁ ସାବିତ୍ରୀଙ୍କ ଭଳି ନିଜ ସାଧନା ବଳରେ ତାହା ହାସଲ କରିବା । ଶ୍ରୀଅରବିନ୍ଦଙ୍କ ସାଧନା ଫଳରେ ଅତିମାନସ ଶକ୍ତି ଧରାପୃଷ୍ଠରେ ଅବତରଣ କରିସାରିଛନ୍ତି ଓ ତାଙ୍କର କ୍ରିୟା ଆରମ୍ଭ କରିଛନ୍ତି । ଆମେ ସମସ୍ତେ ଅମୃତର ସନ୍ତାନ । ହେ ଦିବ୍ୟାତ୍ମାଗଣ, ଆସନ୍ତୁ ମୃତ୍ୟୁର ଭୟ ତ୍ୟାଗ କରି ଦିବ୍ୟଜୀବନ ଦିଗରେ ଅଗ୍ରସର ହେବା ।

**କଟକ,**
**ମୋ–୮୨୪୯୦୨୧୪୨୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପିଲାଙ୍କ...

ପାଇଁ ସବୁଠାରୁ ବଡ ଦୁଇଗୋଟି ଆହ୍ୱାନ ରହିଛି । ପ୍ରଥମଟି ହେଲା ଡ୍ରପଆଉଟ୍ ହାରକୁ ଆଶାତୀତ ଭାବେ ହ୍ରାସ କରିବା ଏବଂ ଦ୍ୱିତୀୟଟି ହେଉଛି ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ବ୍ୟବସ୍ଥା । ଡ୍ରପ ଆଉଟ୍ ହାରକୁ ରୋକିବା ପାଇଁ ମିଡ୍ ଡେ ମିଲ ବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏକ ସଫଳ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି । ବର୍ତ୍ତମାନ ଆମେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛୁ ଏବଂ ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ମଧ୍ୟ ବ୍ୟବସ୍ଥା କରିଛୁ । ଜନଜାତି ବର୍ଗର ପିଲାମାନଙ୍କୁ ମଧ୍ୟ ମଧୋ ସିଂ ହାତଖର୍ଚ୍ଚ ଯୋଜନା ଜରିଆରେ ସହାୟତା ପ୍ରଦାନ କରାଯାଉଛି । ଏହି ସବୁ ଯୋଜନା ଆଗାମୀ ଦିନରେ ଡ୍ରପଆଉଟ୍ ହାର କମ୍ କରିବାରେ ନିଶ୍ଚିତ ରୂପେ ସଫଳ ହେବ । ସେହିଭଳି ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ନୂତନ ଶିକ୍ଷାନୀତି ଲାଗୁ କରାଯାଇଛି ।

ନୂତନ ଶିକ୍ଷା ନୀତି ଅଧୀନରେ ଛାତ୍ରଛାତ୍ରୀମାନଙ୍କୁ ସୃଜନଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ୍ କରିକୁଲମ ଫ୍ରେମୱାର୍କ ଆରମ୍ଭ କରାଯାଉଛି । ପିଲାମାନଙ୍କ ପାଇଁ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟ ମାଧ୍ୟମରେ ଭାଷା ସମ୍ପର୍କିତ ଦକ୍ଷତା ବୃଦ୍ଧି ପାଇଁ ନିପୁଣ ଓଡିଶା କାର୍ଯ୍ୟକ୍ରମ ଗତବର୍ଷଠାରୁ ଆରମ୍ଭ ହୋଇଛି । ଆଜିଠାରୁ ପଢିବା, ଗଢିବା ଓଡିଶା କାର୍ଯ୍ୟକ୍ରମ ଆରମ୍ଭ ହେଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗୁଡିକୁ ସୁନ୍ଦର ଓ ଆକର୍ଷଣୀୟ ପଠନ ସ୍ଥାନରେ ପରିଣତ କରି ସରଳ କାହାଣୀ ପୁସ୍ତକ ମାଧ୍ୟମରେ ପିଲାମାନଙ୍କର ପଢିବା ଓ ବୁଝିବା ଶକ୍ତିକୁ ବିକଶିତ କରାଯିବ ।

ସେ କହିଥିଲେ, ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି । ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବ । ପ୍ରଥମ ପର୍ଯ୍ୟାୟରେ ୫ରୁ ୭ କୋଟି ଟଙ୍କା ଖର୍ଚ୍ଚରେ ୮୩୫ଟି ବିଦ୍ୟାଳୟ ନିର୍ମାଣ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏଥି ସହିତ ତିନି ବର୍ଷ ମଧ୍ୟରେ ପ୍ରାଥମିକ ସ୍ତରରେ ୪୫ ହଜାର ଶିକ୍ଷକ ପଦବୀ ମଧ୍ୟ ପୂରଣ କରାଯିବ । ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି । ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ପ୍ରତିଭା ଉପରେ ଆମ ସମୃଦ୍ଧ ଓଡିଶାର ଭିତ୍ତି ନିର୍ଭରଶୀଳ । ପିଲାମାନଙ୍କୁ କିପରି ଗାଇଡ୍ କରି ଭଲ ମଣିଷ କରିବେ ତାହା ଆପଣ ମାନେ ଭଲଭାବେ ଜାଣନ୍ତି । ସେ ସବୁ ପ୍ରତିଭାକୁ ବିକଶିତ କରିବାର ଦାୟିତ୍ୱକୁ ଆପଣମାନେ ସୁଚାରୁରୂପେ ତୁଲାଇବେ ବୋଲି ମୋର ବିଶ୍ୱାସ ।

ଆଜି ମୁଖ୍ୟମନ୍ତ୍ରୀ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରି ପ୍ରଥମ ସ୍ଥାନରେ ଥିବା ଝାରସୁଗୁଡା ଜିଲ୍ଲାକୁ ୩ କୋଟି ଟଙ୍କା, ଦ୍ୱିତୀୟ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲାକୁ ୨ କୋଟି ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଜଗତସିଂହପୁର ଜିଲ୍ଲାକୁ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି । ସେହିଭଳି ୭୦ ଜଣ ଶିକ୍ଷକଙ୍କ ସମେତ ତିନୋଟି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ତିନି ଜଣ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ୧୦ ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରିଛନ୍ତି । ଏଥିସହିତ ନିଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଅନୁସୂଚିତ ଜନଜାତି ବର୍ଗର ଦୁଇ ଜଣ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଧାର ସ୍କୁଲ ଶିକ୍ଷା ୨୦୨୫ ଲାଗି ଓଡ଼ିଶା ପାଠ୍ୟକ୍ରମ ଫ୍ରେମ୍ୱାର୍କ ପୁସ୍ତକ, ନିପୁଣ ଓଡିଶା ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରିବା ସହିତ ପଢିବା, ଗଢିବା ଓଡିଶା ଅଭିଯାନର ଶୁଭାରମ୍ଭ କରିଥିଲେ ।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଥିଲେ ଆମ ସମାଜରେ ଗୁରୁ ଶିଷ୍ୟର ପରମ୍ପରା ଆଦିମ କାଳରୁ ରହିଆସିଛି । ଶିକ୍ଷକ ମାନେ ବିଦ୍ୟାର୍ଥୀ ମାନଙ୍କୁ ବ୍ୟକ୍ତିତ୍ୱ ନିର୍ମାଣ, ଶୃଙ୍ଖଳା, ଆଦର୍ଶ ସମାଜ ନିର୍ମାଣ ଆଦି ବିଷୟରେ ଶିକ୍ଷା ଦେଇ ସେମାନଙ୍କୁ ଗଢି ତୋଳିଥାନ୍ତି । ରାଜ୍ୟରେ ସର୍ବୋତ୍ତମ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଆମ ସରକାର ପ୍ରଚେଷ୍ଟା କରୁଛନ୍ତି । ଜୀବନ କୌଶଳ, AI, ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ଦକ୍ଷତା ବିକାଶ କରାଯାଉଛି ଯାହାଫଳରେ ଆଗାମୀ ଦିନରେ ଛାତ୍ରଛାତ୍ରୀ ମାନେ ପାଠପଢ଼ା ଶେଷ କରିବା ପରେ ଆତ୍ମନିର୍ଭର ହୋଇପାରିବେ । ରାଜ୍ୟରେ ଡ୍ରପ ଆଉଟ୍ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ଚାଇଲ୍ଡ ଟ୍ରାକିଂ ସର୍ଭେ ମାଧ୍ୟମରେ ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରେଇ ଆଣିବା ପାଇଁ ଉଦ୍ୟମ କରାଯାଉଛି ଯାହା ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛି । ଶିକ୍ଷା ବିଭାଗର ବଜେଟ୍‌ରେ ସର୍ବାଧିକ ୩୧ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ସତର୍କ...

ସୁବର୍ଣ୍ଣରେଖାର ଜଳସ୍ତର ୬.୬୦ ମିଟର ରହିଥିଲା । ରାଜଘାଟ ପୋଲ ନିକଟରେ ପ୍ରତି ସେକେଣ୍ଡରେ ୮୧୮.୬୭ କ୍ୟୁମେକ ପାଣି ନିଷ୍କାସିତ ହେଉଛି । ସେହିପରି ଜାମଶୋଲାଘାଟଠାରେ ଅପରାହ୍ନ ୩ଟାରେ ଜଳସ୍ତର ୪୫.୯୨୦ ମିଟର ରହିଥିଲା । ଏଠାରେ ପ୍ରତି ସେକେଣ୍ଡରେ ୭୪୪.୧୩ କ୍ୟୁସେକ ଓ ଫେକଘାଟରେ ୭୬.୦ କ୍ୟୁସେକ ପାଣି ନଦୀକୁ ନିଷ୍କାସିତ ହେଉଛି ।ଅନ୍ୟପକ୍ଷରେ, ବୁ୍ଢାବଳଙ୍ଗ ନଦୀରେ ସତର୍କ ସଙ୍କେତ ୭.୨୧ ମିଟର ଥିବାବେଳେ ସନ୍ଧ୍ୟା ସୁଦ୍ଧା ୭.୩୪ ମିଟରରେ ଜଳ ପ୍ରବାହିତ ହେଉଛି । ସେହିପରି, ଜଳକାରେ ସତର୍କ ସଙ୍କେତ ୬.୦୦ ମିଟର ଥିବାବେଳେ ଏଠାରେ ୬.୪୮ ମିଟରରେ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି । ଜାମଶୋଲାଘାଟରେ ସତର୍କ ସଙ୍କେତ ୪୮.୩୨୯ ମିଟର ଥିବା ବେଳେ ୪୫.୯୨୦ ମିଟରରେ ଜଳ ପ୍ରବାହିତ ହେଉଛି ।ଅନ୍ୟପକ୍ଷରେ, ଲଗାଣବର୍ଷା ଜନିତ ପରିସ୍ଥିତିକୁ ନଜରରେ ରଖି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏକ ସମୀକ୍ଷା ବୈଠକ ହୋଇଥିଲା । ଏଥିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ଜରୁରିକାଳୀନ ଅଧିକାରୀ, ସମସ୍ତ ତହସିଲଦାର, ବିଡିଓ, ଲାଇନ ବିଭାଗର ଅଧିକାରୀମାନେ ଯୋ ହୋଇଥିଲେ । ସମସ୍ତ ଅଧିକାରୀମାନଙ୍କୁ ମୁଖ୍ୟାଳୟରେ ଉପସ୍ଥିତ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଜଳ ନିଷ୍କାସନରେ ବାଧକ ସାଜୁଥିବା ଅବରୋଧକୁ ହଟାଇବା, ପ୍ରଭାବିତ ଅଞ୍ଚଳରେ ପଲିଥିନ ତୁରନ୍ତ ପ୍ରଦାନ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାଲେଶ୍ୱର ଓ ରେମୁଣା ସହର ଅଞ୍ଚଳରେ ପାଣି ଜମୁଥିବାରୁ ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଭାରତ...

ହୋଇଥିବା ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗାଇଛନ୍ତି । ରୁଷରୁ ଶସ୍ତା ତେଲେ ଭାରତ କିଣୁଥିବାରୁ ସେ ଏଭଳି ପଦକ୍ଷେପ ନେଇଥିଲେ । ଟ୍ରମ୍ପ ବାରମ୍ବାର ଦାବି କରୁଛନ୍ତି ଯେ ଭାରତ ଆମେରିକା ସହ ବାଣିଜ୍ୟ ସମ୍ପର୍କ ରଖି ଲାଭବାନ ହେଉଛି । ମାତ୍ର ଆମେରିକାରୁ ଭାରତ ଯାଉଥିବା ସାମଗ୍ରୀ ଉପରେ ଅଧିକ ଟିକସ ଲାଗୁଛି । ଭାରତରେ ତେଲ ଓ ଅସ୍ତ୍ରଶସ୍ତ୍ର କିଣିବ । ରୁଷରୁ ସାମଗ୍ରୀ କିଣି ୟୁକ୍ରେନ ସହ ଯୁଦ୍ଧ କରିବାକୁ ଆର୍ଥିକ ସହଯୋଗ କରୁଚି ବୋଲି ଟ୍ରମ୍ପ ଅଭିଯୋଗ କରୁଛନ୍ତି ।

## ବିଦ୍ୟାଳୟ...

ଡାକ୍ତରଖାନାରେ ପହଂଚି ଥିଲେ । ତିନି ଛାତ୍ରୀଙ୍କୁ ଡାକ୍ତର ମନୋଜ କୁମାର ମିଶ୍ର ଓ ଡାକ୍ତର ନିବେଦିତା ପାତ୍ର ଚିକିତ୍ସା କରିବା ପରେ ଅବଜରଭେସନରେ କିଛି ସମୟ ରଖିଥିଲେ । ମୁଣ୍ଡରେ ଆଘାତ ଲାଗି ଥିବାରୁ ଆବଶ୍ୟକସ୍ଥଳେ ମୁଣ୍ଡ ସ୍କାନ୍ କରାଯାଇ ପାରେ ବୋଲି ଡାକ୍ତର କହିଥିଲେ । ପରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡି ଦିଆଯାଇଥିଲା । ମୁଣ୍ଡରେ ଆଘାତ ଲାଗିଥିଲେ ମଧ୍ୟ ତିନି ଜଣ ଛାତ୍ରୀ ସୁସ୍ଥ ଅଛନ୍ତି ।

## ଓସିପିଏଲ୍‌କୁ...

ମାନଦଣ୍ଡ ସ୍ଥାପନ କରି, ସମସ୍ତଙ୍କ ଠାରୁ ପ୍ରଶଂସା ପାଇଆସୁଛି । ସମ୍ପ୍ରତି, ଓସିପିଏଲ୍ ତାହାର ପ୍ରଥମ ବାଣିଜ୍ୟିକ କୋଇଲା ବ୍ଲକ୍ – ତାଙ୍ଗିରିଡିହି ଉତ୍ତର – ସଫଳତାର ସହ ହାସଲ କରିଛି । ଏହି ଐତିହାସିକ ମାନ୍ୟତା, କମ୍ପାନୀର ସମ୍ପଦ ଆଧାରକୁ ସୁଦୃଢ କରିବା ସହିତ ଦେଶର ଶକ୍ତି ସୁରକ୍ଷାରେ ଓଡ଼ିଶାର ଅବଦାନକୁ ଆହୁରି ମଜବୁତ କରିବ ।

ଆଗାମୀଦିନରେ, ଓସିପିଏଲ୍ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏକ ସୁଦୃଢ଼ ଏବଂ ଆଦର୍ଶ କମ୍ପାନୀ ଭାବେ ନିଜ ପରିଚୟକୁ ବଜାୟ ରଖିବା ପାଇଁ ସଂକଳ୍ପବଦ୍ଧ । ଓସିପିଏଲ୍ ନିଜର ସାମାଜିକ ଦାୟିତ୍ୱବୋଧ କାମ ପାଇଁ ସୁନ୍ଦରଗଡ ଜିଲ୍ଲାରେ ଉଚ୍ଚ ପ୍ରସଂଶିତ ହୋଇଆସୁଅଛି । କମ୍ପାନୀ ସ୍ଥାପନ କରିଥିବା ପୁନର୍ବାସ ଏବଂ ପୁନଃସ୍ଥାପନ କଲୋନୀ ସମଗ୍ର ଭାରତ ବର୍ଷରେ ଏକ ମାନଦଣ୍ଡ ସ୍ୱରୂପ ପରିଗଣିତ ହେଉଅଛି । ଏହି ଉତ୍ସବ ରେ ଭାରତ ସରକାରଙ୍କର ଖଣିମନ୍ତ୍ରଣାଳୟ ସଚିବ ଏବଂ କୋଇଲା ମନ୍ତ୍ରଣାଳୟର ସମସ୍ତ ଉଚ୍ଚପଦାଧିକାରୀ, କୋଲ୍ ଇଣ୍ଡିଆ, ଏନ୍ ଟି ପି ସି ଏବଂ ଦେଶର ପ୍ରମୁଖ କମ୍ପାନୀର ଉଚ୍ଚପଦାଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ପଞ୍ଚ ତାରକା ପୁରସ୍କାର ଓସିପିଏଲ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଖଣି ମୁଖ୍ୟ ପରିଚାଳକ ଏବଂ ଖଣି ବିଭାଗର ଇଞ୍ଜିନିଅର୍ ଭାରତ ସରକାରଙ୍କର ଖଣି ମନ୍ତ୍ରୀ ଜି. କିଷାନ୍ ରେଡ୍ଡୀ ଏବଂ ଭାରତ ସରକାରଙ୍କ କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ସତୀଶ ଚନ୍ଦ୍ର ଦୁବେ ଙ୍କ ଠାରୁ ଗ୍ରହଣ କରିଥିଲେ ।

ଓସିପିଏଲ୍ ର ନିର୍ଦ୍ଦେଶକ ଏବଂ ମୁଖ୍ୟ ପରିଚାଳକ ଗଗନ ବିହାରୀ ସ୍ୱାଇଁଙ୍କର ଦୃଢ ନେତୃତ୍ୱରେ ଓସିପିଏଲ୍ ଅନେକ ସଫଳତା ହାସଲ କରିଚାଲିଛି ଓସିପିଏଲ୍ ପରିବେଶ ସୁରକ୍ଷା, ସାମାଜିକ ଦାୟିତ୍ୱବୋଧତା ଏବଂ ମନୋହରପୁର ଅଞ୍ଚଳବାସୀଙ୍କ ପାଇଁ କରିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ସବୁ ମହଲରେ ଉଚ୍ଚପ୍ରଶଂସା କରାଯାଉଛି ।

## ମୁମ୍ବାଇକୁ...

ହଜାର ପୋଲିସକୁ ମୁତୟନ କରାଯାଇଛି । ଅନନ୍ତ ଚତୁର୍ଦ୍ଦଶୀରେ ଶ୍ରୀ ଗଣେଶଙ୍କ ବିସର୍ଜନ ହେବ । ପ୍ରଥମଥର ଲାଗି ପୋଲିସ୍ ପକ୍ଷରୁ ରାସ୍ତା ପରିଚାଳନା ଲାଗି ଏଆଇକୁ ବ୍ୟବହାର କରାଯାଇଛି । ପ୍ରାୟ ୧୨ ଅତିରିକ୍ତ କମିଶନର, ୪୦ ଡେପୁଟୀ କମିଶନର, ୬୧ ସହକାରୀ କମିଶନର, ୩୦୦୦ ଅଫିସର ଓ ୧୮ ହଜାର ପୋଲସକୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି । ଗତ କିଛି ଦିନ ହେବ ମୁମ୍ବାଇ ଓ ଥାନେରେ ଏଭଳି ମିଛ ଧମକପୂର୍ଣ୍ଣ ମେସେଜ ଆସିବାରେ ଲାଗିଛି । ଏକ ସପ୍ତାହ ପୂର୍ବରୁ ଥାନେ ରେଳ ଷ୍ଟେସନରେ ବୋମା ଥିବା ନେଇ ଧମକପୂର୍ଣ୍ଣ ମେସେଜ ଆସିଥିଲା । ଏଥିରେ ଜଣେ ୪୩ ବର୍ଷର ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା । ଅଭିଯୁକ୍ତ ରୁପେଶ ମଧୁକାର ପୋଲିସ୍ ହେଲ୍ପ ଲାଇନକୁ ସେପ୍ଟେମ୍ବର ପହିଲାରେ ଫୋନ କରି କଲୱା ରେଳ ଷ୍ଟେସନରେ ବୋମା ଥିବା ନେଇ ଧମକ ଦେଇଥିଲେ । ପୋଲିସ ସର୍ଚ୍ଚ ଅପରେସନ୍ ଆରମ୍ଭ କରି ତାଙ୍କୁ ଧରିବା ପରେ ଜଣାପଡିଥିଲା ଯେ, ସେ ମଦ୍ୟପାନ କରି ଏଭଳି କରିଥିଲେ । ଜୁଲାଇର ଶେଷ ସପ୍ତାହରେ ପୋଲିସକୁ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବୋମା ଖଞ୍ଜା ଯିବା ନେଇ ଧମକପୂର୍ଣ୍ଣ ମେସେଜ ଆସିଥିଲା । ୩ଟି ଭିନ୍ନ ଭିନ୍ନ ନମ୍ବରରୁ ଫୋନ କରାଯାଇଥିଲା । ଘଣ୍ଟା ଘଣ୍ଟାର ଅପରେସନ୍ ପରେ ସେ ଭଳି କିଛି ନଥିବା ପୋଲିସ ଜାଣିବାକୁ ପାଇଥିଲା ।

# ବିଭିନ୍ନ ବିଦ୍ୟାଳୟରେ ଗୁରୁଦିବସ ପାଳିତ



କେନ୍ଦୁଝର, (ସବ୍ୟ): କେନ୍ଦୁଝରର ବିଭିନ୍ନ ବିଦ୍ୟାଳୟମାନଙ୍କରେ ଗୁରୁ ଦିବସ ଓ ଗୁରୁ ସମ୍ବର୍ଦ୍ଧନା ପାଳନ କରାଯାଇଛି । ସରସତୀ ଶିଶୁ ବିଦ୍ୟା ମନ୍ଦିର ଓ ସରସତୀ ବିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ, ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ସନ୍ତୋଷୀ ନନ୍ଦ, ବରିଷ୍ଠ ଆଚାର୍ଯ୍ୟ ଦୟାନିଧି ମହାନ୍ତ, ଦେବାଶିଷ ସାମଲ, ଲମ୍ବୋଦର ମହାନ୍ତ, ଜଗନ୍ନାଥ ମହାନ୍ତ, ବିଜୟିନୀ ଦେବୀ, ମଞ୍ଜୁଶ୍ରୀ ରାଉତ ପ୍ରମୁଖ ବିଦ୍ୟାଳୟରେ ସ୍ଥାପିତ ମହାପୁରୁଷଙ୍କ ମୂର୍ତ୍ତିଗୁଡିକରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବିଦ୍ୟାଳୟର ଗୁରୁଜୀଗୁରୁମା ଏବଂ ଅଧ୍ୟାପକଅଧ୍ୟାପିକା ମାନଙ୍କୁ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ । ସେହିପରି ସ୍ଥାନୀୟ କଲେଜରୋଡ଼ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ବଣିଆପାଟରେ ଗୁରୁପୂଜନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ଅନିଲ କୁମାର ଦାସଙ୍କ ସଭାପତିରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ସଂପାଦକ ଭାଗୀରଥି ଗିରି ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ । ପ୍ରଥମେ ଶିଶୁ ବିଦ୍ୟାମନ୍ଦିରର ଶିଶୁ ଭାଇ ଭଉଣୀ ଗୁରୁଜୀ ଗୁରୁମା ମାନଙ୍କୁ ପୂଜନ କରି ପରେ ପରେ ବିଦ୍ୟାମନ୍ଦିର ଶିଶୁ ଭାଇଭଉଣୀ ଏବଂ ଗୁରୁଜୀ ଗୁରୁମା ମାନଙ୍କୁ ନେଇ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ତଥା ଜିଲ୍ଲା ଲେଖିକା ସଂସଦର ସଭାପତି ମମତା ରାଣୀ ଦାସ ଏବଂ କେନ୍ଦୁଝର ଜିଲ୍ଲାର ସୁନାମ ଧନ୍ୟ ନାଟ୍ୟକାର , ଲେଖକ ଓ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତଙ୍କୁ ଉପଢୌକନ ଦେଇ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ପରିଚାଳନା ସମିତିର ଉପସଭାପତି ହୃଦାନନ୍ଦ ପ୍ରଧାନ ଉପସ୍ଥିତ ଥିବାବେଳେ ସଦସ୍ୟା ମନ୍ଦାକିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଏଥିରେ ଅଂଶଗ୍ରହଣ କରି ସହଯୋଗ କରିଥିଲେ ।

## ଓଡ଼ିଶାର...

ଅଭିଯାନର ନେତୃତ୍ୱ ନେଇ ନିଜ ବିଦ୍ୟାଳୟରେ ଶ୍ରୀଅର୍ଣ୍ଣ ଜାତୀୟ ଖାଦ୍ୟ ପରସିବାରେ ଅଗ୍ରଣୀ ହେଉଛନ୍ତି । ବହୁମୁଖୀ ଅଭ୍ୟାସ ଗୁଡିକ ଶିକ୍ଷା ପାଇଁ ଏକ ଶକ୍ତିଶାଳୀ ଦୃଷ୍ଟିକୋଣର ଏହା ଉଦାହରଣ ଦେଉଛି । ସେଭଳି ଶ୍ରୀ ରଣା ବିଦ୍ୟାଳୟ ଓ ସମାଜ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଚତୁରତାର ସହ ସୃଜନଶୀଳ ଓ କମ୍ ଖର୍ଚ୍ଚର ପ୍ରଦ୍ଧତି ବ୍ୟବହାର କରିଛନ୍ତି । ସଚେତନତା ଶୋଭାଯାତ୍ରା ପ୍ରଥପ୍ରାନ୍ତ ସଭା କଣ୍ଢେଇ ନାଚ ଏବଂ ମାସିକ ଭ୍ରାମ୍ୟମାଣ ଗୋଷ୍ଠୀ ଓ ପାଠାଗାର ମାଧ୍ୟମରେ ବିଦ୍ୟାଳୟ ଏବଂ ସମାଜ ମଧ୍ୟରେ ରହିଥିବା ସମ୍ପର୍କକୁ ସୁଦୃଢ଼ କରିଛନ୍ତି । କଥାକୁହା କାନ୍ଥ ଏବଂ ପଥର ବର୍ଣ୍ଣମାଳା ସଂଖ୍ୟା ବଗିଚା ଭଳି ଉଦ୍ୟମ ଜରିଆରେ ସେ ବିଦ୍ୟାଳୟ ପରିସରକୁ ସମ୍ପୃକ୍ତି ଆଧାରିତ ଶିକ୍ଷାୟତନ କେନ୍ଦ୍ରରେ ପରିଣତ କରିଛନ୍ତି ।

## ହୀରାକୁଦର...

ଯାଉଛି। ଉପମୁଣ୍ଡରେ ୧୧.୧୮ ମିମି ଓ ତଳ ମୁଣ୍ଡରେ ୬.୮୦ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଡ୍ୟାମରୁ ଜଳ ନିଷ୍କାସିତ ହେଉଥିବା ବେଳେ ମହାନଦୀର ବେଲଗାଁରେ ୧୪ହଜାର, ପର୍ଥଲାରେ ୩୭ହଜାର୩୬, ଖଇରମାଲରେ ୪ଲକ୍ଷ୧୮ ହଜାର, ବାରମୂଳରେ ୩ଲକ୍ଷ୧୧ହଜାର ଓ ମୁଣ୍ଡୁଳିରେ ୧ଲକ୍ଷ ୯୬ହଜାର ୨୬କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ତେବେ ଜଳ ପ୍ରବାହକୁ ଦୃଷ୍ଟିରେ ରଖି ଅଧିକ ଗେଟ୍ ଖୋଲା ଯିବ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ମହାନଦୀରେ ଲକ୍ଷାଧିକ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ତଳମୁଣ୍ଡରେ ବନ୍ୟା ପରିସ୍ଥିତି ଆଶଙ୍କା ରହିଛି ।

## ୧୩ରୁ...

ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଆଦି ଜିଲ୍ଲାରେ ସ୍ଥାନେ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଏହାସହ ପବନର ବେଗ ଘଣ୍ଟାପ୍ରତି ୩୦-୪୦ କିମି ରହିପାରେ ।

T- 76
ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ୦୮.୦୯.୨୦୨୫ ସୋମବାର ଦିନ ୟୁନିଟ ୨, ଅଶୋକନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣୀ ଅନିବାର୍ଯ୍ୟ କାରଣ ବଶତଃ ସ୍ଥଗିତ ରହିବ ।

ଏହି ଅଭିଯୋଗ ଶୁଣାଣୀ ପାଇଁ online ପଞ୍ଜିକରଣ କରିଥିବା ଜନସାଧାରଣଙ୍କ ଆପରି ଅଭିଯୋଗ ପରବର୍ତ୍ତୀ ଜନଶୁଣାଣୀ ଶିବିରରେ ଗ୍ରହଣ କରାଯିବ ।

ପରବର୍ତ୍ତୀ ଜନଶୁଣାଣୀର ସମୟ ଓ ତାରିଖ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR : 09014/11/0188/2526

Tel/Fax-06852-250740
e-mail-eephkrp@gmail.com
sekoraput@gmail.com
OFFICE OF THE SUPERINTENDING ENGINEER
P.H. DIVISION KORAPUT
GOVERNMENT OF ODISHA
C-991
"e" procurement Notice
e-procurement Notice for 2025-26
Bid Identification No.SE,P.H.KPT-2 of 2025-26 Dt.30.08.2025

| | | |
|---|---|---|
| 1. | No. of the work | 2 nos |
| 2. | Estimated Cost | From Rs.67.00 lakh to Rs.87.00 lakh (Approx.) |
| 3. | Period of completion | From 3 months to 6 months |
| 4. | Date & time of availability of bid document in the portal | From 11.00 A.M. of 08.09.2025 to 05.00 P.M. of 22.09.2025 |
| 5. | Last date / time of receipt of bids in the portal | 05.00 P.M. of 22.09.2025 |
| 6. | Date & time of opening of bids | 11.00 A.M. of 23.09.2025 |
| 7. | Name and address of the Officer Inviting Bid | Superintending Engineer, P.H. Division, Koraput |

Further details can be seen from the e-Procurement portal "https://www.tendersodisha.gov.in'

Sd/- (Er. Chiranjibi Mahali)
Superintending Engineer,
P.H. Division, Koraput
OIPR : 13008/11/0012/2526

A-576
Phone No.(0663)-2412791
E-mail: eemisbp@yahoo.co.in
GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, SAMBALPUR.
'e' Procurement Notice
Bid Reference No. SE MID SBP 05 /2025-26
eemisbp@yahoo.co.in
No. 2828// MID // date. 01.09.2025

| | | |
|---|---|---|
| 1 | Name of the works | Civil construction works. |
| 2 | No of Works | 12 (Twelve) Nos. |
| 3 | Estimated cost | Varies approximately from Rs.50.79 lakh to Rs.75.62 lakh. |
| 4 | Tender paper cost | Referred to DTCN |
| 5 | Period of completion | Referred to DTCN |
| 6 | Date and Time of availability of bid documents in the portal | From dt. 10.09.2025 at 11.00 AM to dt.24.09.2025 up to 5.30 PM. |
| 7 | Last date / time of receipt of bids in the portal | Dt. 24.09.2025 up to 5.30 PM |
| 8 | Date of opening of Technical Bid (Cover-I) | Dt.25.09.2025 at 11.00 AM onwards |
| 9. | Name and address of the OIT | Superintending Engineer, Minor Irrigation Division, Sambalpur. |
| 10 | ** Further details can be seen from the e-Procurement market place http://tendersodisha.gov.in | |

Sd/- Superintending Engineer
M.I.Division, Sambalpur
OIPR : 32036/11/0026/2526

GOVERNMENT OF ODISHA
OFFICE OF THE EXECUTIVE ENGINEER
A-586
Tel Irrigation Division, Sonepur
E-mail: eeteldivn2022@gmail.com
E-procurement Notice No - EE, TID, SNP - 07/2025-26

The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **single cover** system to be received in online mode only for the works as detailed below.

| | | |
|---|---|---|
| 1 | Name/Nature of the work | Flood Protection Embankment Works. |
| 2 | No of Works | 02 Nos |
| 3 | Class of Contractor | As mentioned in Col. No. 4 of NIT |
| 4 | Bid Identification No. | EE, TID, SNP -07/2025-26 |
| 5 | Estimated Cost | From Rs. 27.74 lakhs to Rs 49.20 Lakhs |
| 6 | Period of Completion | As per mentioned in Col No. 7 of NIT |
| 7 | Date & time of availability of bid documents in the Portal. | From 08.09.2025 (10.00 AM) to 19.09.2025 ( 05.30 PM) |
| 8 | Last date/time for receipt of bids in the Portal | In portal -19.09.2025 from 10.00 A.M up to 05.30 P.M. |
| 9 | Date of Opening of Bid | On Date 20.09.2025 (11.00 AM onwards in the Office of the undersigned) |
| 10 | Name of the Officer inviting Bid | Executive Engineer, Tel Irrigation Division, Sonepur (Dist.-Subarnapur) |

Further details can be seen from the e-Procurement portal https://tendersodisha.gov.in.

Sd/- Executive Engineer
Tel Irrigation Division, Sonepur
OIPR : 32362/11/0008/2526

**AFFIDAVIT**
I, **Pracheepriya Sahu**, aged about 28 years, D/o: Sanyasi Sahu, resident of HIG-85, K-5, Kalinga Vihar, Patrapada, P.S.: Khandagiri, Bhubaneswar-751019, Dist.: Khurda, Odisha declare by this affidavit No.: 37571, dtd. 16.08.2025 that now onwards I shall be known as **Prachee Priya** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Hindol, dated. 2.9.2025. I Piyusha Ranjan Sahoo, Vill-Dhanurjayapur, Po-Bentapada, Ps-Athagarh, Dist-Cuttack, State-Odisha, Pin-754029 declare that I have changed the name of my son from A R Prajnesh to AR Prangyesh. Henceforth he shall be known as A R Prangyesh for all purposes.
Piyusha Ranjan Sahoo
(Applicant Name)

**AFFIDAVIT**
By virtue of an affidavit sworn before Notary Public, Kendrapara, dated. 04.09.2025 I, Sankar Mallick, S/o Krushna Chandra Mallick, Vill-Chhachina, Po-Nuahat, PS-Derabish, Dist-Kendrapara, Pin-754289 declare that I have changed my son's name from Himansu Malik to Prakash Malik. Henceforth, she shall be known as Prakash Malik for all purposes.
Sd/- Sankar Mallick

**AFFIDAVIT**
By virtue of an affidavit sworn before Notary Public, Kendrapara, dated. 04.09.2025 I, Hrusikesh Malik, S/o Uttam Malik, Vill/Po-Baghilobabanpur, PS-Derabish, Dist-Kendrapara, Pin-754208 declare that I have changed my daughter's name from Prupthimaye Malik to Truptimayee Malik. Henceforth, she shall be known as Truptimayee Malik for all purposes.
Sd/- Hrusikesh Malik

PARADIP PORT AUTHORITY
TENDER CALL NOTICE
No.CE/PHD(M)/ACCTS-II/25/502 Dt: 02/09/2025
Name of the work : **"Operation and Maintenance (O&M) of 2.00 MLD STP-III in front of maritime academy for two years (2025-27)".** Estimated cost: **Rs.2,16,04,587.90.** Last Date & time of submission : 22.09.2025 up to 17:30Hrs. Refer our website for details: eprocure.gov.in/eprocure/app
Sd/- Executive Engineer,
PHD(M), PPA
PPA/PR/37/2025-2026 dtd.04.09.2025

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, Affidavit No. 69, on dated. 03.09.2025. I, Kumari Srabani, W/o- Jyotiranjan Moharana, Resident of Near Pal Hostel Bulding, (Supriti Villa), VTC-Nayapalli, Po/Ps- Nayapalli, Bhubaneswar, Dist- Khordha, Pin-751012, Odisha. Declare that I have changed my son's name from **Reyaansh Prince** to **Reyaansh Moharana**. Henceforth, He shall be known as **Reyaansh Moharana** for all purposes.
Sd/- Kumari Srabani

**PUBLIC NOTICE**
This is to inform the general public that the property situated at Dist:- Khurda, Tahasil - Bhubaneswar, P.S:- New Capital, P.S.No:- 23, Hal P.S:- Chandrasekharpur, under the S.R.O:-Khandagiri, Mouza- Bhubaneswar Sahar, Unit No:- 41, Chandrasekharpur, Khata No:- 611/3010, Stitiban. Plot No:- 5/1938/7509, Kisam-Gharabari, Full plot A0. 80 decs. standing in the name of Mr. Shyamananda Mohapatra and Mr. Rajendra Kumar Swain, is our absolute property. Any person having any claim, right, title, or interest whatsoever in the said property is hereby requested to notify the undersigned in writing within 15 days from the date of publication of this notice, along with documentary evidence.If no such objection/ claim is received within the stipulated period, it shall be deemed that there is no claim or objection on the said property, and the transaction regarding the same shall be completed without any further reference. Name: Mr.Shyamananda Mohapatra, Address: 17/2, WARD NO-5, Stoney road, Cuttack Sadar, Chandichak Cuttack, Odisha-753002. Contact No: +91 8338881315, Email: mohapatrashyamananda1953@gmail.com

GOVERNMENT OF ODISHA : OFFICE OF SUPERINTENDING ENGINEER
MINOR IRRIGATION DIVISION, JEYPORE
A-565
E-mail ID; - mijeypore@yahoo.co.in
NOTICE INVITING TENDER
E-Procurement Notice
Bid Identification No. MIDJEY - 05/2025-26
Letter No.1363 Dt. 1.9.25

The Superintending Engineer. Minor Irrigation Division, Jeypore on behalf of Governor of Odisha invites Percentage rate bids in Single & Double cover system through Online Mode. The bid documents consisting of work. Estimated Cost. Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in.**

| | | |
|---|---|---|
| 1. | Name of the work | Construction of Check Dam under MATY Scheme. |
| 2. | Total Number of work | 04 (Four] Nos. |
| 3. | Estimated cost | Approximately Rs. 41.21 lakh to 54.70 lakh. |
| 4. | Period of completion | 05(Five) Calendar Months |
| 5. | Class of Contractor | "B" Class Contractor |
| 6. | Date and time of availability of bid documents in the portal | From 10.00 A.M of 08.09.25 to 5.00 PM of 23.09.2025 |
| 7. | Last date /time for receipt of bids in the portal | 5.00 pm on 23.09.2025 |
| 8. | Date of opening of bid | At 11.00 am on 24.09.2025 in website (www.tendersorissa.gov.in) |
| 9. | Submission of Bids | Online mode |
| 10. | Name of the Officer inviting Bid | Superintending Engineer, Minor Irrigation Division, Jeypore |
| 11. | Further details can be seen from the Government of Odisha Web-site:www.tendersorissa.gov.in | |
| 12 | Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in Singles & Double cover system through Online Mode for the works as detailed in the table below. The bids should be submitted online in the website www.tendersndisha.gov.in by eligible Contractors with CDMS registration as mentioned in Column-6 of table below registered with the Stale govt, and contractors of equivalent grade / Class registered with Central govt / MES / Railway for execution of works. The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bids. | |

Sd/- Superintending Engineer
M.I. Division, Jeypore
OIPR : 32374/11/0015/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଅରୁନ୍ଧତୀ ଜୁଏଲର୍ସ ତରଫରୁ ଏହାର ସମସ୍ତ ଶାଖାମାନଙ୍କରେ ଗୁରୁଦିବସ ପାଳିତ

ଭୁବନେଶ୍ୱର : ଓଡ଼ିଶାର ଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଗୁରୁଦିବସ ଉପଲକ୍ଷେ ଗୁରୁପୂଜନ ଓ ସମ୍ବର୍ଦ୍ଧନା ସମାରୋହର ଏକ ସୁନ୍ଦର ଆୟୋଜନ ଏହାର ସମସ୍ତ ଶାଖା ମାନଙ୍କରେ କରାଯାଇଥିଲା । ଏହି ଅବସରରେ ବହୁ ମାନ୍ୟଗଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ସମ୍ପୂର୍ଣ୍ଣ ସମର୍ପଣ ଓ ସେବା ମନୋଭାବରେ ଶୁଦ୍ଧତା ଭରା ବ୍ୟବସାୟିକ ପଦ୍ଧତିକୁ କିଭଳି ଆହୁରି ସ୍ୱଚ୍ଛ କରାଯାଇପାରିବ




ସେହି ସମ୍ବନ୍ଧରେ ଏକ ଆଲୋଚନା ସଭା କରାଯାଇ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଠାରୁ ମାର୍ଗଦର୍ଶନ ନିଆଯାଇଥିଲା । ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ଯେ ଗୁରୁ ହେଉଛନ୍ତି ଏକ ସୁନ୍ଦର ସମାଜର ସାରଥୀ ଗୁରୁ , କୋମଳମତି ଶିଶୁଟିକୁ ବିଦ୍ୟା, ବୁଦ୍ଧି, ସଂସ୍କାର ପ୍ରଦାନ କରି ଏକ ସୁନ୍ଦର ସମାଜ ଗଢି ତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ତେଣୁ ସମସ୍ତ ଗୁରୁ ଆଦରଣୀୟ ଏବଂ ନମସ୍ୟ ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ନିମନ୍ତେ ଗୁରୁ ଦକ୍ଷିଣା ସ୍ପେସିଆଲ ଅଫର ମାଧ୍ୟମରେ ସମସ୍ତ ଗୁରୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ସମସ୍ତ ସୁନାଗହଣାର ଗଢ଼ାମଜୁରୀରେ ଫ୍ଲାଟ ୫୦% ରିହାତି ଓ ହୀରାଗହଣାର ହୀରାମୂଲ୍ୟରେ ଫ୍ଲାଟ ୨୫ % ରିହାତି ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ଅରୁନ୍ଧତୀର ସମସ୍ତ ଶାଖା ମାନଙ୍କରେ ଉପଲବ୍ଧ କରାଯାଇଛି ।

## ଗାଡି ଦୁର୍ଘଟଣାରେ ମା', ଝିଅଙ୍କ ମୃତ୍ୟୁ ମାମଲା

# ଗାଡ଼ି ମାଲିକଙ୍କୁ ଆଗୁଆ ଜାମିନ ଦେବାକୁ ମନାକଲେ ହାଇକୋର୍ଟ

କଟକ, (ସବ୍ୟୁ) : ଭୁବନେଶ୍ୱର ପାତ୍ରପଡା ନିକଟରେ ଜିଗ ଜାଗ ଭାବେ ଥର ଗାଡି ଚଳାଇ ମଉଜ ମଜଲିସ କରିଯାଉଥିବା ଯୁବକଙ୍କ ଗାଡି ଧକ୍କାରେ ମା ଝିଅଙ୍କ ମୃତ୍ୟୁ ଘଟଣାରେ ଗିରଫଦାରୀକୁ ଏଡାଇବା ପାଇଁ ଆଗୁଆ ଜାମିନ ଆବେଦନ କରିଥିବା ଡ୍ରାଇଭର ତଥା ଗାଡ଼ିମାଲିକ ସୋମନାଥ ବେହେରାଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି । ହାଇକୋର୍ଟ ଏହି ଆଗୁଆ ଜାମିନ୍ ଆବେଦନ ପିଟିସନ୍‌ରେ ହସ୍ତକ୍ଷେପ ପାଇଁ ମନା କରି ଦେଇଛନ୍ତି । ତେବେ ଆବେଦନକାରୀ ଚାହିଁଲେ ଭୁବନେଶ୍ୱର ଜେଏମ୍ଏଫସି-୫ରେ ଆତ୍ମ ସମର୍ପଣ କରିପାରିବେ । ଏଥିପାଇଁ ଗୋଟେ ମାସ ସମୟ ଦିଆଯାଇଛି । ଯଦି ଆବେଦନକାରୀ ଆଗୁଆ ଜାମିନ୍ ଆବେଦନ କରନ୍ତି ତାହେଲେ ଦିନର ପ୍ରଥମ ପ୍ରହର( ଫାଷ୍ଟ ଆୱାର)ରେ ଏହାର ଶୁଣାଣି ହେବ । ଯଦି ଜାମିନ୍ ଆବେଦନ ଖାରଜ ହୁଏ ତାହେଲେ ସେହିଦିନ ଦ୍ୱିତୀୟ ପ୍ରହରରେ ଉପର କୋର୍ଟରେ ଆବେଦନ କରିପାରିବେ । ଉପର କୋର୍ଟ ସେହିଦିନ ମାମଲାର ମେରିଟ୍ ଆଧାରରେ ଆଗୁଆ ଜାମିନ୍ ଆବେଦନର ସମାଧାନ କରିବେ ବୋଲି ହାଇକୋର୍ଟ ଆଶାବ୍ୟକ୍ତ କରିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହି ଆଦେଶ ଦେବାସହ ଏହି ଆଗୁଆ ଜାମିନ୍ ମାମଲାର ଅନ୍ତ ଘଟାଇଛନ୍ତି । ଗତ ଅଗଷ୍ଟ ୯ତାରିଖ ସଂଧ୍ୟା ସାଢ଼େ ୬ଟା ସମୟରେ ମାନସ କୁମାର ରାଉଳଙ୍କ ପତ୍ନୀ, ୬ ବର୍ଷର ଝିଅ ଏବଂ ପୁଅ ପାତ୍ରପଡ଼ା ଏନ୍ଏଚ୍ ପାର୍ଶ୍ୱ ଏକ ମଲ୍ ନିକଟରେ ଛିଡ଼ା ହୋଇଥିଲେ । ସେହି ସମୟରେ ଖଣ୍ଡଗିରି ପଟୁ ଏକ ଥର ଗାଡ଼ି ଅତ୍ୟନ୍ତ ବିପଜ୍ଜନକ ଭାବେ ସେମାନଙ୍କ ଉପରକୁ ମାଡ଼ି ଆସିଥିଲା । ସମସ୍ତେ ଗୁରୁତର ଆହତ ହୋଇଥିଲେ । ପ୍ରଥମେ ଝିଅର ଏମସ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଦେହାନ୍ତ ହୋଇଯାଇଥିଲା । ପତ୍ନୀଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର ହୋଇଥିଲା । କିନ୍ତୁ ସେଠାରେ ତାଙ୍କର ମଧ୍ୟ ଦେହାନ୍ତ ହୋଇଯାଇଥିଲା । ଏନେଇ ମାନସ ରାଉଳ ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ । ଥର ଗାଡ଼ି ଡ୍ରାଇଭର ତଥା ମାଲିକ ସୋମନାଥ ବେହେରାଙ୍କ ନାମରେ ଏହି ଏତଲା ଆଧାରରେ ନାମରେ ପୋଲିସ ମାମଲା ରୁଜୁ କରିଥିଲା । ଏହି ଘଟଣାରେ ଅଭିଯୁକ୍ତ ସୋମନାଥ ବେହେରା ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ୭କେଜିରୁ ଉର୍ଦ୍ଧ୍ୱର ଗଞ୍ଜେଇ ଜବତ, ୬ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୭କେଜିରୁ ଉର୍ଦ୍ଧ୍ୱର୍ ଗଞ୍ଜେଇ ଜବତ କରାଯିବା ସହ ୬ଜଣଙ୍କୁ ଗିରଫ କରିଛି ଭୁବନେଶ୍ୱର ପୋଲିସ । ଶ୍ରୀଲିଙ୍ଗରାଜ, କ୍ୟାପିଟାଲ, ଇନ୍ଫୋସିଟି ଥାନା ପୋଲିସ ଗଞ୍ଜେଇ ବେପାରୀଙ୍କ ଉପରେ ଚଢାଉ କରି ସେମାନଙ୍କୁ ଗିରଫ କରିବା ସହ ନିଶା କାରବାର ସମ୍ପର୍କରେ ତଦନ୍ତ ଜାରି ରଖିଛି । ଶ୍ରୀଲିଙ୍ଗରାଜ ଥାନା ପୋଲିସ ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩.୧୮୦କେଜି ଗଞ୍ଜେଇ, ୨୩୦୦ ଟଙ୍କା, କେଟିଏମ୍ ବାଇକ୍ ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି । ଗିରଫ ୪ଜଣ ହେଲେ ଆନନ୍ଦ ସାହୁ (୨୧), ସୁମିତ ଦାସ (୨୦), ସୁକାନ୍ତ ମଲିଆ (୩୯), ବାବୁଲା ମଲିଆ (୩୪) । ସେହିପରି କ୍ୟାପିଟାଲ ଥାନା ପୋଲିସ ୧କେଜି ୮୦୦ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ କାଳିଆ ଓରଫ ପ୍ରମୋଦ ପୁଷ୍ଟି (୪୫)କୁ ଗିରଫ କରିଛି । ମାଷ୍ଟରକ୍ୟାଣ୍ଟିନ ନେହୁରୁ ମୂର୍ତ୍ତି ନିକଟରେ ସେ ଗଞ୍ଜେଇ ବିକ୍ରି କରିଥିବା ଖବର ପାଇ ପୋଲିସ ଚଢାଉ କରିଥିଲା । ଆମ ବସ୍‌ଷ୍ଟାଣ୍ଡ ନିକଟରେ କାଳିଆର ଏକ ଟିଫିନ୍ ଷ୍ଟଲ ଓ ପାନ ଦୋକାନ ଅଛି । ଇନ୍ଫୋସିଟି ଥାନା ପୋଲିସ ରବିନାରାୟଣ ମିଶ୍ର (୪୭) ନାମକ ଜଣେ ଗଞ୍ଜେଇ ବ୍ୟବସାୟୀକୁ ଗିରଫ କରିବା ସହ ତା'ନିକଟରୁ ୧କେଜି ୧୦୦ଗ୍ରାମ୍ ଗଞ୍ଜେଇ ଜବତ କରିଛି । କନ୍ଧମାଳରୁ ଗଞ୍ଜେଇ ଆଣି ପଟିଆ ଅଞ୍ଚଳରେ ବେଆଇନ ଭାବରେ ବିକ୍ରି କରୁଥିବା ପୋଲିସ କହିଛି । ରିଲିଆନ୍ସ ଟ୍ରେଣ୍ଡ୍ସ ନିକଟରେ ସେହି ଗଞ୍ଜେଇ ଧରି ଠିଆ ହୋଇଥିବା ବେଳେ ଖବର ପାଇ ପୋଲିସ ଚଢାଉ କରିଥିଲା । ଶ୍ରୀଲିଙ୍ଗରାଜ, ଇନ୍ଫୋସିଟି ଓ କ୍ୟାପିଟାଲ ଥାନାରୁ ୬ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ କଲେଜରେ ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର : ଭୁବନେଶ୍ୱର ସ୍ଥିତ ହାଇଟେକ୍ ବିଜ୍ଞାନ ଓ ବାଣିଜ୍ୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗୁରୁଦିବସ ଏବଂ ନବାଗତ ଯୁକ୍ତଦୁଇ ପ୍ରଥମ ବର୍ଷର ବିଦ୍ୟାର୍ଥୀମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷ ପ୍ରଫେସର୍ ଡକ୍ଟର ଦେବାନନ୍ଦ ମହାପାତ୍ର ଏବଂ ହାଇଟେକ୍ ସ୍କୁଲ ଅଫ୍ ନର୍ସିଂର ଅଧ୍ୟକ୍ଷା ଡ. ରୀତା ଲେଙ୍କା ଯୋଗ ଦେଇ ବିଦ୍ୟାର୍ଥୀମାନେ ଆଜିର ଦିନରେ ଗୁରୁମାନଙ୍କ ଦ୍ୱାରା




ପରିଚାଳିତ ଓ ଗୁରୁମାନଙ୍କୁ ଉପଯୁକ୍ତ ସମ୍ମାନ ଦେଇ ସେମାନଙ୍କ ମାର୍ଗଦର୍ଶନରେ ପରିଚାଳିତ ହେଲେ ସେମାନେ ଆଗାମୀ ଦିନରେ ଗରିମାମୟ ଜୀବନ ଅତିବାହିତ କରିବେବୋଲି ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ହାଇଟେକ୍ ଯୁକ୍ତଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ବିଦ୍ୟାର୍ଥୀମାନଙ୍କୁ ଏକାଗ୍ରତାର ସହ ବିଦ୍ୟା ଅଧ୍ୟୟନ ପ୍ରତି ଧ୍ୟାନ ଦେବାକୁ କହିଥିଲାବେଳେ ଉପାଧ୍ୟକ୍ଷ ବିଭୂତି ଭୂଷଣ ବେହେରା ବିଦ୍ୟାର୍ଥୀମାନଙ୍କୁ ବିଦ୍ୟା ଅଧ୍ୟୟନ ସେମାନଙ୍କର ପ୍ରମୁଖ ଆବଶ୍ୟକତା ହେଉ ବୋଲି ସୂଚନା ଦେଇଛନ୍ତି । ଏଥିରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହାକୁ ଜୀବବିଜ୍ଞାନ ଅଧ୍ୟାପିକା ଶୁଭଦର୍ଶିନୀ ସାହୁ, ଅଧ୍ୟାପକ ବିଶ୍ୱଜିତ ବେହେରା ଏବଂ ବେଦବ୍ରହ୍ମା ଦାସ ପରିଚାଳନା କରିଥିଲାବେଳେ କାର୍ଯ୍ୟକ୍ରମକୁ ଓଡିଆ ବିଭାଗର ଅଧ୍ୟାପକ ତଥା ଅର୍ନ୍ତଜାତୀୟ ଓଡିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ ପରିଚାଳନା କରିଥିଲେ ।

# 'ହେରିଟେଜ୍' ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ




କଲକାତା : ଦି ହେରିଟେଜ୍ ଇନଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜିର ୨୪ତମ ପ୍ରତିଷ୍ଠା ଦିବସ ଓ ଶିକ୍ଷକ ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ 'ସ୍ୱାମୀ ବିବେକାନନ୍ଦ ସେଣ୍ଟର ଫର୍ ଇଣ୍ଡିଆନ୍ ନଲେଜ ସିଷ୍ଟମ୍ ' ର ଶୁଭାରମ୍ଭ ହେବା ସହିତ 'ହେରିଟେଜ୍' ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି ।

## ଇଲେକ୍ରୋଫ୍ରା ଷ୍ଟିଲ୍ ଜଳ ସେବକ ସମ୍ମାନ-୨୦୨୫

# ଜଳ ସଂରକ୍ଷଣ ପରିବର୍ତ୍ତନ ସୃଷ୍ଟିକାରୀଙ୍କୁ ଏକ ସ୍ୱୀକୃତି

ଭୁବନେଶ୍ୱର : ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଏକ ଅଗ୍ରଣୀ ଜଳ ଭିତିଭୂମି ସମାଧାନ ପ୍ରଦାନକାରୀ, ଇଲେକ୍ରୋଫ୍ରା ଷ୍ଟିଲ୍ କାଷ୍ଟିଂ ଲିମିଟେଡ୍ ଇଲେକ୍ରୋଫ୍ରା ଷ୍ଟିଲ୍ ଜଳ ସେବକ ସମ୍ମାନ-୨୦୨୫ ଆୟୋଜିତ ହୋଇଥିଲା । ଏହି ପୁରସ୍କାର ଜଳ ସଂରକ୍ଷଣ କ୍ଷେତ୍ରରେ ପ୍ରଭାବଶାଳୀ ପରିବର୍ତନ ଆଣିଥିବା ବ୍ୟକ୍ତି ଏବଂ ଅନୁଷ୍ଠାନଗୁଡ଼ିକୁ ସ୍ୱୀକୃତି ଦେଇଛି । ଜଳ ସେବକ ସମ୍ମାନ-୨୦୨୫ ସମଗ୍ର ଭାରତରେ ଜଳ ସଂରକ୍ଷଣ, ସ୍ଥାୟୀତ୍ୱ ଏବଂ ସମାନ ଜଳ ପ୍ରବେଶରେ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଥିବା ନାୟକମାନଙ୍କୁ ସ୍ୱୀକୃତି ଦେବାର ମନୋଭାବକୁ ବଜାୟ ରଖିଛି । ଏହି ପୁରସ୍କାର ସମାରୋହରେ ଭାରତର ପୂର୍ବତନ ମୁଖ୍ୟ ବିଚାରପତି କେ.ଜି. ବାଲକ୍ରିଷ୍ଣନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ, କୋଲ୍ ଇଣ୍ଡିଆର ସିଏମଡି ପି.ଏମ୍. ପ୍ରସାଦ ଏବଂ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ନିର୍ଦ୍ଦେଶକ ଧୃତି ବାନାର୍ଜୀ ସମ୍ମାନିତ ଅତିଥି ଭାବରେ ଏବଂ ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟର ଜାତୀୟ ଜଳ ମିଶନର ନିର୍ଦ୍ଦେଶକ ନେଲାପତଲା ଅଶୋକ ବାବୁ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ମହାସମାବେଶରେ ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତି, ଶିଳ୍ପ ନେତା, ପରିବେଶ ପ୍ରବକ୍ତା ଏବଂ ସମ୍ପ୍ରଦାୟ ଚାମ୍ପିଅନମାନେ ଉପସ୍ଥିତ ଥିଲେ ।

ବ୍ୟକ୍ତିଗତ ବର୍ଗରେ, ଜଳ ସେବକ ସମ୍ମାନ ୨୦୨୫ ପଶ୍ଚିମବଙ୍ଗର ଶ୍ରୀମତୀ ଲୀଳାବତୀ ମହାତାଙ୍କୁ ଝାରଗ୍ରାମରେ ତାଙ୍କର ଅକ୍ଲା" ତୃଣମୂଳସ୍ତରୀୟ ପଦକ୍ଷେପ ପାଇଁ ପୁରସ୍କୃତ କରାଯାଇଥିଲା । ସେ ଜଳସେଚନ, ଫସଲ ବିବିଧତା ଏବଂ କୃଷି ଆୟ ବୃଦ୍ଧି ପାଇଁ ପୋଖରୀ-ଆଧାରିତ ଜଳ ଏବଂ ମୃର୍ତ୍ତିକା ସଂରକ୍ଷଣର ନେତୃତ୍ୱ ନେଇଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ତାଙ୍କର କାର୍ଯ୍ୟ ମାଧ୍ୟମରେ, ସେ ୫୦୦ ରୁ ଅଧିକ ମହିଳାଙ୍କୁ ଜଳ ଶାସନରେ ସାମିଲ




କରିଛି" ଏବଂ ୮୫ ଟି ଗ୍ରାମର ୧,୨୫୦ ରୁ ଅଧିକ ପରିବାରକୁ ସ୍ଥାୟୀ କୃଷି ପଦ୍ଧତି ଗ୍ରହଣ କରିବାକୁ ସକ୍ଷମ କରିଛନ୍ତି । ପାରମ୍ପରିକ ଜଳଭଣ୍ଡାରକୁ ପୁନରୁଦ୍ଧାର ଏବଂ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବାରେ ତାଙ୍କର ଉତ୍ସର୍ଗୀକୃତ ପ୍ରୟାସ ପାଇଁ ଝାଡ଼ଖଣ୍ଡର ଜେମ୍ସ ହେରେଙ୍କୁ ରନର୍ସ-ଅପ୍ ଭାବରେ ସମ୍ମାନିତ କରାଯାଇଥିଲା । ଚେକ୍ ଡ୍ୟାମ୍ ଏବଂ ସ୍ଥାୟୀ କେନାଲ ନିର୍ମାଣ କରି, ସେ ୨୦୦ ହେକଟରରୁ ଅଧିକ ଚାଷଜମି ପାଇଁ ଜଳସେଚନ ସୁରକ୍ଷିତ କରିଛି", ଫସଲ ଉତ୍ପାଦନରେ ଉନ୍ନତି ଆଣିଛନ୍ତି ଏବଂ ମରୁଡ଼ି ସମ୍ଭାବନା ହ୍ରା କରିଛନ୍ତି । ତାଙ୍କର ପଦକ୍ଷେପ, ହସାତୁ ଚେକ୍ ଡ୍ୟାମ୍ ଏବଂ ବାରିଆଟୁ କେନାଲ - ଯାହା ଦଶନ୍ଧିରୁ ଅଧିକ ସମୟ ଧରି ଚାରୋଟି ଗ୍ରାମକୁ ବଜାୟ ରଖିଛି - ଜଳ ସୁରକ୍ଷା ଏବଂ କୃଷି ପୁନରୁଦ୍ଧାରର ସ୍ଥାୟୀ ମଡେଲ ଭାବରେ ଠିଆ ହୋଇଛି ।

ସଂଗଠନ ବର୍ଗରେ, ଗ୍ରାମସ୍ତରୀୟ ଜଳ ମଡେଲ ସୃଷ୍ଟି କରିବାରେ ଏହାର ଅଗ୍ରଣୀ ପ୍ରୟାସ ପାଇଁ ବିହାରର ଆପକା ଅଂଚଳଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ଜୈବିକ କୃଷି, ସୂକ୍ଷ୍ମ-ଜଳବିଭାଜିକା ପ୍ରଣାଳୀ ଏବଂ ବୃକ୍ଷରୋପଣ ଭଳି ପରିବେଶଗତ ପୁନରୁଦ୍ଧାର ପଦକ୍ଷେପ ମାଧ୍ୟମରେ, ଆପକା ଅଂଚଳ ଗ୍ରାମ ସମ୍ପ୍ରଦାୟ ପାଇଁ ଦୀର୍ଘକାଳୀନ ମାଟି ଏବଂ ଜଳ ସମ୍ପଦ ସୁରକ୍ଷିତ କରିବା ସହିତ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରୁଛି । ଏହାର ସମନ୍ୱିତ ଜଳବିଭାଜିକା ପରିଚାଳନା କାର୍ଯ୍ୟକ୍ରମ ପାଇଁ ଆସୋସିଏସନ୍ ଫର୍ ଡେଭଲପମେଂଟ ଆଣ୍ଡ ରିସର୍ଚ୍ଚ ଇନ୍ ସୋସିଓ ଇକୋନୋମିକ୍ ଆକଫିଭିଟିଜ୍ (ଆଦର୍ଶ), ଓଡ଼ିଶାକୁ ରନର୍ସ-ଅପ୍ ମାନ୍ୟତା ଦିଆଯାଇଛି ।

୫୧ଟି ଗ୍ରାମରେ ଚେକ୍ ଡ୍ୟାମ୍ ନିର୍ମାଣ ଏବଂ ଜଳ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜୀବନବ୍ୟାପୀ ସମର୍ପଣ ପାଇଁ "ଝାଡ଼ଖଣ୍ଡର ଜଳପୁରୁଷ" ଭାବରେ ସମ୍ମାନିତ ଝାଡ଼ଖଣ୍ଡର ସାଇମନ ଓରାଓଁଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଇଲେକ୍ରୋଫ୍ରା ଷ୍ଟିଲ କାଷ୍ଟିଂ ଲିମିଟେଡର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ସିଇଓ ସୁନୀଲ କାଟିଆଲ ଯୋଗ ଦେଇଥିଲେ ।

## ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ବିଦ୍ୟାଗ୍ରହ

# ଝାରସୁଗୁଡାର ଗ୍ରାମୀଣ ଶ୍ରେଣୀଗୃହରେ ଡିଜିଟାଲ୍ ଶିକ୍ଷଣର ଶୁଭାରମ୍ଭ

ଝାରସୁଗୁଡା, (ସବ୍ୟୁ) : ପ୍ରତ୍ୟେକ ପିଲାକୁ ଗୁଣାତ୍ମକ ଶିକ୍ଷା ସମ୍ବଳରୁ ଶିଖିବାର ସମାନ ସୁଯୋଗ ଦିଆଗଲେ ସମାଜରେ ପ୍ରକୃତ ପ୍ରଗତି ଆରମ୍ଭ ହୁଏ । ଏହି ବିଶ୍ୱାସ ବେଦାନ୍ତ ଆଲୁମିନିୟମର ପ୍ରୟାସକୁ ପ୍ରୋଜେକ୍ଟ ବିଦ୍ୟାଗ୍ରହ ମାଧ୍ୟମରେ ମାର୍ଗଦର୍ଶନ କରିଛି, ଯାହାକି ଏକ ଅଗ୍ରଣୀ ଡିଜିଟାଲ୍ ଶିକ୍ଷଣ ପଦକ୍ଷେପ ମାଧ୍ୟମରେ ଝାରସୁଗୁଡା ଜିଲ୍ଲାର ହଜାର ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଗତ ପ୍ରବେଶକୁ ପରିବର୍ତ୍ତନ କରିଛି । ୨୦୨୨ ମସିହାରେ ଏହାର ଶୁଭାରମ୍ଭ ହେବା ପରଠାରୁ, ପ୍ରୋଜେକ୍ଟ ବିଦ୍ୟାଗ୍ରହ ଗଣିତ, ବିଜ୍ଞାନ ଏବଂ ଇଂରାଜୀରେ ଡିଜିଟାଲ୍ ଶିକ୍ଷଣ ସାମଗ୍ରୀ ଭାବରେ ୩୦୦ ରୁ ଅଧିକ ପୂର୍ବ-ରେକର୍ଡ କରାଯାଇଥିବା ପାଠ ପ୍ରଦାନ କରିଛି । ଏହି ଡିଜିଟାଲ୍ ଶିକ୍ଷଣ ମଡ୍ୟୁଲଗୁଡ଼ିକୁ ପରିପୂରକ ସମ୍ବଳ ଭାବରେ ଡିଜାଇନ୍ କରାଯାଇଛି ଯାହା ଗ୍ରାମୀଣ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଅଭିଜ୍ଞତାକୁ ବୃଦ୍ଧି କରିଥାଏ ।

ଉକ୍ତ ପ୍ରୋଜେକ୍ଟ ଝାରସୁଗୁଡା ଜିଲ୍ଲାର ୫ ଟି ବ୍ଲକର ୧୦୬ ଟି ସରକାରୀ



ବିଦ୍ୟାଳୟରେ ୧୨,୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚିଛି, ଶିକ୍ଷଣ ସମ୍ବଳକୁ ୨୧,୦୦୦ ରୁ ଅଧିକ ଥର ଉପଲବ୍ଧ କରାଯାଇଛି । ଲାଇକେରାର କୈଳାସ ଭାଇ ଜୟସ୍ୱାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ, ଆଲିଭ ରଞ୍ଜନ ପ୍ରୁସେଥ ଏହି ବର୍ଷ ତାଙ୍କ ବୋର୍ଡ ପରୀକ୍ଷାରେ ଉତ୍କୃଷ୍ଟ ୯୩.୩୩% ସ୍କୋର କରିଛନ୍ତି । ତାଙ୍କ ପାଇଁ, ବିଦ୍ୟାଗ୍ରହଙ୍କ ଭିଡିଓ ପାଠ ଏବଂ ଇଂଟରାକ୍ଟିଭ୍ ସମ୍ପ୍ରଦାୟ ଶ୍ରେଣୀଗୁଡ଼ିକ ସେହି ବିଷୟଗୁଡ଼ିକରେ ସ୍ୱଷ୍ଟତା ପ୍ରଦାନ କରିଛି ଯାହା ଥରେ ବହୁତ କଷ୍ଟକର ମନେ ହେଉଥିଲା । "ପାଠଗୁଡ଼ିକ ପର୍ଯ୍ୟାୟକ୍ରମେ ସବୁକିଛି ବୁଝାଯାଇପାରୁଥିଲା । ଏହି ପଦକ୍ଷେପର ପ୍ରଭାବ ବିଷୟରେ କହି, ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ ତାଙ୍କର ମତାମତ ଦେଇ କହିଛନ୍ତି "ଶିକ୍ଷା ହେଉଛି ସାମାଜିକ ପ୍ରଗତିରେ ମୂଳଦୁଆ, ଏବଂ ଏକ ଉଜ୍ଜ୍ୱଳ କାଲି ଗଠନ ପାଇଁ ଆମକୁ ସଶକ୍ତ କରିବା ଅତ୍ୟାବଶ୍ୟକ । ପ୍ରୋଜେକ୍ଟ ବିଦ୍ୟାଗ୍ରହ ଭଳି ପଦକ୍ଷେପ ମାଧ୍ୟମରେ, ଆମେ ଛାତ୍ରଛାତ୍ରୀମାନଙ୍କୁ ସୀମା ବାହାରକୁ ସ୍ୱପ୍ନ ଦେଖିବା ଏବଂ ସଫଳ ହେବା ପାଇଁ ଉପକରଣ ସହିତ ସଜ୍ଜିତ କରୁଛୁ, ଯାହା ଦ୍ୱାରା ସମ୍ପ୍ରଦାୟ ମଧ୍ୟରେ ବିକାଶର ସ୍ମାରକ ସୃଷ୍ଟି ହେଉଛି ।" ଶୁକ୍ରବାର, ପ୍ରୋଜେକ୍ଟ ବିଦ୍ୟାଗ୍ରହ କେବଳ ଡିଜିଟାଲ୍ ଶିକ୍ଷା ପଦକ୍ଷେପଠାରୁ ଅଧିକ ବୃଦ୍ଧି ପାଇଛି; ଏହା ସଶକ୍ତିକରଣର ଏକ ଆନ୍ଦୋଳନ ପାଲଟିଛି । ଫଳାଫଳ ନିଜେ କହିଥାଏ - ଶ୍ରେଣୀଗୃହରେ ଅଧିକ ଆତ୍ମବିଶ୍ୱାସ, ଅଧିକ ଛାତ୍ରଛାତ୍ରୀ କୃତିତ୍ୱ ସହିତ ଉତୀର୍ଣ୍ଣ ହେବା ଏବଂ ସେମାନଙ୍କ ଭବିଷ୍ୟତ ପାଇଁ ଅଧିକ ଦ୍ୱାର ଖୋଲିବା । ଏହିଭଳି ପ୍ରୟାସ ଯୋଗୁଁ ଝାରସୁଗୁଡା ୨୦୨୪-୨୫ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ପ୍ରଭାବଶାଳୀ ୯୭.୮୭% ପାସ୍ ହାର ରେକର୍ଡ କରିଛି, ଯାହା ଓଡ଼ିଶାରେ ତୃତୀୟ ସ୍ଥାନ ଅଧିକାର କରିଛି । ଭାରତ ଶିକ୍ଷକ ଦିବସ ପାଳନ କରୁଥିବା ସମୟରେ, ରାଷ୍ଟ୍ର ନିର୍ମାଣରେ ଶିକ୍ଷକ ଏବଂ ଶିକ୍ଷାର ଗୁରୁତ୍ୱକୁ ପୁନଃନିର୍ଦ୍ଦିଷ୍ଟ କରିବାର ଏକ ଅବସର, ପ୍ରୋଜେକ୍ଟ ବିଦ୍ୟାଗ୍ରହ ଏକ ବିଶେଷ ଉଲ୍ଲେଖଯୋଗ୍ୟ ପଦକ୍ଷପ ଅଟେ । ମାତ୍ର ତିନି ବର୍ଷ ମଧ୍ୟରେ, ଉଦ୍ଦେଶ୍ୟ ପୂରଣ କରିବାରେ ସମର୍ଥ ହୋଇଛି । ଝାରସୁଗୁଡାର ଛାତ୍ରଛାତ୍ରୀମାନଙ୍କ ପାଇଁ, ଏହା ସେମାନଙ୍କର ପ୍ରକୃତ ସମ୍ଭାବନାକୁ ଆବିଷ୍କାର କରିବାର ଏକ ପ୍ରବେଶପଥ । ବ୍ୟାପକ ସମ୍ପ୍ରଦାୟ ପାଇଁ, ଏହା ପ୍ରଗତି ପାଇଁ ଏକ ଅନୁପ୍ରବେଶକ ଅଟେ ।


## ୧୫ରେ ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

# ୫ ପ୍ରତିଭାଧାରୀଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ

କଟକ, (ସ୍ୱପ୍ର): ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ରାଜ୍ୟର ୫ ପ୍ରତିଭାଧାରୀଙ୍କୁ ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ ଲାଗି ମନୋନୀତ କରାଯାଇଛି । ସେମାନେ ହେଲେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ଡକ୍ଟର ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଗବେଷଣାରେ ଡକ୍ଟର ସିଦ୍ଧେଶ୍ୱର ମହାପାତ୍ର, କଳା-ସଂସ୍କୃତିରେ ବିଶିଷ୍ଟ ଚଳଚ୍ଚିତ୍ର ଓ ମଞ୍ଚ ଅଭିନେତା କୁନା ତ୍ରିପାଠୀ, ସେବା କ୍ଷେତ୍ରରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଶ୍ରୀ ତେଜସ୍ୱିନୀ ବେହେରା ଏବଂ କ୍ରୀଡା କ୍ଷେତ୍ରରେ ବିଶିଷ୍ଟ ହକି ଖେଳାଳୀ ତଥା ଅଲମ୍ପିଆନ୍ ସୁଶ୍ରୀ ଲିଲିମା ମିଞ୍ଜ୍ । ସେମାନଙ୍କୁ ପୁରସ୍କାର ସ୍ୱରୂପ ଉପଢୌକନ , ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ ଓ ୨୫ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ । ଆସନ୍ତା ୧୫ତାରିଖ ସୋମବାର ପୂର୍ବାହ୍ନ ୧୧ଟାରେ କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୧ତମ ପୁଣ୍ୟ ତିଥି ଅବସରରେ ଟାଙ୍ଗୀ (କଟକ) ସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ ପୂଜ୍ୟ ପୂଜା ସମାରୋହ-୨୦୨୫ରେ ଏହି ସମ୍ମାନ ପ୍ରଦାନ କରାଯିବ । ଚିନ୍ମୟ ମିଶନର ବିଶିଷ୍ଟ ସନ' ସ୍ୱାମୀ ଶ୍ରୀ ନିଗମାନନ୍ଦ ସରସ୍ୱତୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେବେ ବୋଲି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି ।

# 'ଦି ଗ୍ରାଣ୍ଡ ସପ୍‌ସି ମେଳା'

ଭୁବନେଶ୍ୱର : ଆଗାମୀ ଉତ୍ସବ ଋତୁ ପାଇଁ ଭାରତ ଯେହେତୁ ନିଜକୁ ପ୍ରସ୍ତୁତ କରୁଛୁ, ଫ୍ଲିପକାର୍ଟ ପରିଚାଳିତ ସପ୍‌ସି ବର୍ଷର ସବୁଠାରୁ ବୃହତର ସେଲ ସହିତ ସର୍ବାଦୃତ୍ ସପିଙ୍ଗ ପାଳନର ଉତ୍ସବ, ଦି ଗ୍ରାଣ୍ଡ ସପ୍‌ସି ମେଳା (ଜିଏସଏମ) ପୁଣି ଥରେ ନେଇ ଆସୁଅଛି । ଅଗଷ୍ଟ ୨୯ରୁ ସେପେଫମ୍ବର ୦୭ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଏହି କାର୍ଯ୍ୟକ୍ରମ ଅନେକଗୁଡ଼ିଏ ଅବିସ୍ମରଣୀୟ ଉତ୍ସାହ ସହିତ ଏହାର ପ୍ରସଙ୍ଗ ରହିଛି ଐସେ ଗିରେଙ୍ଗେ ଦାମ, ସପ୍‌ସି ହୋଗି ସୁବହ ଶାମ । ସପିଙ୍ଗ ଉତ୍ସାହ ବୃଦ୍ଧି ପାଇବା ସହିତ ଗ୍ରାହକମାନେ ସେମାନଙ୍କର ସ୍ନେହ ଏବଂ ଉତ୍ସାହକୁ




ଆହୁରି ଅଧିକ ମାତ୍ରାରେ ବୃଦ୍ଧି କରିବା ସହିତ ଏହି ଉତ୍ସବ ଋତୁରେ ଆଗକୁ ନେଉଛନ୍ତି ଯାହା ଫଳରେ ସପିଙ୍ଗ ସେମାନଙ୍କୁ ତଥା ସେମାନଙ୍କ ପରିବାରକୁ ସମଗ୍ର ଭାରତରେ ନିଜର ପକେଟକୁ ସୁହାଇଲା ଭଳି ବଜେଟକୁ ନେଇ ସାହାଯ୍ୟ କରୁଅଛି । ଚଳିତବର୍ଷ, ଜିଏସଏମ ୧୪୯ ଟଙ୍କା ଭିତରେ ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱର ଉତ୍ପାଦନକୁ ସମଗ୍ର ଫ୍ୟାସନ, ଜୀବନଶୈଳୀ, ଘର ତଥା ସୌନ୍ଦର୍ଯ୍ୟକାରୀତାକୁ ନେଇ ବୃଦ୍ଧି କରିବା ସହିତ ଏକ ଚିନ୍ତାଶୀଳ ଗଠନମୂଳକ ମୂଲ୍ୟ ସଚେତନଯୁକ୍ତ ସପିଙ୍ଗ ପାଇଁ ଏହାକୁ ସଠିକ୍ ଭାବରେ ପ୍ରସ୍ତୁତ କରିପାରିଛି । ଜିଏସଏମ କିଛି ଆକର୍ଷଣୀୟ ମୂଲ୍ୟ ସହିତ ଅନେକ ଗୁଡ଼ିଏ ଅଫର ପ୍ରଦାନ କରିବାକୁ ଯାଉଛି ଯାହା ତୁଳନା କରିବା ମୂଲ୍ୟକୁ ନେଇ କଠିନ ଅଟେ ଯାହାକି ପୂର୍ବ ଅପେକ୍ଷା ଚଳିତବର୍ଷ ପର୍ବପର୍ବାଣୀରେ ଅଧିକ ପୁରସ୍କାର ପ୍ରଦାନ ଯୋଜନା ରଖିଛି । ମିଲିୟନରୁ ଅଧିକ ୨, ୩ ଏବଂ ୪ ଶ୍ରେଣୀର ସହର ଗୁଡ଼ିକରେ ଜିଏସଏମ ଏହାର ଉତ୍ସବ ଋତୁର ବିକ୍ରୟ ସଂକେତ ପ୍ରଦାନ କରିବା ଆରମ୍ଭ କରିଛି ଯାହାକି ଅଧିକ ଆଦୃତ ଅତୁଳନୀୟ ଖୁସିର ସମ୍ଭାର ପ୍ରଦାନ କରିବ । ରହିଥିବା ଏହାର ବର୍ଦ୍ଧିତ ଯୋଗାଣ ଟ୍ରେନଣ୍ଡ ସହିତ ପ୍ରସ୍ତୁତି ଏବଂ ଆକର୍ଷଣୀୟ ଅଫରକୁ ନେଇ ଏହା ପ୍ରତ୍ୟେକ ଉତ୍ସବର ଆବଶ୍ୟକତାକୁ ପରିପୂରଣ କରିବାକୁ ଯାଉଛି । ସପ୍‌ସି ଏହି ଋତୁର ସପ୍‌ସି ପ୍ରଣାଳୀର ପ୍ରସ୍ତୁତିକୁ ଅଧିକ ଆକର୍ଷଣୀୟ, ଗ୍ରହଣୀୟ, ମନମତାଣିଆ କରିବା ସହିତ ପୂର୍ବଠାରୁ ଅଧିକ ଅନ୍ତର୍ଭୁକ୍ତିକରଣ ରଖିଛି । କପିଳ ଥିରାନୀ, ବିଜିନେସ ହେଡ଼, ସପ୍‌ସି ଏବଂ ଫ୍ଲିପକାର୍ଟ ମାର୍କେଟପ୍ଲେସ, ଫ୍ଲିପକାର୍ଟ, ମତବ୍ୟକ୍ତ କରି କହିଛନ୍ତି, ପର୍ବର ଋତୁ ଯେହେତୁ ବର୍ତ୍ତମାନ ପ୍ରତ୍ୟେକ କୋଣ ଅନୁକୋଣ ସହିତ ଆସିଯାଇଛି ଗ୍ରାଣ୍ଡ ସପ୍‌ସି ମେଳା ଏ ଦିଗରେ ଏକ ପ୍ରମୁଖ ମୂଲ୍ୟ ଅଗ୍ରଣୀ ସପିଙ୍ଗ ସକ୍ଷମକାରୀତାର ପ୍ରମୁଖ ଭାବରେ ବ୍ୟବସ୍ଥିତ ରୂପରେ ଭାରତକୁ ପ୍ରସ୍ତୁତ କରିବାକୁ ଯାଉଛି ।

## ଜିଏସଟି ସଂସ୍କାର

# ସରକାର ହରାଇବେ ୩୭୦୦ କୋଟି

ନୂଆଦିଲ୍ଲୀ : ଜିଏସଟି ସଂସ୍କାର ଯୋଗୁଁ ସରକାରଙ୍କ ୩୭ ଶହ କୋଟି ଟଙ୍କା ରାଜସ୍ୱ ହାନୀ ହେବ ବୋଲି ଷ୍ଟେଟ୍ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ରିପୋର୍ଟରେ ପ୍ରକାଶ ପାଇଛି । ରିପୋର୍ଟ ଅନୁଯାୟୀ ଜିଏସଟି ସରଳକାରଣ ଉପରେ ୪୮ ହଜାର କୋଟି ଟଙ୍କା ରାଜସ୍ୱ ଆସିବ ବୋଲି ଆକଳନ କରାଯାଇଛି । ଏସବିଆଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଯଦିଓ ୩୭ କୋଟି ଟଙ୍କା କ୍ଷତି ହେବ ତେବେ ବିତ୍ତୀୟ ନିଅଣ୍ଟ ଉପରେ ଏହାର ପ୍ରଭାବ ପଡିବ ନାହିଁ ।

କିଛି ଦିନ ତଳେ ଜିଏସଟି ପରିଷଦର ବୈଠକ ହୋଇଛି । ୪ ଥାକିଆ ଟିକସ ଢ଼ାଞ୍ଚାର ପରିବର୍ତ୍ତନ କରାଯାଇ, ଦୁଇ ଥାକିଆ ଟିକସ କରାଯାଇଛି । ଟିକସକୁ ୫% ଓ ୧୮% ସ୍ଲାବରେ ରଖାଯାଇଛି । ତେବେ କେତେକ ସାମଗ୍ରୀ ଉପରେ ୪୦ % ଟିକସ ରଖାଯାଇଛି । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଜିଏସଟିର ସରଳୀକରଣ ବ୍ୟାଙ୍କିଂ କ୍ଷେତ୍ର ଉପରେ ସକରାତ୍ମକ ପ୍ରଭାବ ପକାଇବ । ୨୦୧୭ ରେ ଏହାର ହାରି ହାରି ପ୍ରଭାବ ୧୪.୪% ରହିଥିବା ବେଳେ ଏବେ ଏହା ୯.୫%କୁ ହ୍ରାସ ପାଇବ । ଜିଏସଟି ଲାଗୁ ହେଲା ବେଳେ ୫%, ୧୨% ୧୮% ରହିଥିଲା । ସରଳକରଣ ପରେ ୨୯୫ ଥିବା ୧୨% ଟିକସ ଏବେ ୫% ଓ କେତେକ ସାମଗ୍ରୀ ଟିକସ ହୋଇଛି । ସିପିଆଇ ମୁଦ୍ରାସ୍ଫିତି ୨୫ ବେସିକ ପଏଣ୍ଟକୁ ୩୦ ବେସିକ ପଏଣ୍ଟକୁ ଚଳିତ ଆର୍ଥିକ ବର୍ଷରେ ହସିବାର ସମ୍ଭାବନା ରହିଛି ।

# ଅଖିଳେଶଙ୍କୁ ୮ ଲକ୍ଷ ଟଙ୍କାର ଫାଇନ

ନୂଆଦିଲ୍ଲୀ: ନିୟମ ଭାଙ୍ଗିବାରୁ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ଜରିମାନା ଦେବାକୁ ରସିଦ ପଠାଯାଇଛି ତେବେ ଏହି ଫାଇନ ରାଶି ୧୦ କି ୨୦ ହଜାର ନୁହେଁ ବରଂ ୮ ଲକ୍ଷ ଟଙ୍କାର ଫାଇନ ଦେବାକୁ କୁହାଯାଇଛି ବାସ୍ତବରେ ଅଖିଳେଶଙ୍କ କାରକେଡ଼ ସହ ତାଙ୍କ ବ୍ୟକ୍ତିଗତ ଗାଡି ନିୟମକୁ ଭାଙ୍ଗି ଦ୍ରୁତ ଗତିରେ ଯାଇଥିବାରୁ ଏହି ଫାଇନ ଜାରି କରାଯାଇଛି । ଏନେଇ ନିଜ ଭୁଲକୁ ସ୍ୱୀକାର କରିବା ପରିବର୍ତ୍ତେ ଅଖିଳେଶ ବିଜେପି ଉପରେ ଦୋଷ ଲଦିଛନ୍ତି । ସେ କହିଛନ୍ତି ଯେ ଆମକୁ ୮ ଲକ୍ଷ ଟଙ୍କାର ଚାଲାଣ ମିଳିଛି । ଗତକାଲି ଆମ ଗାଡ଼ିର ଚାଲାଣ ପାଇଛୁ । ତେବେ ଯିଏ ଚାଲାଣ ଜାରି କରିଛନ୍ତି ସେ ନିଶ୍ଚିତ ଭାବରେ ବିଜେପିର ହୋଇଥିବ, ଆମେ ଏହାର ତଦନ୍ତ କରିବୁ । ଅଖିଳେଶ ଯାଦବ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଲୋକମାନେ ଜାଣିଶୁଣି ଚାଲାଣ ଜାରି କରିଥିବେ । ମିଳିଥିବା ସୂଚନା ମୁତାବକ ଆଗ୍ରା ଏକ୍ସପ୍ରେସୱେରେ ଅଧିକ ଦ୍ରୁତଗତିରେ ଗାଡି ଚଳାଇବା ପାଇଁ ଅଖିଳେଶ ଯାଦବଙ୍କ କାରକେଡ଼ରେ ଥିବା ଗାଡ଼ିଗୁଡ଼ିକୁ ଜରିମାନା କରାଯାଇଛି ।

# ଆମେରିକାରେ ଭାରତୀୟ ଛାତ୍ର ହଟହଟା

## ବଢୁଛି ଭିସା କଟକଣା ଓ ଚାକିରି ସଙ୍କଟ



ନୂଆଦିଲ୍ଲୀ: ଆମେରିକାରେ ପଢୁଥିବା ଭାରତୀୟ ଛାତ୍ରମାନେ କଠୋର ଭିସା ନିୟମ ଏବଂ ଚାକିରି ସଙ୍କଟ ଯୋଗୁଁ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଟ୍ରମ୍ପ ପ୍ରଶାସନର ନୂଆ ଆପ୍ରବାସନ ନୀତି ଏବଂ ଅର୍ଥନୈତିକ ଅସ୍ଥିରତା ଯୋଗୁ ଏହି ଛାତ୍ରମାନଙ୍କର ଆମେରିକୀୟ ସ୍ୱପ୍ନ ବିପଦରେ ପଡ଼ିଛି । ଏକ ରିପୋର୍ଟ ଅନୁସାରେ, ଅନେକ ଛାତ୍ର ଅତିରିକ୍ତ ପାଠ୍ୟକ୍ରମରେ ନାମ ଲେଖାଇ କିମ୍ବା ଅଳ୍ପ ଦିନିଆ ଚାକିରି ଖୋଜି ନିଜର ଆମେରିକାରେ ରହଣି ଅବଧି ବଢ଼ାଇବାକୁ ଚେଷ୍ଟା କରୁଛନ୍ତି । ଏଥିପାଇଁ ସେମାନଙ୍କୁ ବହୁତ ସଂଘର୍ଷ କରିବାକୁ ପଡୁଥିବା ବେଳେ ଦିନକୁ ଦିନ ଆଇନଗତ ଜଟିଳତା ବଢିବାରେ ଲାଗିଛି ।

ଗତ ଅଗଷ୍ଟ ୨୮ରେ ଆମେରିକାର "ଡିପାର୍ଟମେଣ୍ଟ ଅଫ ହୋମଲ୍ୟାଣ୍ଡ ସିକ୍ୟୁରିଟି' ଏଫ-୧ ଭିସା ନିୟମରେ ନୂଆ କଟକଣା ଘୋଷଣା କରିଥିଲା ଏବଂ ଏହି ଆଧାରରେ ଛାତ୍ରମାନଙ୍କ ଚାରି ବର୍ଷର ନିଶ୍ଚିତ ରହଣି ଓ ପାଠ୍ୟକ୍ରମ ପରିବର୍ତ୍ତନରେ କଡ଼ା ନିୟମ ଲାଗୁ କରାଯାଇଛି । ଏହା ଛାତ୍ରମାନଙ୍କ ପାଇଁ ଅତିରିକ୍ତ ଚାପ ସୃଷ୍ଟି କରିଛି । କାରଣ ଏହି ନିୟମ ଅନୁସାରେ ଅଧିକ ଦିନ ରହିବା ଅବୈଧ ହୋଇପାରେ । ଏହା ବ୍ୟତୀତ, ଅପଫିକାଲ ପ୍ରାକଫିକାଲ ଟ୍ରେନିଂ (ଓପିଟି) ପ୍ରୋଗ୍ରାମ ବନ୍ଦ କରିବା ପାଇଁ ଏକ ବିଲ ଆମେରିକୀୟ କଂଗ୍ରେସରେ ଉ‌ଥାପିତ ହୋଇଛି, ଯାହା ଭାରତୀୟ ଛାତ୍ରମାନଙ୍କ ପାଇଁ ପଢ଼ା ପରେ କାମ କରିବାର ସୁଯୋଗକୁ ଅତି ମାତ୍ରାରେ ସଙ୍କୁଚିତ କରିଦେଇଛି । ଚାକିରି ବଜାରରେ ମଧ୍ୟ ସଙ୍କଟ ଦେଖାଦେଇଛି । ଅନେକ କମ୍ପାନି ଏଚ୍-୧ବି ଭିସା ଆଧାରରେ ଆବେଦନକାରୀଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି, ଯାହା ଭାରତୀୟ ଛାତ୍ରମାନଙ୍କ ପାଇଁ ଚାକିରି ପାଇବାକୁ ଅଧିକ କଷ୍ଟକର କରିଛି । କେତେକ ଧନୀ ପିତାମାତା ନିଜ ସନ୍ତାନଙ୍କ ପାଇଁ ଇବି-୫ ଭିସା ପାଇଁ ଆବେଦନ କରୁଛନ୍ତି, ଯାହା ସ୍ଥାୟୀ ବାସସ୍ଥାନ ଅଧିକାର ପ୍ରଦାନ କରେ ।

ଅନ୍ୟମାନେ ମାଇକ୍ରୋ-ଇଣ୍ଟର୍ନସିପ୍ କିମ୍ବା ଫ୍ରିଲାନ୍ସ କାମ ମାଧ୍ୟମରେ ତିଷ୍ଠି ରହିବାକୁ ଚେଷ୍ଟା କରୁଛନ୍ତି । ଏହି ସଙ୍କଟ ଯୋଗୁଁ ଭାରତୀୟ ଛାତ୍ରମାନଙ୍କ ମଧ୍ୟରେ ମାନସିକ ଚାପ ବଢ଼ିଛି । ଅନେକ ଛାତ୍ର ଆମେରିକା ପରିବର୍ତ୍ତେ ଜର୍ମାନୀ ଓ ଅଷ୍ଟ୍ରେଲିଆ ଭଳି ଦେଶମାନଙ୍କରେ ପଢ଼ିବା ପାଇଁ ପସନ୍ଦ କରୁଛନ୍ତି । ବର୍ଷକ ମଧ୍ୟରେ ଆମେରିକାରେ ଭାରତୀୟ ଛାତ୍ରଙ୍କ ନାମଲେଖା ୨୮% ହ୍ରାସ ପାଇଛି ।

## ଜିଏସଟି ସବୁଠାରୁ ବଡ଼ ନିଷ୍ପତ୍ତି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ହୋଇଥିବା ଜିଏସଟି ସଂସ୍କାର ଉପରେ କହିଛନ୍ତି ଯେ ଏହା ସ୍ୱାଧୀନତା ପରେ ଦେଶର ସବୁଠାରୁ ବଡ଼ ନିଷ୍ପତ୍ତି । ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ସହିତ ଏକ କାର୍ଯ୍ୟକ୍ରମରେ ସେ ଜିଏସଟି ସଂସ୍କାର ବିଷୟରେ ଉଲ୍ଲେଖ କରିଥିଲେ । ସେ କହିଥିଲେ- 'ସମୟୋଚିତ ପରିବର୍ତ୍ତନ ବିନା, ଆଜିର ବିଶ୍ୱ ପରିସ୍ଥିତିରେ ଆମେ ଆମ ଦେଶକୁ ଏହାର ଉପଯୁକ୍ତ ସ୍ଥାନ ଦେଇପାରିବୁ ନାହିଁ । ଏଥର ୧୫ ଅଗଷ୍ଟରେ, ମୁଁ ଲାଲକିଲ୍ଲାରୁ କହିଥିଲି ଯେ ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ପରବର୍ତ୍ତୀ ପିଢ଼ିର ସଂସ୍କାର ଆବଶ୍ୟକ । ମୁଁ ଦେଶବାସୀଙ୍କୁ ଏହା ମଧ୍ୟ ପ୍ରତିଶ୍ରୁତି ଦେଇଥିଲି ଯେ ଏହି ଦୀପାବଳି ଏବଂ ଛଠ ପୂଜା ପୂର୍ବରୁ ଖୁସି ଦୁଇଗୁଣ ହେବ ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏବେ ଜିଏସଟି ଆହୁରି ସରଳ ହୋଇଯାଇଛ । ଜିଏସଟି ର ମୁଖ୍ୟତଃ ଦୁଇଟି ହାର ବାକି ଅଛି, ୫ ପ୍ରତିଶତ ଏବଂ ୧୮ ପ୍ରତିଶତ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଜିଏସଟି ର ନୂତନ ହାର ୨୨ ସେପେଟମ୍ବରରୁ ଲାଗୁ ହେବ । ସେ କହିଛନ୍ତି ଯେ ଭାରତ ୨୧ ଶତାବ୍ଦୀରେ ଆଗକୁ ବଢ଼ିବା ସହିତ, ଜିଏସଟିରେ ପରବର୍ତ୍ତୀ ପିଢ଼ିର ସଂସ୍କାର କରାଯାଇଛି । ଜିଏସଟି -୨ ଦେଶ ପାଇଁ ସମର୍ଥନ ଏବଂ ଅଭିବୃଦ୍ଧିର ଏକ ଦ୍ୱିଗୁଣିତ ଡୋଜ୍ ।

# ବାଣିଜ୍ୟ କ୍ଷେତ୍ରର ଅଭିବୃଦ୍ଧି ତ୍ୱରାନ୍ୱିତ କରିବ ଜିଏସଟି ସଂସ୍କାର

ନୂଆଦିଲ୍ଲୀ:କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୩ ସେପେଟମ୍ବର ୨୦୨୫ରେ ଆୟୋଜିତ ଜିଏସଟି ପରିଷଦର ୫୬ତମ ବୈଠକରେ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ପାଇଁ ଏକ ସରଳୀକୃତ ଜିଏସଟି ବ୍ୟବସ୍ଥା ଅନୁମୋଦନ କରାଯାଇଛି । ଏହାର ଅଂଶରୂପ, ବିଭିନ୍ନ ପ୍ରମୁଖ ଶିଳ୍ପକ୍ଷେତ୍ରରେ ଉଲ୍ଲେଖନୀୟ ହାର ହ୍ରାସ କରାଯାଇଛି । ଚମଡା, ଜୋତା, କାଗଜ, ବୟନଶିଳ୍ପ, ହସ୍ତଶିଳ୍ପ, ଖେଳଣା, ପ୍ୟାକେଜିଂ ଓ ଲଜିଷ୍ଟିକ୍ସ ପରି ଅତ୍ୟାବଶ୍ୟକ ଶିଳ୍ପଗୁଡ଼ିକୁ ଏହି ସଂସ୍କାର ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି ।




ଅନେକ ସାମଗ୍ରୀରେ ଜିଏସଟି ସ୍ଲାବକୁ ୫% କୁ ହ୍ରାସ କରାଯାଇଥିବା ସହିତ, ପରିବହନ ଓ ଆନୁଷଙ୍ଗିକ କ୍ଷେତ୍ରରେ ହାରଗୁଡ଼ିକୁ ଯୁକ୍ତିସଙ୍ଗତ କରାଯାଇଛି । ଏହି ସଂସ୍କାରଗୁଡ଼ିକର ମୂଳ ଉଦ୍ଦେଶ୍ୟ ହେଉଛି-ଗ୍ରାହକଙ୍କ ଉପରେ ଖର୍ଚ୍ଚଭାର ହ୍ରାସ, ବ୍ୟବସାୟୀଙ୍କ ପାଇଁ ଅନୁପାଳନ ପ୍ରକ୍ରିୟାକୁ ସହଜ କରିବା ଏବଂ ଭାରତୀୟ ବ୍ୟବସାୟକୁ ଅଧିକ ପ୍ରତିଯୋଗିତାକ୍ଷମ କରିବା ।

ଏହି ଜିଏସଟି ସଂସ୍କାର ସଂପର୍କରେ ଆସୋଚାମର ମହାସଚିବ ମନୀଷ ସିଂଘଲ କହିଛନ୍ତି ଯେ, ଯେତେବେଳେ ଉପଭୋଗ ବୃଦ୍ଧି ପାଏ, ଏମଏସଏମଇ ସ୍ତରରେ ଉତ୍ପାଦିତ ଅନେକ ସାମଗ୍ରୀର ଚାହିଦା ମଧ୍ୟ ଅଧିକ ହେବ । ଏହା ସେମାନଙ୍କୁ ଲାଭ ଦେବ କାରଣ ସେମାନଙ୍କର ବ୍ୟବସାୟ ବୃଦ୍ଧି ପାଇବ । ଅନ୍ୟପକ୍ଷରେ, ଦୁଇଟି ସ୍ଲାବ୍ ସୃଷ୍ଟି ହେବା ସହିତ, ଏମଏସଏମଇ ଉପରେ ଅନୁପାଳନ ବୋଝ ବହୁତ ହ୍ରାସ ପାଇବ ।ଚମଡ଼ା ଶିଳ୍ପ , ଇ-କମର୍ସ, କାଗଜ ଓ ପ୍ୟାକେଜିଂ, କାଠ ଉତ୍ପାଦ ,ହସ୍ତଶିଳ୍ପ କ୍ଷେତ୍ର , ମାଲବାହୀ ଯାନ , ଫଳ ପନିପରିବା ଓ ଖାଦ୍ୟ ପ୍ରକ୍ରିୟାକରଣ ,ବୟନ ଶିଳ୍ପ ,ଖେଳନା ଓ କ୍ରୀଡ଼ା ସାମଗ୍ରୀ କ୍ଷେତ୍ରକୁ ଏହା ତ୍ୱରାନ୍ୱିତ କରିବ ।

## ସଶକ୍ତ ହେବେ ଦୁଗ୍ଧ ଚାଷୀ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତର ଦୁଗ୍ଧ ଚାଷୀ ଏବଂ ଗ୍ରାମୀଣ ଅର୍ଥବ୍ୟବସ୍ଥା ପ୍ରତି ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରି, ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବା ଓ ସମାବେଶୀ ବିକାଶକୁ ଅଗ୍ରସର କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଛନ୍ତି । ରାଷ୍ଟ୍ରୀୟ ଗୋକୁଳ ମିଶନ ପରି ପ୍ରମୁଖ ପଦକ୍ଷେପ, ସମବାୟ ପାଇଁ ବର୍ଦ୍ଧିତ ସମର୍ଥନ ଓ ନିରନ୍ତର କ୍ଷେତ୍ରୀୟ ସଂସ୍କାର ମାଧ୍ୟମରେ ସରକାର ଦୁଗ୍ଧ ଇକୋସିଷ୍ଟମର ଆଧୁନିକୀକରଣ ଓ ସଶକ୍ତିକରଣ ପାଇଁ ନିରନ୍ତର କାର୍ଯ୍ୟ କରିଛନ୍ତି । ସଦ୍ୟତମ ଜିଏସଟି ସଂସ୍କାର ଏହି ଅଭିଯାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଅମୁଲ ସମବାୟ ସମିତିର ଏକ ପୋଷ୍ଟ ଉପରେ ଏକ୍ସ ରେ ପ୍ରତିକ୍ରିୟା ଦେଇ ଶ୍ରୀ ମୋଦୀ କହିଛନ୍ତି ଭାରତର ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବାରେ ଆମର ଅନ୍ନଦାତାମାନଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିଛି । ରାଷ୍ଟ୍ରୀୟ ଗୋକୁଳ ମିଶନ ଭଳି ପଦକ୍ଷେପ, ସମବାୟ ସମିତିକୁ ସମର୍ଥନ ଏବଂ ନିରନ୍ତର ସଂସ୍କାର ମାଧ୍ୟମରେ, ଆମ ସରକାର ଭାରତର ଦୁଗ୍ଧ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଲକ୍ଷ ଲକ୍ଷ ଦୁଗ୍ଧ ଚାଷୀମାନଙ୍କୁ ସଶକ୍ତ କରିବା, ମୂଲ୍ୟ ସଂଯୋଜନକୁ ପ୍ରୋତ୍ସାହନ ଦେବା ଏବଂ ପ୍ରତ୍ୟେକ ପରିବାର ପାଇଁ ଦୁଗ୍ଧଜାତ ଦ୍ରବ୍ୟକୁ ଅଧିକ ସୁଲଭ କରିବା ଦିଗରେ ଏହି ଜିଏସଟି ସଂସ୍କାର ହେଉଛି ଆଉ ଏକ ପଦକ୍ଷେପ ।

# ବନ୍ୟାରେ ଦିଲ୍ଲୀ ବେହାଲ



ନୂଆଦିଲ୍ଲୀ : ଯମୁନା ନଦୀର ଜଳସ୍ତର ବିପଜ୍ଜନକ ଭାବେ ବୃଦ୍ଧି ପାଇ ରାଜଧାନୀର ବ୍ୟାପକ ଅଞ୍ଚଳରେ ବନ୍ୟା ସୃଷ୍ଟି କରିଛି । ଯମୁନା ଜଳସ୍ତର ଆଜି ସର୍ବୋଚ୍ଚ ୨୦୭.୪୮ ମିଟରକୁ ପହଞ୍ଚିଛି, ଯାହା ଦିଲ୍ଲୀର ଇତିହାସରେ ତୃତୀୟ ସର୍ବୋଚ୍ଚ ସ୍ତର ଭାବେ ରେକର୍ଡ ହୋଇଛି । ଲଗାଣ ମୌସୁମୀ ବର୍ଷା ଏହି ସ୍ଥିତିକୁ ଆହୁରି ଜଟିଳ କରିଛି । ଯମୁନା ବଜାର ଅଞ୍ଚଳରେ ଥିବା ରିଲିଫ କ୍ୟାମ୍ପଗୁଡ଼ିକ ଜଳମଗ୍ନ ହେବା ଫଳରେ ଶତାଧିକ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏହା ସହିତ ଗାଜିଆବାଦର ଲୋନି ଅଞ୍ଚଳରେ ନିର୍ମାଣାଧୀନ ଏକ ଫ୍ଲାଏଓଭର ଭାଙ୍ଗି ପଡ଼ିଛି । ଏଭଳି ଘଟଣା ବନ୍ୟାର ଭୟାବହତାକୁ ପ୍ରତିଫଳିତ କରୁଛି ।

ଆଜି ୮,୦୧୮ ଲୋକଙ୍କୁ ଅସ୍ଥାୟୀ ରିଲିଫ୍ ଶିବିରକୁ ପଠାଯାଇଥିବା ବେଳେ ୨,୦୩୦ ଲୋକଙ୍କୁ ସ୍ଥାୟୀ କ୍ୟାମ୍ପକୁ ପଠାଯାଇଛି । ବନ୍ୟା ପାଣି ହଜାର ହଜାର ଲୋକଙ୍କ ଘରେ ପଶିଯାଇଛି । ପୂର୍ବ ଦିଲ୍ଲୀର ମୟୂରବିହାରରେ କିଛି ବିସ୍ଥାପିତ ପରିବାର ପାଇଁ ସ୍ଥାପିତ ହୋଇଥିବା ରିଲିଫ୍ ଶିବିର ଜଳମଗ୍ନ ହୋଇଯିବାରୁ ତାହାକୁ ବନ୍ଦ କରାଯାଇଛ । ଫଳରେ ଲୋକମାନେ ଅନ୍ୟତ୍ର ଯିବାପାଇଁ ବାଧ୍ୟ ହୋଇଛନ୍ତି । ଭୀଷଣ ବର୍ଷାରେ ଆଲିପୁରରେ ଜାତୀୟ ରାଜପଥ-୪୪ରେ ଏକ ବିଶାଳ ଫାଟ ସୃଷ୍ଟି ହେବାରୁ କେତେକ ଗାଡ଼ି ଫସିଯାଇଛି । ଦିଲ୍ଲୀର ସ୍ୱାମୀନାରାୟଣ ମନ୍ଦିର ଏବେ ଏକ ନଦୀ ମଝିରେ ଠିଆ ହୋଇଥିବା ଭଳି ମନେ ହେଉଛି । ମନ୍ଦିରକୁ ସଂଯୋଗ କରୁଥିବା ଏକ ନବ ନିର୍ମିତ ଫୁଟ୍‌ଓଭର୍ ବ୍ରିଜ୍ ଆଉ ଦେଖାଯାଉନି । ଦିଲ୍ଲୀ ସହରର ସବୁଠାରୁ ବଡ଼ ଶ୍ମଶାନ ନିଗମବୋଧ ଘାଟରେ ବନ୍ୟା ପାଣି ପଶିଯିବାରୁ ଏଠାରେ ଶବଦାହ କାର୍ଯ୍ୟ ବନ୍ଦ ରହିଛି ।

## ପାଦରେ ସ୍ପାଏ କ୍ୟାମେରା ଲଗାଇ ପାଇଲଟ୍ ଗିରଫ

ନୂଆଦିଲ୍ଲୀ: ଦିଲ୍ଲୀ ପୁଲିସ ଏକ ଘରୋଇ ଏୟାରଲାଇନ୍ସର ଜଣେ ପାଇଲଟଙ୍କୁ ଗିରଫ କରିଛି । ତାଙ୍କ ଉପରେ ସ୍ପାଏ କ୍ୟାମେରାରେ ବଜାରରେ ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ରେକର୍ଡିଂ କରିବାର ଅଭିଯୋଗ ରହିଛି । ଯୁବତୀ ଜଣଙ୍କ ପୁଲିସର ସାହାଯ୍ୟ ଲୋଡ଼ିଥିଲା, କିନ୍ତୁ ସମସ୍ୟା ଥିଲା ଯେ ସେ ଅଭିଯୁକ୍ତର ନାମ କିମ୍ବା ପରିଚୟ ଜାଣି ନଥିଲା । ଏହାପରେ ପୁଲିସ ବହୁତ ଚେଷ୍ଟା ପରେ ତାକୁ ଧରିପାରିଥିଲା । ଘଟଣାଟି ଦିଲ୍ଲୀର ଦକ୍ଷିଣ ପଶ୍ଚିମ ଜିଲ୍ଲାର କିଶନଗଡ଼ ଅଞ୍ଚଳର । ଅଗଷ୍ଟ ୩୦ ରାତି ପ୍ରାୟ ୧୦:୨୦ ସମୟରେ କିଶନଗଡ଼ ଅଞ୍ଚଳର ଜଣେ ଯୁବତୀ ଶନି ବଜାରକୁ ଯାଇଥିଲେ । ସେହି ସମୟରେ ସେ ଦେଖିଥିଲେ ଯେ ଜଣେ ଅଜଣା ବ୍ୟକ୍ତି ଆପତ୍ତିଜନକ ଭାବରେ ତାଙ୍କର ଭିଡିଓ କରିବାକୁ ଚେଷ୍ଟା କରୁଛନ୍ତି । ବ୍ୟକ୍ତି ଜଣକ ଲାଇଟର ଭଳି ଦେଖାଯାଉଥିବା କ୍ୟାମେରାରେ ତାଙ୍କ ଭିଡିଓ ରେକର୍ଡିଂ କରୁଥିଲେ ।

ଯୁବତୀ ଜଣଙ୍କ ତୁରନ୍ତ ପୁଲିସ ପାଖକୁ ଯାଇ ଅଭିଯୋଗ କରିଥିଲା । କିଶନଗଡ଼ ପୋଲିସ ଷ୍ଟେସନରେ ଯୁବତୀଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରାଯାଇଥିଲା । ମାମଲାଟି ସମ୍ବେଦନଶୀଳ ଥିଲା, ତେଣୁ ପୁଲିସ ପ୍ରଥମେ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା । ସେଠାରୁ ସେମାନେ ଅଭିଯୁକ୍ତଙ୍କ ଫଟୋ ବାହାର କରିଥିଲେ । ବହୁତ ଚେଷ୍ଟା ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା । ପଚରାଉଚରା ସମୟରେ ସେ ତା ଅପରାଧ ମଧ୍ୟ ସ୍ୱୀକାର କରିଥିଲା ।


ପୁଲିସ ଅନୁଯାୟୀ, ଅଭିଯୁକ୍ତଙ୍କ ନାମ ମୋହିତ ପ୍ରିୟଦର୍ଶୀ । ୩୧ ବର୍ଷୀୟ ମୋହିତ ଉତ୍ତରପ୍ରଦେଶର ଆଗ୍ରା ଅଂଚଳର ।ସେ ଏକ ଘରୋଇ ଏୟାରଲାଇନ୍ସରେ ପାଇଲଟ୍ ଭାବରେ କାମ କରନ୍ତି । ପୁଲିସ ତାଙ୍କଠାରୁ ଏକ ସ୍ପାଏ କ୍ୟାମେରା ମଧ୍ୟ ଜବତ କରିଛି । ସେ ବିଶେଷକରି ଛୋଟ ପୋଷାକ ପିନ୍ଧି ବଜାର କିମ୍ବା ମଲକୁ ଆସୁଥିବା ଝିଅମାନଙ୍କୁ ଟାର୍ଗେଟ କରୁଥିଲା ।

# ନକଲି ଆଇଏଏସ୍ ଅଫିସର ଗିରଫ

ଲକ୍ଷ୍ନୌ: ନିଜକୁ ଆଇଏଏସ୍ ଅଫିସରର ପରିଚୟ ଦେଇ ଦେଶର ବିଭିନ୍ନ ରାଜ୍ୟରେ ଲୋକଙ୍କୁ ଚୂନ ଲଗାଇଥିବା ଜଣେ ୩୬ ବର୍ଷୀୟ ବ୍ୟକ୍ତିଙ୍କୁ ପୁଲିସ୍ ଲକ୍ଷ୍ନୌରୁ ଗିରଫ କରିଛି । ଗିରଫ ନକଲି ଆଇଏଏସ୍ ଜଣଙ୍କ ହେଲେ ସୌରଭ ତ୍ରିପାଠୀ ଓ ତାଙ୍କ ଘର ଗୌତମ ବୁଦ୍ଧ ନଗରରେ । ସେ ନକଲି ଦସ୍ତାବିଜ, ଜାଲ ସରକାରୀ ପାସ୍ ଓ ଗାଡ଼ିରେ ବ୍ଲୁ ବତୀ ଲଗାଇ ନିଜକୁ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ପରିଚୟ ଦେଇ ବେଧଡ଼କ ନିଜ କାରନାମା ଜାରି ରଖିଥିଲେ । ପୁଲିସ୍ କାରଗିଲ ସହିଦ ପାର୍କରେ ନିୟମିତ ଚେକିଂ ବେଳେ ତ୍ରିପାଠୀଙ୍କୁ ଗିରଫ କରିଛ । ପୁଲିସ୍ ତାଙ୍କ ଠାରୁ ୬ଟି ବଡ଼ ଗାଡ଼ି ଜବତ କରିଛି । ଏହା ମଧ୍ୟରେ ମର୍ସିଡିଜ, ଡିଫେଣ୍ଡର, ଫର୍ଚୁନର ଓ ୨ଟି ଇନୋଭା କ୍ରାୟଷ୍ଟସ ରହିଛି । ଏହି ସବୁ ଗାଡ଼ିରେ ନକଲି ଆଇଏଏସ୍ ଜଣଙ୍କ ଜାଲ୍ ଉପାୟରେ ହାସଲ କରିଥିବା ସରକାରୀ ପାସ୍ ଲଗାଇଥିଲେ । ଏହାବାଦ ଗୋଟିଏ ଲ୍ୟାପଟପ, ଏକାଧିକ ମୋବାଇଲ ଫୋନ, ନଗଦ ଟଙ୍କା ଓ କିଛି ଜାଲ କାଗଜପତ୍ର ମଧ୍ୟ ତାଙ୍କଠାରୁ ଜବତ କରାଯାଇଛି ।

# ପତ୍ନୀଙ୍କୁ ହତ୍ୟା ପରେ ୧୭ ଖଣ୍ଡ କରି ଫିଙ୍ଗିଦେଲା


## ପୋଲିସ ନିକଟରେ ଅଭିଯୁକ୍ତ ସ୍ୱାମୀର ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି



ମହାରାଷ୍ଟ୍ରର ଭିଓ୍ୱାନିରେ ଏକ ଲୋମହର୍ଷଣକାରୀ ଘଟଣା ଘଟିଛି । ଉକ୍ତ ଅଞ୍ଚଳର ଗୋଟିଏ କଂସେଇ ଖାନା ନିକଟରୁ ଜଣେ ମହିଳାଙ୍କ କଟା ମୁଣ୍ଡ କିଛି ଦିନ ତଳେ ପୁଲିସ ଜବତ କରିଥିଲା । ଏହାପରେ ପୂରା ଘଟଣା ସାମ୍ନାକୁ ଆସିଛି । ହତ୍ୟାର ପ୍ରକୃତ କାରଣ ଏଯାଏ ଜଣାପଡ଼ିନି । କାରଣ ଗିରଫ ହୋଇଥିବା ଅଭିଯୁକ୍ତ ତାହା ନିୟମିତ ବୟାନ ବଦଳାଉଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି । ତେବେ କଟା ମୁଣ୍ଡଟି ଜଣେ ୨୫ରୁ ୨୮ ବର୍ଷୀୟ ମହିଳାଙ୍କର । ଇଦଗା ରୋଡ ବସ୍ତି ଓ ଏଠାକାର ଗୋଟିଏ କଂସେଇ ଖାନା ନିକଟରୁ ଅଗଷ୍ଟ ୩୦ରେ ପୁଲିସକୁ କଟା ମୁଣ୍ଡ ମିଳିଥିଲା । ଏହାପରେ ପୁଲିସ୍ ମହିଳାଙ୍କ ସ୍ୱାମୀ ଙ୍କୁ ଗିରଫ କରିଛ । ଗିରଫ ଅଭିଯୁକ୍ତ ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର କରିଛି । ସେ ମୃତଦେହକୁ ମୋଟ ୧୭ ଖଣ୍ଡ କରିଥିବା ପୁଲିସକୁ କହିଛନ୍ତି ।

ଏହି ଖବର ପାଇବା ପରେ ମୁସ୍କାନଙ୍କ ମୃତଦେହର ବାକି ଅଂଶକୁ ଠାବ କରିବା ପାଇଁ ପୁଲିସ୍ ଲାଗି ପଡ଼ିଛି ।ଡ୍ରୋନ ଓ ଅଗ୍ନିଶମ ବାହିନୀଙ୍କୁ ମଧ୍ୟ ଏହି କାମରେ ନିୟୋଜିତ କରାଯାଇଛି । ମୁସ୍କାନଙ୍କ ନିଖୋଜ ନେଇ ପ୍ରଥମେ ତାଙ୍କ ମା' ହନିଫା ଖାନ ପୁଲିସରେ ଅଭିଯୋଗ କରିଥିଲେ । ଭୋଇଓ୍ୱାଡା ପୁଲିସ ଷ୍ଟେସନର ବରିଷ୍ଠ ଇନସପେକଟର ଅଶୋକଙ୍କ କହିବା କଥା ହନିଫା ଦାବି କରିଥିଲେ ଯେ ତାଙ୍କ ଝିଅର ଫୋନ ୨ ଦିନ ହେଲା ବନ୍ଦ ରହିଛି । ଜ୍ୱାଇଁଙ୍କ ଫୋନ ବାଜୁଥିଲେ ହେଁ ସେ ଉତ୍ତର ଦେଉ ନାହାନ୍ତି । ଏହି ସମୟରେ ପୁଲିସ୍ କଂସେଇ ଖାନା ନିକଟରୁ ଜବତ କରିଥିବା କଟା ମୁଣ୍ଡକୁ ହନିଫାଙ୍କୁ ଦେଖାଇଥିଲା । ସେ କଟା ମୁଣ୍ଡ ମୁସ୍କାନଙ୍କର ବୋଲି ଚିହ୍ନଟ କରିଥିଲେ ।

## ବିକାଶ- ପରିବେଶ ସୁରକ୍ଷା ସନ୍ତୁଳନ ଜରୁରୀ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ଉତ୍ତର ଭାରତର ବନ୍ୟାଗ୍ରସ୍ତ ରାଜ୍ୟମାନଙ୍କର ସାଂପ୍ରତିକ ସ୍ଥିତି ଏବଂ ପରିବେଶ ବିପଦକୁ ନେଇ ସୁପ୍ରିମକୋର୍ଟର୍ ଉଦବେଗ ପ୍ରକାଶ କରିଛନ୍ତି । ଭୟାନକ ବନ୍ୟାରେ ପ୍ରଭାବିତ ପଞ୍ଜାବ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଜମ୍ମୁ ଓ କାଶ୍ମୀରରେ ବେଆଇନ ଗଛ କଟାଯିବା ଅତି ଗମ୍ଭୀର ସ୍ଥିତି ସୃଷ୍ଟି କରିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏଥିପାଇଁ କେନ୍ଦ୍ର ଓ ସମସ୍ତ ପ୍ରଭାବିତ ରାଜ୍ୟଙ୍କୁ ନୋଟିସ୍ ଜାରି କରିଛନ୍ତି ।ସୁପ୍ରିମକୋର୍ଟ ନିଜଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରି ସରକାରଙ୍କୁ ଜବାବ ମାଗିଛନ୍ତି । ଅବାଧ ଗଛ କଟା ଯୋଗୁଁ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ବଢୁଥିବାରୁ କୋର୍ଟ ଏ ନେଇ ବିସ୍ତୃତ ତଥ୍ୟ ଓ ପ୍ରତିକାର ବ୍ୟବସ୍ଥା ମଧ୍ୟ ଲୋଡ଼ିଛନ୍ତି ।

ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର୍. ଗଓ୍ୱାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ, ପାହାଡ଼ିଆ ଅଞ୍ଚଳରେ ଅନିୟନ୍ତ୍ରିତ ଗଛ କଟା ଯୋଗୁଁ ପରିବେଶରେ ବିପର୍ଯ୍ୟୟ ସୃଷ୍ଟି ହେଉଛି ଏବଂ ଏହା ବନ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକର ମୂଳ କାରଣ ପାଲଟିଛି ।ଏହି ଅଞ୍ଚଳଗୁଡ଼ିକରେ ବନ୍ୟାଜନିତ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ଆସିବା ପରେ ଅଦାଲତ ଏହି ପଦକ୍ଷେପ ନେଇଛନ୍ତି । ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି ଯେ ବିକାଶ ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଆବଶ୍ୟକ । ଅନ୍ୟଥା ଅତି ଭୟାନକ ସ୍ଥିତିକୁ ସାମନା କରିବାକୁ ପଡ଼ିବ । ଅବାଧ ଗଛ କଟା ସାଂଘାତିକ ସ୍ଥିତି ସୃଷ୍ଟି କରିଥିଲେ ମଧ୍ୟ ଏ ବାବଦ ନିୟମର ଖୋଲାଖୋଲି ଉଲ୍ଲଂଘନ ବିସ୍ମୟକର ବୋଲି ଖଣ୍ଡପୀଠ କହିଛନ୍ତି ।

ରାଜ୍ୟ ସରକାରମାନେ ବେଆଇନ ଗଛକଟା ରୋକିବା ପାଇଁ କଠୋର ପଦକ୍ଷେପ ନେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅଦାଲତ କହିଛନ୍ତି ଯେ ପରିବେଶ ସୁରକ୍ଷା ନିମନ୍ତେ ସମସ୍ତ ନିୟମ କଡ଼ାକଡ଼ି ପାଳନ କରାଯିବା ଉଚିତ । ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ବନ୍ୟା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି ଏବଂ ସେଠାରେ ଅବାଧ ଗଛକଟା ଏହି ସମସ୍ୟାକୁ ଜଟିଳ କରିଛି ।

# ଏସିଆ କପ ହକି

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତର ଗୋଲ୍ ବର୍ଷା



ହାଙ୍ଗଝୌ,୬।୯ (ଏଜେନ୍ସି) : ହାଙ୍ଗଝୌରେ ଆରମ୍ଭ ହୋଇଥିବା ମହିଳା ଏସିଆ କପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତର ଗୋଲ୍ ବର୍ଷା ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ରେ ଭାରତ ୧୧-୦ ଗୋଲ୍‌ରେ ଥାଇଲାଣ୍ଡକୁ ଧରାଶାୟୀ କରିଛି। ମମତାଜ୍ ଖାନ୍, ଉଦିତା ଓ ବିୟୁଟି ଡୁଙ୍ଗଡୁଙ୍ଗ ପ୍ରତ୍ୟେକ ଦୁଇଟି ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ପୁଲ୍-ବି'ର ଏହି ମ୍ୟାଚ୍‌ରେ ଭାରତ ଜମାଣିଆ ଆରମ୍ଭ କରିଛି। ମମତାଜ ଖାନ୍ ୭ ଓ ୪୯ ତମ ମିନିଟ୍‌ରେ ଦୁଇଟି, ଉଦିତା ୩୦ ଓ ୫୨ତମ ମିନିଟ୍‌ରେ ଦୁଇଟି, ବିୟୁଟ୍ ଡୁଙ୍ଗଡୁଙ୍ଗ ୪୫ ଓ ୫୪ତମ ମିନିଟ୍‌ରେ ଦୁଇଟି, ସଂଗୀତା କୁମାରୀ ୧୦ମ ମିନିଟ୍, ନଭନିତ କୌର ୧୬ତମ ମିନିଟ୍, ଲାଲ୍‌ରେମସିଆମି ୧୮ତମ ମିନିଟ, ସର୍ମିଳା ଦେବୀ ୫୭ତମ ମିନିଟ୍ ଓ ରୁତୁଜା ଦାଦାଶୋ ପିସାଲ ୬୦ତମ ମିନିଟ୍‌ରେ ଗୋଲ୍ କରିଥିଲେ। ଶନିବାର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଜାପାନକୁ ଭେଟିବ। ଏହି ମ୍ୟାଚ୍ ଭାରତୀୟ ସମୟ ୪.୩୦ରେ ଆରମ୍ଭ ହେବ।

## ମାଲେସିଆ ବିପକ୍ଷରେ ବଡ଼ ବିଜୟ

ରାଜଗିରି,୬।୯ (ଏଜେନ୍ସି) : ବିହାରରେ ଚାଲିଥିବା ଏସିଆ କପ୍ ହକିରେ ଭାରତର ଜମାଣିଆ ପ୍ରଦର୍ଶନ ଜାରି ରହିଛି। ଭାରତ ସୁପର ଫୋର୍ ଦ୍ୱିତୀୟ ମୁକାବିଲାରେ ମାଲେସିଆକୁ ୪-୧ ଗୋଲ୍‌ରେ ଧରାଶାୟୀ କରିଛି। ଏଥିସହ ଭାରତ ନିଜର ସ୍ଥିତି ମଜଭୁତ କରିଛି। ଆରମ୍ଭରୁ ମାଲେସିଆ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଭାରତ ବିପକ୍ଷରେ ପ୍ରଥମ ଗୋଲ କରିଥିଲା। ସଫିକ୍ ହାସନ ଏହି ଗୋଲ୍ ଦେଇଥିଲେ। ଏହାପରେ ଭାରତ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମନପ୍ରୀତ ସିଂହ ଗୋଲ କରି ମ୍ୟାଚ୍‌କୁ ୧-୧ ସ୍ଥିତିକୁ ଆଣିଥିଲେ। ସୁଖଜିତ୍ ସିଂ, ଓଡ଼ିଆ ପୁଅ ଶିଳାନନ୍ଦ ଲାକ୍ରା ଓ ବିବେକ ପ୍ରସାଦ ଗୋଲ୍ କରିବାରୁ ଭାରତ ୪-୧ ବ୍ୟବଧାନରେ ବଡ଼ ବିଜୟ ଲାଭ କରିଛି। ମାଲେସିଆ ମ୍ୟାଚ୍‌କୁ ଫେରିବା ପାଇଁ ଯଥାସମ୍ଭବ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନଥିଲା।

## ୟୁଏସ୍ ଓପନ
## ସାବାଲେଙ୍କା-ଆନିସିମୋଭା ଫାଇନାଲ



ନୂଆଦିଲ୍ଲୀ,୬।୯ (ଏଜେନ୍ସି) : ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ଆର୍ୟାନା ସାବାଲେଙ୍କା ଓ ଆମନ୍ଦା ଆନିସିମୋଭାଙ୍କ ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ପୂର୍ବରୁ ଅନୁଷ୍ଠିତ ଦୁଇଟି ସେମିଫାଇନାଲରେ ଆମନ୍ଦା ଆନିସିମୋଭା ଓ ଆର୍ୟାନା ସାବାଲେଙ୍କା ଜମାଣିଆ ବିଜୟ ଲାଭ କରିଥିଲେ। ଆନିସିମୋଭା ଓ ଜାପାନର ନାଓମି ଓସାକାଙ୍କ ମଧ୍ୟରେ ୩ ସେଟ୍‌ର ଲଢ଼େଇ ହୋଇଥିଲା। ଆନିସିମୋଭା ୬-୭, ୭-୬, ୬-୩ ସେଟ୍‌ରେ ଓସାକାଙ୍କୁ ପରାଜିତ କରି ୟୁଏସ୍ ଓପନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ସେହଭଳି ଦ୍ୱିତୀୟ ସେମିଫାଇନାଲରେ ଆର୍ୟାନା ସାବାଲେଙ୍କା ଓ ଜେସିକା ପେଗୁଲା ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍‌ରେ ସାବାଲେଙ୍କା ୪-୬, ୬-୩, ୬-୪ ସେଟ୍‌ରେ ପେଗୁଲାଙ୍କୁ ପରାଜିତ କରି ଫାଇନାଲ୍‌ରେ ପ୍ରବେଶ କରିଛନ୍ତି।

ରବିବାର ଉଭୟଙ୍କ ମଧ୍ୟରେ ଟାଇଟଲ ଲଢ଼େଇ ହେବ। ସେହିଭଳି ପୁରୁଷ ସିଙ୍ଗଲ୍ସର ପ୍ରଥମ ସେମିଫାଇନାଲ ଜୋକୋଭିକ ଓ କାର୍ଲୋସ ଆଲକାରେଜ ଓ ଦ୍ୱିତୀୟ ସେମି ଜାନିକ ସିନର ଓ ଫେଲିକ୍ସ ଆଉଜରଙ୍କ ମଧ୍ୟରେ ଲଢ଼େଇ ହେବ।

## ତୃତୀୟ ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର, ୬।୯ (ସବ୍ୟୁ) : ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ତୃତୀୟ ରାଜ୍ୟ କ୍ଲବ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ କ୍ଲବ୍‌ରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଓ ଅଫିସିଆଲ ଯୋଗ ଦେଇଛନ୍ତି। ପ୍ରତିଯୋଗିତାରେ ଆୟୋଜକଙ୍କ ତରଫରୁ ୮୦ ହଜାର ଟଙ୍କା, କୃତୀ ଖେଳାଳିଙ୍କୁ ୧.୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ନୂତନ ଖେଳାଳିଙ୍କୁ ଶକ୍ତି ଉତ୍ତୋଳନ ଖେଳ ପ୍ରତି ଆକୃଷ୍ଟ କରିବା ନିମନ୍ତେ ଏହି କ୍ଲବ୍ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ପ୍ରତିଯୋଗିତାରେ ପୁରୁଷ ବିଭାଗର ୫୩ କେଜି, ୫୯ କେଜି ଓ ୬୬ କେଜି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




## ସିଆଇଏସ୍‌ଏଫ୍‌ରେ ଚାକିରି କରିବେ ୨୪ ଖୋଖୋ ଖେଳାଳି

ନୂଆଦିଲ୍ଲୀ,୬।୯ (ଏଜେନ୍ସି) : କ୍ରୀଡ଼ା କୋଟା ମାଧ୍ୟମରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ଇଆଇଏସ୍‌ଏଫ୍)ରେ ହେଡ୍ କନେଷ୍ଟବଳ ପଦ ପାଇଁ ୨୪ ଜଣ ଖୋଖୋ ଖେଳାଳି ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୨ ଜଣ ପୁରୁଷ ଓ ୧୨ ଜଣ ମହିଳା ଅଛନ୍ତି। ଉକ୍ତ ଖେଳାଳିମାନେ ମଧ୍ୟପ୍ରଦେଶରେ ଥିବା ଭୋପାଳରେ ଥିବା ଭାରତ ହେଭି ଇଲେକ୍‌ଟ୍ରିକାଲ୍ସ ଲିଃ (ବିଏଚ୍‌ଇଏଲ୍) କ୍ୟାମ୍ପସ୍‌ରେ ନିଯୁକ୍ତି ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ମନୋନୀତ ସମସ୍ତ ଖେଳାଳି ଦେଶର ବିଭିନ୍ନ ରାଜ୍ୟ ଯଥା- ମହାରାଷ୍ଟ୍ର, କେରଳ, ତାମିଲନାଡୁ, ହରିୟାଣା, ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟରୁ ଆସି ନିଜ ନିଜ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଛନ୍ତି। ଏହି ଖେଳାଳିମାନେ ଜାତୀୟ କ୍ରୀଡ଼ା, ଦ୍ୱିପାକ୍ଷିକ ଅନ୍ତର୍ଜାତୀୟ ଶୃଙ୍ଖଳା ଏବଂ ଚଳିତବର୍ଷ ଅନୁଷ୍ଠିତ ପ୍ରଥମ ଖୋଖୋ ବିଶ୍ୱକପ୍ ପରି ପ୍ରତିଷ୍ଠିତ ପ୍ଲାଟ୍‌ଫର୍ମରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ନିଯୁକ୍ତି ପରୀକ୍ଷଣରେ ଉତ୍ତୀର୍ଣ୍ଣ ହୋଇଥିବା ଅନେକ ଖେଳାଳି ଅଲ୍ଟିମେଟ ଖୋଖୋ ଲିଗ୍ ସିଜନ୍ ୧ ଓ ୨ରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଶ୍ରେଷ୍ଠ ସ୍ତରର ପ୍ରଦର୍ଶନକାରୀ ଭାବରେ ନିଜର ଛାପ ଛାଡ଼ିଛନ୍ତି। ସିଆଇଏସ୍‌ଏଫ୍‌ରେ ସେମାନଙ୍କର ପ୍ରବେଶ ଭାରତର ସବୁଠାରୁ ପୁରୁଣା ଏବଂ ସ୍ପନ୍ଦନଶୀଳ ପାରମ୍ପରିକ କ୍ରୀଡ଼ା ମଧ୍ୟରୁ ଖୋଖୋର ବର୍ଦ୍ଧିତ ଉତ୍କର୍ଷତା ସୁଯୋଗ ଏକ କ୍ରୀଡ଼ା ଭାବେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ। ଖୋଖୋ ଫେଡେରେସନ୍ ଅଫ୍ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ କହିଛନ୍ତି, ଆମର ଯୁବ ଖୋଖୋ ଖେଳାଳିମାନେ ମେରିଟ୍ ତାଲିକାରେ ସ୍ଥାନ ପାଇବା ଅତ୍ୟନ୍ତ ଉତ୍ସାହଜନକ। ଖୋଖୋର ନୂତନ କ୍ୟାରିୟର ପଥ ଖୋଲିଦେଉଛି। ଅଧିକ ଯୁବ ପିଢ଼ିଙ୍କୁ କ୍ରୀଡ଼ାରେ ବଡ଼ ସ୍ୱପ୍ନ ଦେଖାଇବା ପାଇଁ ପ୍ରେରଣା ଦେଉଛି। ଏହି ସଫଳତା କେବଳ ବ୍ୟକ୍ତିଗତ ଖେଳାଳିଙ୍କ ପାଇଁ ନୁହେଁ ବରଂ ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ଖୋଖୋର ବର୍ଦ୍ଧିତ ପ୍ରତିଷ୍ଠାକୁ ସୁଦୃଢ଼ କରୁଛି।

ଏପର୍ଯ୍ୟନ୍ତ ସାରା ଭାରତରେ ୩ ହଜାରରୁ ଅଧିକ ଖୋଖୋ ଖେଳାଳି ରେଳବାଇ, ଆୟକର ବିଭାଗ, ବ୍ୟାଙ୍କ, ଡାକ ବିଭାଗ ଏବଂ ବିଭିନ୍ନ ଅର୍ଦ୍ଧ ସାମରିକ ବାହିନୀରେ କ୍ରୀଡ଼ା କୋଟା ଅଧୀନରେ ନିଯୁକ୍ତି ପାଇଛନ୍ତି। ସିଆଇଏସ୍‌ଏଫ୍‌ରେ ୨୪ ଜଣ ଖେଳାଳିଙ୍କ ନିଯୁକ୍ତିକୁ କ୍ରୀଡ଼ାର ବର୍ଦ୍ଧିତ ସ୍ୱୀକୃତି ଏବଂ ସ୍ଥାୟିତ୍ୱ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବେ ଦେଖାଯାଉଛି।




## ଶ୍ରୀନିବାସନ ଚେନ୍ନାଇ ସୁପରକିଙ୍ଗ୍ସ ଚେୟାରମ୍ୟାନ



ଚେନ୍ନାଇ,୬।୯ (ଏଜେନ୍ସି) : ବିଗତ ସଂସ୍କରଣଗୁଡ଼ିକରେ ଚେନ୍ନାଇ ସୁପର କିଙ୍ଗସ୍‌ର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଗୁରୁବାର ଚେନ୍ନାଇ ସୁପରକିଙ୍ଗସ୍ ଏନ୍. ଶ୍ରୀନିବାସନଙ୍କୁ ପୁନର୍ବାର ଚେୟାରମ୍ୟାନ୍ ଭାବେ ନିଯୁକ୍ତ କରିଛି। ଶ୍ରୀନିବାସନଙ୍କ ପ୍ରତ୍ୟାବର୍ତ୍ତନ ଯୋଗୁ ଧୋନୀଙ୍କ ଚାହିଦା ବଢ଼ିବ ନା କମିବ ତାହା ଖୁବଶୀଘ୍ର ଜଣାପଡ଼ିବ। ୨୦୦୮ ନିଲାମରେ ମୋଟା ଅଙ୍କର ଅର୍ଥ ନେଇ ଶ୍ରୀନିବାସନ ଧୋନୀଙ୍କୁ କିଣିଥିଲେ। ଏହାପରେ ଧୋନୀ ଓ ଶ୍ରୀନିବାସନଙ୍କ ସମ୍ପର୍କ ଭାରତୀୟ କ୍ରିକେଟରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା। ଏହି ଯୋଡ଼ି ଆଇପିଏଲ୍‌ରେ ସଫଳତା, ବିଫଳତା ଓ ବିବାଦର କେନ୍ଦ୍ର ସାଜିଥିଲେ। ୪୪ ବର୍ଷୀୟ ଧୋନୀଙ୍କୁ ଶ୍ରୀନିବାସନ୍ ଏଥର ସମାନ ଗୁରୁତ୍ୱ ଦେବେ କି ନାହିଁ ତାହା ସମୟ କହିବ।

ଅଧିନାୟକ ରୁତୁରାଜ ଗାଏକ୍ୱାଡ୍, କୋଚ୍ ଷ୍ଟିଫେନ୍ ଫ୍ଲେମିଂ ଧୋନୀଙ୍କୁ ଏକ ଶକ୍ତିଶାଳୀ ଟିମ୍ ଗଠନ କରିବା ପାଇଁ ଶ୍ରୀନବାସନଙ୍କୁ ଦାୟିତ୍ୱ ଦେଇଛନ୍ତି। ୨୦୨୬ ଆଇପିଏଲ୍‌ରେ ଧୋନୀ ଖେଳିବ କି ନାହିଁ ତାହା ସ୍ପଷ୍ଟ ହୋଇନି। ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଫିଟ୍‌ନେସ୍‌କୁ ଅନୁଧ୍ୟାନ କରିବା ପରେ ଖେଳିବା ସମ୍ପର୍କରେ ନିଷ୍ପତ୍ତି ନେବି। ଧୋନୀ ଦୁଇ/ତିନିଟି ସିଜନ୍ ହେବ ଆହତ ସମସ୍ୟା ଦେଇ ଗତି କରୁଛନ୍ତି। ଏହାର ପ୍ରଭାବ ଦଳର ପ୍ରଦର୍ଶନ ଉପରେ ପଡୁଛି। ତେଣୁ ଧୋନୀ ଠିକଣା ସମୟରେ ଉଚିତ ନିଷ୍ପତ୍ତି ନେବେ ବୋଲି ସମସ୍ତଙ୍କ ଆଶା ଓ ବିଶ୍ୱାସ ରହିଛି।

## ୨୦୨୩ ପରଠୁ ଇଂଲଣ୍ଡ ହାରିଲାଣି ୫ ଶୃଙ୍ଖଳା



ନୂଆଦିଲ୍ଲୀ,୬।୯ (ଏଜେନ୍ସି) : ଘରୋଇ ମାଟିରେ ଇଂଲଣ୍ଡ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ ଦେଖାଇଛି। ଦ.ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ବି ହାରିଛି ଇଂଲଣ୍ଡ। ପରାଜୟସହ ଦ୍ୱିପାକ୍ଷିକ ଶୃଙ୍ଖଳା ମଧ୍ୟ ହାତଛଡ଼ା କରିଛି। ୨୦୨୩ ଦିନିକିଆ ବିଶ୍ୱପରଠାରୁ ଇଂଲଣ୍ଡ ୬ଟି ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳିଛି। ଏଥିରୁ କେବଳ ଗୋଟିଏ ଜିତିଛି। ଜୁନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୩-୦ରୁ ହରାଇଥିଲା। ମାତ୍ର ଏହାପରେ ଇଂଲଣ୍ଡ ଦଳ ଲୟ ହରାଇ ଶୃଙ୍ଖଳା ହାରିଚାଲିଛି। ଦ.ଆଫ୍ରିକା ଦଳ ପ୍ରଥମ ମ୍ୟାଚ୍‌କୁ ୭ ୱିକେଟରେ ଜିତିଥିଲା। ୨୦୧୯ରେ ଇଂଲଣ୍ଡ ଦିନିକିଆ ବିଶ୍ୱକପ ଜିତିଥିଲା। ଏହାର ପରବର୍ତ୍ତୀ ୨୦୨୩ ବିଶ୍ୱକପ ପର୍ଯ୍ୟନ୍ତ ୭ଟି ଦିନିକିଆ ଶୃଙ୍ଖଳା ଜିତିଥିଲା। ମାତ୍ର ଗତ ଦିନିକିଆ ବିଶ୍ୱକପ ପରଠୁ ଇଂଲଣ୍ଡର ଦିନିକିଆ ପ୍ରଦର୍ଶନ ଖରାପ ରହିଛି। ଦଳ ୬ଟି ଦିନିକିଆ ଶୃଙ୍ଖଳା ଖେଳି ଗୋଟିଏ ଜିତିଛି। ୱେଷ୍ଟଇଣ୍ଡିଜ୍ ନିକଟରୁ ଦୁଇଥର, ଭାରତ ଠାରୁ ଥରେ, ଅଷ୍ଟ୍ରେଲିଆଠାରୁ ଥରେ ଏବଂ ଦ.ଆଫ୍ରିକା ନିକଟରୁ ଥରେ ଶୃଙ୍ଖଳା ପରାଜୟ ଭୋଗିଛି। ଇଂଲଣ୍ଡ ୨୨ଟି ଦିନିକିଆ ମ୍ୟାଚ୍ ଖେଳି ମାତ୍ର ୭ଟି ଜିତିଛି। ଇଣ୍ଡିଜ୍ ବିପକ୍ଷରେ ୫ଟି ଓ ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇଟି ମ୍ୟାଚ୍ ଜିତିଛି। ଦଳର ବିଜୟ ୩୧.୮% ରହିଛି। ବିଶ୍ୱକପ ୨୦୨୩ ପରଠୁ ପୂର୍ଣ୍ଣ ମାନ୍ୟତାପ୍ରାପ୍ତ ଦଳ ମଧ୍ୟରୁ କେବଳ ବାଂଲାଦେଶ ଓ ଜିମ୍ବାୱେର ବିଜୟ ଇଂଲଣ୍ଡଠାରୁ କମ ରହିଛି।

## ଶୁଭମନ, ଅଭିଶେକଙ୍କୁ ଗଲ୍ଫ ଖେଳିବାକୁ ପରାମର୍ଶ

ନୂଆଦିଲ୍ଲୀ,୬।୯ (ଏଜେନ୍ସି) : ଭାରତକୁ ଦୁଇଥର ବିଶ୍ୱକପ୍ ଜିତାଇବାରେ ଅଗ୍ରଣୀ ଭୂମିକା ନେଇଥିବା ଯୁବରାଜ ସିଂ ଗୁରୁମନ୍ତ୍ର ଦେଇଛନ୍ତି। ଶୁଭମନ ଗିଲ୍ ଓ ଅଭିଶେକ ଶର୍ମାଙ୍କୁ ସେ ଗଲ୍ଫ ଖେଳିବା ପାଇଁ ପରାମର୍ଶ ଦେଇଛନ୍ତି। କିଛିଦିନ ତଳେ ଭାରତର ପୂର୍ବତନ ଅଧିନାୟକ କପିଳ ଦେବ ମଧ୍ୟ କହିଥିଲେ ଯଦି ମୁଁ ଗଲ୍ଫ ଖେଳିଥାନ୍ତି, ତେବେ ଆହୁରି ଅତିରିକ୍ତ ୨ ହଜାର ରନ କରିଥାନ୍ତି। ଯୁବରାଜ ଏବେ କହିଛନ୍ତି ମୁଁ କପିଳ ପାଜିଙ୍କ କଥାରେ ସହମତ। ଗଲ୍ଫ ଖେଳିଥିଲେ ମୁଁ ମଧ୍ୟ ଅଧିକ ୩ହଜାର ରନ କରିଥାନ୍ତି। କ୍ରିକେଟରେ ଆପଣଙ୍କୁ ବହୁତ କମ ଦ୍ୱିତୀୟ ସୁଯୋଗ ମିଳିଥାଏ। ସୁଯୋଗର ସଦୁପଯୋଗ ଜରୁରୀ। ଗଲ୍ଫ ଖେଳିବା ଦ୍ୱାରା ବଲ୍‌କୁ ଠିକ ଭାବେ ମାରିବାରେ ସହାୟକ ହୋଇଥାଏ। ଗିଲ୍ ଓ ଅଭିଶେକ ଯଦି ଗଲ୍ଫ ଖେଳନ୍ତି, ତେବେ ସେମାନେ ଅଧିକରୁ ଅଧିକ ରନ ସଂଗ୍ରହ କରିବେ। ଆଇପିଏଲ୍ ସମୟରେ ସେମାନେ ଗଲ୍ଫ ଖେଳିବା ପାଇଁ ସମୟ ବାହାର କରିପାରିବେ ବୋଲି ଯୁବରାଜ କହିଛନ୍ତି।

## ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର, ୬।୯ (ସବ୍ୟୁ) : ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲଠାରେ ଓଡ଼ିଶା ରାଇଫଲ ସଂଘ ଆନୁକୂଲ୍ୟରେ ୧୪ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ଗତ ୧ ତାରିଖରେ ଆରମ୍ଭ ହୋଇ ୪ ତାରିଖରେ ଶେଷ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦୁଇଦିନ କଳିଙ୍ଗ ଷ୍ଟାଡିୟମ ସ୍ଥିତ ୫୦ ମିଟର ବନ୍ଧୁକ ଚାଳନା ରେଞ୍ଜ ଏବଂ ତୃତୀୟ ଓ ଚତୁର୍ଥ ଦିନ ଉତ୍କଳ କରାଟେ ସ୍କୁଲ୍‌ସ୍ଥିତ ୧୦ ମିଟର ଏୟାର ରାଇଫଲ ଓ ପିସ୍ତଲ ସୁଟିଂ ରେଞ୍ଜ୍‌ରେ ଅନୁଷ୍ଠିତ ହୋଇଥିଲା। ବନ୍ଧୁକ ଚାଳନାର ବିଭିନ୍ନ ବିଭାଗ ଯଥା ୫୦ ମିଟର ପ୍ରୋନ୍, ଥ୍ରୀ ପୋଜିସନ ୨୫ ମିଟର ପିସ୍ତଲ, ୧୦ ମିଟର ଏୟାର ରାଇଫଲ ଓ ପିସ୍ତଲ ଉଭୟ ପୁରୁଷ ଓ ମହିଳା ବିଭାଗର ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭାରତୀୟ ଜାତୀୟ ରାଇଫଲ ସଂଘ ସଭାପତି କଳିକେଶ ନାରାୟଣ ସିଂହଦେଓ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଇଫଲ ସଂଘର ସଭାପତି ଗୌରୀ ମହାନ୍ତି, ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଉପସଭାପତି ରୋମୀୟକାନ୍ତ ନନ୍ଦ ଓ ଇଞ୍ଜିନିୟର ଚିତ୍ତରଞ୍ଜନ ସ୍ୱାଇଁ, କୋଷାଧ୍ୟକ୍ଷ ବଳଭଦ୍ର ଦାସ, ଯୁଗ୍ମ ସମ୍ପାଦକ ଆଶିଷ ନାୟକ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଯାପନୀ ଉତ୍ସବ ପରିଚାଳନା କରିଥିଲେ।

## ବିଶ୍ୱ ପାରା ଫେନସିଂ ଚାମ୍ପିଅନସିପ୍
## ଫଏଲ, ଏପି ଦଳଗତରେ ସଫଳ ପ୍ରଦର୍ଶନ

ଭୁବନେଶ୍ୱର, ୬।୯ (ସବ୍ୟୁ) : ଦକ୍ଷିଣ କୋରିଆର ଇନ୍ଚ୍ୱାନରେ ଚାଲିଥିବା ବିଶ୍ୱ ପାରା ଫେନସିଂ ଚାମ୍ପିଅନସିପ୍‌ରେ ଭାରତୀୟ ପୁରୁଷ ଏପି ଏବଂ ମହିଳା ଫଏଲ୍ ଦଳଗତ ଇଭେଣ୍ଟରେ ଜମାଣିଆ ପ୍ରଦର୍ଶନ ଦେଖାଇଛନ୍ତି।

ପୁରୁଷ ଏପି ଦଳଗତ ପ୍ରଥମ ମ୍ୟାଚ୍‌ରେ ଭାରତ ୨୫-୪୫ରେ ୟୁକ୍ରେନଠାରୁ ହାରିଥିଲା। ୨ୟ ମ୍ୟାଚ୍‌ରେ ବ୍ରାଜିଲଠାରୁ ୪୦-୪୫ରେ ପରାଜିତ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ଦ.କୋରିଆଠାରୁ ୪୩-୪୫ରେ ହାରିଥିଲା। ଚତୁର୍ଥ ମ୍ୟାଚ୍‌ରେ ଦଳ ହଂକଂକୁ ୪୫-୩୯ ବ୍ୟବଧାନରେ ପରାଜିତ କରି ଶାନ୍ତ୍ୱନାମୂଳକ ବିଜୟଲାଭ କରିଛି। ମହିଳା ଫଏଲ୍ ବର୍ଗର ପ୍ରଥମ ମ୍ୟାଚ୍‌ରେ ଭାରତ ୧୧-୪୫ ବ୍ୟବଧାନରେ ଇଟାଲିଠାରୁ, ଦ୍ୱିତୀୟ ମ୍ୟାଚ୍‌ରେ ଥାଇଲାଣ୍ଡଠାରୁ ୨୫-୪୫ ଏବଂ ୩ୟ ମ୍ୟାଚ୍‌ରେ ବ୍ରାଜିଲଠାରୁ ୩୧-୪୫ ବ୍ୟବଧାନରେ ପରାଜିତ ହୋଇଛି। ଶନିବାର ପୁରୁଷ ଫଏଲ୍ ବ୍ୟକ୍ତିଗତ ଏବଂ ମହିଳା ସାବରେ ବ୍ୟକ୍ତିଗତରେ ରାଖାଲ କୁମାର ସେଠୀ, ଭି.ରମେଶ ରାଓ ଏବଂ ଓମ୍‌ପ୍ରକାଶ ବେହେରା ପ୍ରତିଦ୍ୱନ୍ଦ୍ୱିତା କରିବେ।

## ୮ରୁ କେରଳରେ ଏରୋବିକ୍ ନ୍ୟାସନାଲ ଜିମ୍ନାଷ୍ଟିକ ଚାମ୍ପିଅନସିପ୍

ଭୁବନେଶ୍ୱର, ୬।୯ (ସବ୍ୟୁ) : ଚଳିତ ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ କେରଳରେ ଏରୋବିକ୍ ନ୍ୟାସନାଲ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏସନରୁ ୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଗତ ଅଗଷ୍ଟ ମାସ ୨୨ରୁ ୨୬ ତାରିଖ ଯାଏ ପୁରୀ ଜିଲ୍ଲା ସ୍କୁଲଠାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ସେଥିରେ ଭୁବନେଶ୍ୱରରୁ ୪ ଜଣ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ବିଘ୍ନେଶ ଦାସ, ରଶ୍ମିରେଖା ସାହୁ ଓ ରତିକାନ୍ତ ପ୍ରଧାନ ଚୟନ ହୋଇ ଜାତୀୟ ଏରୋବିକ୍ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଓଡ଼ିଶା ମୋଟ ୬ ଜଣ ଭାଗ ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ଜଣ ଜିମ୍ନାଷ୍ଟିକ୍ ଭୁବନେଶ୍ୱର ଆସୋସିଏସନେ ଖେଳାଳି। ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏସନ୍ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ମୀରାରାଣୀ ଦାସ, କାର୍ଯ୍ୟକାରୀ ସଦସ୍ୟ ଯଶୋବନ୍ତ ଦାସ ଓଡ଼ିଶା ଦଳରେ ଭାଗ ନେଇଥିବା ସମସ୍ତ ୬ ଜଣ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଏହାସହିତ ପ୍ରଥମ ଥର ପାଇଁ ଓଡ଼ିଶା ତରଫରୁ ଏରୋବିକ୍ ଜିମ୍ନାଷ୍ଟିକ୍ ଦଳ ଜାତୀୟ ସ୍ତରରେ ଖେଳିବାକୁ ସୁଯୋଗ ପାଇଥିବାରୁ ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ଅଶୋକ ସାହୁ ଧନ୍ୟବାଦ ଜଣାଇଛନ୍ତି।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୦୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୦୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି